ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ସୋମବାର ୧୧ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 JANUARY 2021
Vol.No. 31 ■ No. 11 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ମୁଖ୍ୟମନ୍ତ୍ରୀଙ୍କ ସହ ସବୁ ମନ୍ତ୍ରୀ ଦେଲେ ସମ୍ପତ୍ତି ତାଲିକା



ଭୁବନେଶ୍ୱର,୧୦।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ନିଜ ସମ୍ପତିର ତାଲିକା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତିର ମୂଲ୍ୟ ମିଶି ପ୍ରାୟ ୬୪ କୋଟି ୯୮ ଲକ୍ଷ ୧୯ ହଜାର ୭୬୪ ଟଙ୍କା। ସିଏମଓ ୱେବ୍ ସାଇଟ୍‌ରେ ତାଙ୍କ ସମ୍ପତିର ତାଲିକା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ୭ ଟି ବ୍ୟାଙ୍କ୍ ଆକାଉଂଟ ଧ୍ୟରୁ ଦିଲ୍ଲୀର ଜନପଥ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଂଟରେ ଅଛି ୧୬ ଲକ୍ଷ ୭୬ ହଜାର ୧୮ ଟଙ୍କା ୬୩ ପଇସା। ଏହି ବ୍ୟାଙ୍କର ଟର୍ମ ଡିପୋଜିଟ ଅଛି ୧ କୋଟି ୩ ଲକ୍ଷ ୧୩ ହଜାର ୪୯୯ ଟଙ୍କା । ଦିଲ୍ଲୀର ପାର୍ଲାମେଂଟ ହାଉସ ଏସବିଆଇ ଶାଖାରେ ଅଛି ୧ ହଜାର ୮ଶହ ୧୮ ଟଙ୍କା । ଭୁବନେଶ୍ୱର ଏସବିଆଇ ଶାଖାରେ ଜମା ଅଛି ୧୦ ଲକ୍ଷ ୫୬ ହଜାର ୮ଶହ ୮୮ ଟଙ୍କା। ହିଞ୍ଜିଳିରେ ଷ୍ଟେଟବ୍ୟାଙ୍କ ଶାଖାରେ ଅଛି ୬ ହଜାର ୭୪୬ ଟଙ୍କା। ଏହି ଶାଖାରେ ହିଁ ଅନ୍ୟ ଏକ ଆକାଉଂଟରେ ୧୩ ହଜାର ୮୧୮ ଟଙ୍କା ଅଛି। ସେହିଭଳି ବରଗଡ଼ ର ପଦ୍ମପୁର ଏସବିଆଇ ଶାଖାରେ ୩୭ ହଜାର ୨୨୩ ଟଙ୍କା ଅଛି। ସେହିପରି ନବୀନଙ୍କ ପାଖରେ ରହିଛି ପ୍ରାୟ ୨ଲକ୍ଷ ୮୯ହଜାର ୫୮୭ ଟଙ୍କାର ସୁନାଗହଣା। ୧୯୮୦ ମଡେଲର ଏକ ଆମ୍ବାସାଡର କାର ରହିଛି ଯାହାର ଆନୁମାନିକ ମୂଲ୍ୟ ମୂଲ୍ୟ ୮ହଜାର ୯୦୫ ଟଙ୍କା ହେବ। ସ୍ଥାବର ସମ୍ପତି ମଧ୍ୟରେ ଭୁବନେଶ୍ୱର, ଦିଲ୍ଲୀ ଓ ହରିଆଣାରେ ରହିଛି ଜମି ଓ କୋଠା।

▶▶ପୃଷ୍ଠା ୭

## ୨ ବର୍ଷରେ ୮୦ଟି ଗାଡ଼ି କିଣିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ



ଭୁବନେଶ୍ୱର,୧୦।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଦେଇଛନ୍ତି ସେମାନଙ୍କ ସମ୍ପତ୍ତିର ତାଲିକା। ସିଏମ୍ ?ଓ ୱେବ୍ ?ସାଇଟ୍ ? ପ୍ରକାଶ ପାଇଛି ସେମାନଙ୍କ ସଂପତ୍ତିର ତାଲିକା। ୨୦୨୦ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନିଜ ସଂପତ୍ତିର ତାଲିକା ଦେଇଛନ୍ତି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ମିଶି ୬୪ କୋଟି ୯୮ ଲକ୍ଷ ୧୯ ହଜାର ୭୬୪ ଟଙ୍କା। ଅନ୍ୟ ମନ୍ତ୍ରୀଙ୍କ ଭଳି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ମଧ୍ୟ ତାଙ୍କ ସଂପତ୍ତିର ତାଲିକା ଦେଇଛନ୍ତି। ଏହି ସୂଚନା ଅନୁଯାୟୀ, ୨ ବର୍ଷରେ ସେ କିଣିଛନ୍ତି ୮୦ଟି ଗାଡ଼ି।

▶▶ପୃଷ୍ଠା ୭

# ବିଜୁ ସେତୁ ଭୁଷୁଡ଼ିବା ଘଟଣାରେ ଠିକାଦାର ଓ ଅଧିକାରୀଙ୍କୁ ବାନ୍ଧିବାକୁ ଉପରୁ ନିର୍ଦ୍ଦେଶ





ଭୁବନେଶ୍ୱର,୧୦।୦୧ (ନି.ପ୍ର): ଉମରକୋଟରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ଘଟଣାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କହିଲେ ଉନ୍ନୟନ କମିଶନର। ସମ୍ପୃକ୍ତ ଠିକାଦାର ଓ ଅଧିକାରୀଙ୍କ ନାଁରେ ଫୌଜଦାରୀ ମାମଲା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଠିକାଦାର ଓ ଅଧିକାରୀଙ୍କୁ ଗିରଫ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୁନାବେଡା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲା ଉମରକୋଟରେ ନିର୍ମାଣାଧୀନ ପୋଲ ଭୁଶୁଡ଼ି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏଥିସହ ୬ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି । ତାଲାପଦର ପାଖରେ ନିର୍ମାଣାଧିନ ପୋଲ ଭୁଶୁଡ଼ି ପଡ଼ି ଜଣକର ଜୀବନ ଯାଇଛି । ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ ବେଳେ ଏହି ଅଘଟଣ ଘଟିଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆହତ ଶ୍ରମିକଙ୍କୁ ଉମରକୋଟ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତିଦିନ ପରି ଆଜିବି ପୋଲ କାମ ଚାଲୁଥିଲା। ପୋଲ ଉପରେ ସ୍ଲାବ ପଡୁଥିଲା।

▶▶ପୃଷ୍ଠା ୭

## ଇଣ୍ଡୋନେସିଆ ବିମାନ ନିଖୋଜ ଘଟଣାରେ ଚିନ୍ତାବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଇଣ୍ଡୋନେସିଆର ଶ୍ରୀବିଜୟ ଏୟାର ଫ୍ଲାଇଟ୍ ୧୮୨ ନିଖୋଜ ହେବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସମସ୍ତ ଯାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରବର୍ଗ ଓ ବନ୍ଧୁମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

## ଏଟିଏମ୍ ଭିତରେ ଯୁବକଙ୍କୁ ଆକ୍ରମଣ, ୩୫ ହଜାର ଟଙ୍କା ଲୁଟ୍

ବାଲେଶ୍ୱର,୧୦।୦୧ (ନି.ପ୍ର): ଏଟିଏମ୍ ଭିତରେ ଯୁବକଙ୍କୁ ଆକ୍ରମଣ କରି ୩୫ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ । ସୋର ଥାନା ଅନ୍ତର୍ଗତ ଷ୍ଟେସନ ଛକ ଏଟିଏମ୍ ଭିରେ ମାଡ ମାରି ଲୁଟ୍ ହୋଇଛି । ଯୁବକ ଜଣକ ଏଟିଏମ୍ ରୁ ଟଙ୍କା ଉଠାଉଥିବା ବେଳେ ଦୁର୍ବୃତ ମାନେ ତାଙ୍କ ଉପରେ ଆକ୍ରମଣ କରିବା ସହ ଟଙ୍କା ଲୁଟିନେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ତିନି ଦୁର୍ବୃତ ଆସିଥିବା। ଦୁର୍ବୃତ ମାନେ ଯୁବକଙ୍କ ଲାପଟପ୍ ଓ ମୋବାଇଲ୍ ମଧ ଭାଙ୍ଗି ଦେଇଛନ୍ତି । ଥାନାରେ ଏନେଇ ଯୁବକଙ୍କ ପକ୍ଷରୁ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ୍ କୁ ଭିତି କରି ତଦନ୍ତ ଆରମ୍ଭ କରିଛି ।

## ଗୋଟିଏ ଦିନରେ ୨୬୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୧୮୬୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୨୭୮୦୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୧୧୫ ରହିଛି।

▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସମୃଦ୍ଧ ଅଂଚଳ ହେବ ଅନୁଗୁଳ : ଧର୍ମେନ୍ଦ୍ର



ଅନୁଗୁଳ,୧୦।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖଣି ଖଦାନ ଅଂଚଳ ଅନୁଗୁଳ ତଥା ତାଳଚେରର ବିକାଶ ପାଇଁ ଡିଏମଏଫ ଫଣ୍ଡ୍ ସମେତ କୋଇଲା ଉତ୍ପାଦନକୁ ବଢ଼ାଇବା ପାଇଁ ଅନେକ ଯୋଜନା କରିଛନ୍ତି । ଆଗାମୀ ଦିନ ମାନଙ୍କରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାକୁ ସମୃଦ୍ଧ ଅଂଚଳ କରାଯିବ ବୋଲି ରବିବାର ଅନୁଗୁଳ ଜିଲ୍ଲାରେ ବିଜେପି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଅନେକ ଲୋକଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ମିଶ୍ରଣ ପର୍ବରେ ଶ୍ରୀ ପ୍ରଧାନ ଅନୁଗୁଳ, ଛେଣ୍ଡିପଦା, ପାଲଲହଡ଼ା, ତାଳଚେରର ଅନେକ କଂଗ୍ରେସ, ବିଜେଡ଼ି, ବିଏସପିର ଶତାଧିକ କର୍ମୀ ତଥା ଅନେକ ଯୁବକ ମାନଙ୍କୁ ଦଳରେ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଳରେ ସମସ୍ତଙ୍କ ଯୋଗଦାନ ପ୍ରଧାନମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହ ଓଡ଼ିଶାରେ ଦଳୀୟ ସଂଗଠନକୁ ମଜବୁତ୍ କରିବ । ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ବିକାଶ ପାଇଁ ପୂର୍ବୋଦୋୟର ଯୋଜନା ଆରମ୍ଭ କରିଥିବା ବେଳେ ଓଡ଼ିଶାକୁ ସମୃଦ୍ଧଶାଳୀ କରିବା ପାଇଁ ପଡ଼ିବ।

▶▶ପୃଷ୍ଠା ୭

# ମାଟିତଳେ ତେଲ ସନ୍ଧାନ ବେଳେ ବିସ୍ଫୋରଣ





କୋଣାର୍କ,୧୦।୦୧ (ନି.ପ୍ର): ଭୂତଳ ତୈଳ ସର୍ଭେ ପାଇଁ ବ୍ଲାଷ୍ଟିଂ ବେଳେ ଘରଦ୍ୱାର ଫାଟିଲା। ଗୋପ ବ୍ଲକ ଆମ୍ବିଳି ଗାଁରେ ସର୍ଭେ ବେଳେ ଘରେ ଫାଟ ହୋଇଥିବା ଅଭିଯୋଗ ହୋଇଛି। ବିନା ନୋଟିସରେ ବ୍ଲାଷ୍ଟିଂ କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସର୍ଭେ କାମରେ ଲାଗିଥିବା କିଛି ଗାଡ଼ି ଓ ଜଣେ କର୍ମଚାରୀ ଅଟକ ଅଛନ୍ତି। କ୍ଷତିପୂରଣ ଦାବିରେ ଗାଡ଼ି ଓ କର୍ମଚାରୀଙ୍କୁ ଅଟକ ରଖିଛନ୍ତି ଗ୍ରାମବାସୀ। ସୂଚନା ଅନୁଯାୟୀ, ଅଏଲ ଇଣ୍ଡିଆ ପକ୍ଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ, କାକଟପୁର, କୋଣାର୍କ, ଗୋପ ଅଞ୍ଚଳରେ ଭୂତଳରେ ଥିବା ପ୍ରାକୃତିକ ଇନ୍ଧନର ସନ୍ଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଅଏଲ ଇଣ୍ଡିଆ ଦ୍ୱାରା ନିଯୁକ୍ତ ହାଇଦ୍ରାବାଦର ଆଲ୍ଫା ଜିଓ ଇଣ୍ଡିଆ ଲିମିଟେଡ ନାମକ ଏକ ସର୍ଭେ ସଂସ୍ଥା ଦ୍ୱାରା ବୋରିଙ୍ଗ କରାଯାଇ ଗର୍ତ୍ତ ମଧ୍ୟରେ ଡିନାମାଇଟ ବ୍ଲାଷ୍ଟିଙ୍ଗ କରାଯାଇଥିଲା। ଏହି ସମୟରେ ଗୋପ ବ୍ଲକ ଆମ୍ବିଳିଗାଁରେ ବିଭିନ୍ନ ଲୋକଙ୍କ ଘରେ ବିରାଟ ବିରାଟ ଫାଟ ସୃଷ୍ଟି ହୋଇଥିଲା। ଏଥିଯୋଗୁଁ ଗାଁରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି ।

▶▶ପୃଷ୍ଠା ୭

# ରାଜ୍ୟର ୧୬୦ଟି ସ୍ଥାନରେ ଦିଆଯିବ କରୋନା ଟିକା




ଭୁବନେଶ୍ୱର,୧୦।୦୧ (ନି.ପ୍ର): କରୋନା ଟୀକାରକଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ । ରାଜ୍ୟର ୧୬୦ଟି ସ୍ଥାନରେ ଟୀକାକରଣ କରାଯିବାକୁ ଚିହ୍ନଟ କରାଯାଇଛି ।ସରକାରୀ ଓ ଘରୋଇ ହସ୍ପିଟାଲ, ସିଏଚସି, ପିଏଚସିରେ ଟିକାକରଣ କରାଯିବ। ପ୍ରତି ସାଇଟରେ ୧୦୦ ଜଣ ଲେଖାଏଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଟୀକା ଦିଆଯିବ । କେନ୍ଦ୍ର ସରକାରଙ୍କ ନିଷ୍ପତି ଅନୁସାରେ ଆସନ୍ତା ୧୬ତାରିଖରୁ ଟୀକାକରଣ ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ରବିବାର ଦିନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟକୁ କେତେ ସଂଖ୍ୟାରେ ଟୀକା ଆସିବ ଏବଂ କେବେ ଆସିବ ତାହା ଜଣାପଡିନାହିଁ। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହେବ। ବୈଠକ ପରେ ଏନେଇ ସ୍ପଷ୍ଟ ହୋଇପାରେ।

## ୧୪ରେ କଳାହାଣ୍ଡି ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡିର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ଜାନୁଆରୀ ୧୪ରେ ଜିଲ୍ଲାଗସ୍ତ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲା ବିଜେଡି ଚଳଚଂଚଳ ହୋଇଉଠିଛି। ରବିବାର ଦିନ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ସୂଚନା ଦେଇଛନ୍ତି।

# ଫାଇବ ମିନିଟ୍ ଆର୍ଟସର ବନ୍ଧୁମିଳନ ଓ କ୍ୟାଲେଣ୍ଡର ଉନ୍ମୋଚନ



ଭୁବନେଶ୍ୱର, ୧/୧୦(ନି.ପ୍ର): ଆଜି ଅଗ୍ରଣୀ କଳା ଅନୁଷ୍ଠାନ ଫାଇବ୍ ମିନିଟ୍ ଆର୍ଟସ ଆନୁକୂଲ୍ୟରେ ଧଉଳିଗିରି ଅଶୋକଙ୍କ ହାତୀଗୁମ୍ଫା ଶିଳାଲେଖଠାରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଇ ଅବସରରେ ଓଡ଼ିଶାର ୧୨ ଜଣ ବିଶିଷ୍ଟ କଳାକାରଙ୍କ ଅଙ୍କିତଚିତ୍ରକୁ ନେଇ ଏକ ରଂଗିନ୍ କ୍ୟାଲେଣ୍ଡରର ଉନ୍ମୋଚନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବରେ ବିଶିଷ୍ଟ ଗୀତିକାର, ସଂଳାପ ଲେଖକ ଡ. ରଜନୀରଞ୍ଜନ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧଉଳି ଗୁଲୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥିଭାବରେ ଯୋଗ ଦେଇଥିଲେ । ଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ଉତ୍ସବଟିକୁ ପରିଚାଳନା କରିଥିଲେ ।

# ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ

## ବାହାବଳପୁରରେ ମେରାଇନ କେଜ କଲଚର ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର,୧୦।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାବଳପୁରଠାରେ ଆଜି ମେରାଇନ କେଜ୍ କଲ୍‌ଚର (ସମୁଦ୍ରରେ ପଞ୍ଜୁରୀ ଭିତରେ ମାଛ ଚାଷ) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏହି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଗଭୀର ସମୁଦ୍ରରେ ଅତ୍ୟାଧୁନିକ ମେରାଇନ କେଜ କଲଚର ମାଧ୍ୟମରେ ମତ୍ସ୍ୟ ଉତ୍ପାଦନ କରାଗଲେ ଏହା ବେଶ୍ ଲାଭଜନକ ସାବ୍ୟସ୍ତ ହେବା ସହ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡଙ୍ଗୀ କହିଥିଲେ । ମାଛ ଚାଷର ବିକାଶ ପାଇଁ ସମ୍ପ୍ରତି ବିପୁଳ ସବସିଡି ପ୍ରଦାନ କରାଯାଉଥିବା ବେଳେ ଜନସାଧାରଣ ଏହାର ସୁଯୋଗ ନେଇ ମାଛ ଚାଷ କରିବା ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହେବାକୁ ସେ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ଼ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସି. ସୁବର୍ଣ୍ଣା, ଭାରତ ସରକାରଙ୍କ ମତ୍ସ୍ୟ,

▶▶ପୃଷ୍ଠା ୭

# ଓଡିଶାରେ ବାର୍ଡ ଫ୍ଲୁ ନାହିଁ



ଭୁବନେଶ୍ୱର,୧୦।୦୧ (ନି.ପ୍ର): ରାଜ୍ୟରେ ଏପର୍ଯ୍ୟନ୍ତ ବାର୍ଡଫ୍ଲୁ ଦେଖାଦେଇନାହିଁ। ପର୍ଯ୍ୟନ୍ତ ୧୨,୩୬୯ ନମୁନା ସଂଗ୍ରହ କରାଯାଇଥିଲେ ହେଁ କୌଣସିଟିରେ ଏହି ରୋଗ ପ୍ରକାଶ ପାଇନାହିଁ ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୁକୁଡା ଫାର୍ମ ମାଲିକ, କୁକୁଡା ଚାଷୀ ଏବଂ କୁକୁଡା ମାଂସ ଓ ଅଣ୍ଡା ଦୋକାନୀ ମାନେ ସତର୍କ ରହି ନିଜ ଫାର୍ମ, କୁକୁଡା ଘର ଓ ଦୋକାନ ପରିସର ସଫାସୁତୁରା ରଖିବା ସହ ପରିସ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ଅନୁରୋଧ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଂଚଳରର ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଦ୍ୱାରା ୫ ଟି ନିରୀକ୍ଷଣ ଦଳ ଗଠନ କରାଯାଇ କୁକୁଡା ମାଂସ ଓ ଅଣ୍ଡା ଦୋକାନ ଏବାଂ ପାଶ୍ୱବର୍ତ୍ତୀ କୁକୁଡା ଫାର୍ମ ଗୁଡିକର ନିରୀକ୍ଷଣ କରାଯାଉଛି। ସେହିପରି ଜନସାଧାରଣ ସତର୍କ ରହି କୁକୁଡା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବାକୁ ଅନୁରୋଧ କରାଯାଇଛି । ନିଜ ଅଂଚଳରର କୁକୁଡାଙ୍କ ସାଂଖ୍ୟାଧିକ ଅଥବା କ୍ରମାଗତ ମୃତ୍ୟୁ କିମ୍ବା ମଡକ ଦେଖିଲେ ନିକଟସ୍ଥ ପ୍ରାଣୀଚିକିତ୍ସକ/ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ରାଜ୍ୟ ନିୟନ୍ତ୍ରଣ କକ୍ଷକୁ ଫୋନ ନମ୍ବର ୦୬୭୧ ୨୪୧୪୩୧୦ ଏବାଂ ହ୍ୱାଟସଆପ ନମ୍ବର ୭୨୦୫୫ ୯୮୧୨୫ ରେ ସୂଚନା ଦେବାକୁ କୁହାଯାଇଛି।

# ଖଇରା ଅଞ୍ଚଳରେ ଅବକାରୀ ବିଭାଗର ଚଢାଉ : ବିପୁଳ ସଂଖ୍ୟାରେ ଦେଶୀ ମଦ ସହିତ ଦୁଇ ମହିଳା ମଦ ବେପାରୀ ଗିରଫ



ଖଇରା,୧୦।୧ (ନି.ପ୍ର): ଖଇରା ବ୍ଲକରେ ବାଲେଶ୍ୱରରେ ମୋବାଇଲ ସ୍କୋର୍ଡ ସୋର ଅବକାରୀ ବିଭାଗର ମିଳିତ ସହଯୋଗରେ ଚଢାଉ କରାଯାଇ ଦେଶୀ ଓ ବିଦେଶୀ ମଦ ସହିତ ବେଆଇନ ଭାବେ ବିକ୍ରିକରୁଥିବା ଦୁଇ ମହିଳା ମଦ ବେପାରୀଙ୍କୁ ଗିରଫ କରି କୋଟ ଚାଲାଣ କରାଯାଇଛି । ଆଜି ସକାଳେ ବିଶେଷ ସିତ୍ରରୁ ଖବର ପାଇ ବାଲେଶ୍ୱର ମୋବାଇଲ ସ୍କୋର୍ଡ ଇନିସପେକ୍ଟର ଗାଲୁରାମ ସୋରେନ ଓ ଖଇରା ଅବକାରୀ ବିଭାଗର ଅଧିକାରିଣୀ ସ୍ୱାତୀ ପଟ୍ଟନାୟକଙ୍କ ନେତୃତ୍ୱରେ ଖଇରା ବ୍ଲକର ସାରଡାଙ୍ଗ ପଞ୍ଚାୟତ ହରନବାବୀ ଗ୍ରାମର ମାନସୀ ବେହେରାଙ୍କର ଘର ଉପରେ ଚଢାଉ କରି ତିନିଶହ ଲିଟର ଦେଶୀ ମଦ, ସାଢେ ତିନି ଲିଟର ବିଦେଶୀ ମଦ,ସାଢେ ତିନି ଲିଟର ବିୟର ଜବତ କରିବା ସହିତ ମାନସୀ ବେହେରାଙ୍କୁ ଗିରଫ କରି କେସ ନମ୍ବର ୪୯/୨୧ ମୂଳେ ମାମଲା ରୁଜୁକରି କୋଟଚାଲାଣ କରିଥିଲେ । ସେହିଭଳି ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତର ତେନ୍ତଳାଗଡିଆ ଗ୍ରାମର ସରସ୍ୱତୀ ପରିଡାଙ୍କର ବାଲେଶ୍ୱର ମୋବାଇଲ ସ୍କୋର୍ଡ ପକ୍ଷରୁ ଚଢାଉ କରି ସାତ ଲିଟର ଦେଶୀ ମଦ ଯବତ କରିବା ସହିତ କେସ ନମ୍ବର ୧୦୨/୨୧ ମାମଲା ରୁଜୁକରି ସରସ୍ୱତୀ ପରିଡାଙ୍କୁ କୋଟ ଚାଲାଣ କରିଛନ୍ତି । ଏହି ଚଢାଉରେ ନିଳଗିରି ରେଞ୍ଜର ଇନିସପେକ୍ଟର ନାରାୟଣ ବେହେରା , ଖଇରା ଅବକାରୀ ବିଭାଗର ଏସଆଇ ଭାସ୍କର ବେହେରା ଓ ଖଇରା ଅବକାରୀର କନେସ୍ଟବଳ ଦେବାଶିଷ ମଲ୍ଲିକ,ସୋର ଅବକାରୀ ବିଭାଗର କନେସ୍ଟବଳ ତପନ କୁମାର ମଲ୍ଲିକ,ମିନତୀ ଯେନା,ଏସଆଇ ମାନଗୋବିନ୍ଦ ମହାପାତ୍ର, କନେସ୍ଟବଳ ପ୍ରହଲ୍ଲାଦ ବିଶ୍ୱାଳ,ବିଦ୍ୟାଧର ବିନ୍ଧାଣୀ ଓ ସେକ କଲିମ ପ୍ରମୁଖ ଚଢାଉରେ ସହଯୋଗ କରିଥିଲେ । ଏହି ଚଢାଉ ପରେ ଖଇରା ଅଞ୍ଚଳରେ ବେଆଇନ ଭାବେ ବିକ୍ରୀ କରିଥିବା ମଦ ବେପାରୀଙ୍କ ମଧ୍ୟରେ ପକୁଆ ଭୟ ଦେଖାଦେଇଛି ।

# ବନ୍ତରେ ନ୍ୟାୟାଳୟ ପ୍ରତିଷ୍ଠା ବିଳମ୍ବତାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି

ଭଦ୍ରକ,୧୦।୧ (ନି.ପ୍ର): ଏହି ଜିଲାର ବନ୍ତରେ ଅସ୍ଥାୟୀ ରୂପେ କୋର୍ଟ ଚାଲିବା ପାଇଁ ଏକବର୍ଷରୁ ଉର୍ଦ୍ଧ୍ୱ ହେବ ଗୃହ ମରାମତି ସରିଥିବାବେଳେ କୋଟ ଖୋଲିବାର ବିଳମ୍ବତାକୁ ନେଇ ଜନଅସନ୍ତୋଷ ବୃଦ୍ଧିପାଉଛି । ବ୍ଲକ ଅଧିନରେ ଏକ ଲକ୍ଷ ସତୁରୀ ହଜାର ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଥିବାରୁ ଜନସଂଖ୍ୟାର ଘନତା ,ଦୂରତା ଓ ବିଭିନ୍ନ ମାମାଲା କୁ ନେଇ ପୂର୍ବରୁ ବନ୍ତରେ କୋର୍ଟ ପ୍ରତିଷ୍ଠା ହେବାର ଅବଶ୍ୟମ୍ଭାବି ହୋଇଥିଲା । ଉକ୍ତ ଅଂଚଳର ଶତାଧିକ ସଂଖ୍ୟାରେ ଆଇନଜୀବି, ବିଭିନ୍ନ ଦଳୀୟ ନେତା ,ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବି, ସ୍ୱୟଂ ସହାୟିକା ଫେଡେରେସନ୍‌ର କର୍ମକର୍ତା ସମାଜସେବୀ, ବ୍ୟବସାୟୀ, ସାମ୍ବାଦିକମାନେ ଉପସ୍ଥିତ ରହି ଉକ୍ତ ଅଂଚଳରେ କୋଟ ପ୍ରତିଷ୍ଠା ହେବା ଏକାନ୍ତ ପ୍ରୟୋଜନ ବୋଲି ଆଲୋଚନା ହେବାସହ ଏକ ଦାବୀ ପତ୍ର ମାନ୍ୟବର ଭଦ୍ରକ ଜିଲା ଜର୍ଜ ଓ ଜିଲାପାଳ ମହୋଦୟ ଙ୍କୁ ପ୍ରଦାନ କରିଥିଲେ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଭଦ୍ରକର ମାନ୍ୟବର ଜିଲା ଜର୍ଜ ବନ୍ତ ବ୍ଲକ ପରିଦର୍ଶନରେ ଆସି ବନ୍ତରେ ଏକ ପ୍ରଥମ ଶ୍ରେଣୀ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିବାସହ ବରକୋଣାଠାରେ ଥିବା ସରକାରୀ ସ୍ଥାନକୁ ଉପଯୁକ୍ତ ସ୍ଥାନଭାବେ ଚିହ୍ନଟ କରିଥିଲେ । ଏଥିସହ ବନ୍ତ ହାଟ ପାଖରେ ଥିବା କଲ୍ୟାଣ ମଣ୍ଡପକୁ ସଂପ୍ରସାରଣ କରାଯାଇ ଉକ୍ତ ଗୃହରେ ଅସ୍ଥାୟୀ ଭାବେ କୋଟ ପ୍ରତିଷ୍ଠା ପାଇଁ ଆଦେଶ ଦେଇଥିଲେ। । ଏକବର୍ଷରୁ ଉର୍ଦ୍ଧ୍ୱ ହେବ ଆ ର୍ ଡ଼ି ବିଭାଗପକ୍ଷରୁ ଉକ୍ତ ଗୃହକୁ କୋଟ ର ଉପଯୁକ୍ତ ପରିବେଶରେ ନିର୍ମାଣ କରାଯାଇ ଥିଲା । ଅନ୍ୟପକ୍ଷରେ ବରକୋଣା ମୌଜାରେ ଥିବା ସରକାରୀ ସ୍ଥାନରେ ଜଣେ ବଦାନ୍ୟ ବ୍ୟକ୍ତି ତାଙ୍କର ନିଜସ୍ୱ ବୃତିକୁ ଖାତାନଂ -୧୭୨/୧ ପ୍ଲଟ ନଂ ୨୨୮/୫୧୯ ଏରିଆ ୪୦୦ଡ଼ି ,କିସମ ଘରପାରୀ କୁ ଆଇନ ବିଭାଗ ଓଡ଼ିଶା ସରକାର ଙ୍କ ନାମରେ ସ୍ୱତନ୍ତ୍ର ଖତିୟାନ ପ୍ରସୃତ ହୋଇଅଛି । ହେଲେ ଉକ୍ତ କୋଟ କୁ ଅସ୍ଥାୟୀ ରୁପେ ଚାଲିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ଅହେତୁକ ବିଳମ୍ବତାକୁ ନେଇ ଜନ ଅସନ୍ତୋଷ ଦେଖାଯାଇଛି । ଅନ୍ୟପକ୍ଷରେ ଉକ୍ତ ଗୃହ ର ପ୍ରକୃତ ଉପଯୋଗ ନହେବାରୁ ସେଥିରେ ତାଲା ପଡ଼ି ତାହା ନଷ୍ଟ ହେବାକୁ ବସିଛି । ବର୍ତମାନ କରୋନା ସମୟରେ ପ୍ରତ୍ୟେକ ଛୋଟ ବଡ଼ ମାମଲା ପାଇଁ ଲୋକମାନଙ୍କୁ ଦୂରତାରେ ଥିବା ଭଦ୍ରକ କୋଟ କୁ ଯିବାକୁ ପଡୁଛି । ଏହି ବ୍ଲକ ଅଧୀନରେ ୨୦୫ଟି ରାଜସ୍ୱ ଗ୍ରାମ , ତିନିଗୋଟି ଜିଲାପରିଷଦ ଜୋନ, ୨୫ ଗୋଟି ପଂଚାୟତ ର ଜନସାଧାରଣ ବ୍ଲକ୍ ସଦର ମୋହକୁମା ଉପରେ ଦୈନନ୍ଦିନ ନିର୍ଭର କରନ୍ତି । ଏହାର ପରିସୀମା ଓ ଜନସଂଖ୍ୟା ଦୃଷ୍ଟିରୁ ଦୈନ ଦିନ ଏହି ଅଂଚଳରେ ଘଟୁଥିବା ବିଭିନ୍ନ ଆପରାଧିକ ମାମଲାକୁ ନିୟନ୍ତ୍ରଣ କରିବା ପାଇଁ ବନ୍ତ , ଆଗରପଡ଼ା ଥାନା ସହ କେନ୍ଦୁଆପଦା ଫାଣ୍ଡି ଆଦି କାଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ ବନ୍ତରେ ପ୍ରାୟ ସମସ୍ତ ବିଭାଗର ସରକାରୀ କାର୍ଯ୍ୟାଳୟ ସମେତ ୪ଟି ବ୍ୟାଙ୍କ, ଉପ ଡାକଘର, ସ୍କୁଲ୍, କଲେଜ, ବ୍ୟବସାୟ ପ୍ରତିଷ୍ଠାନ ତଥା ବୈଷୟିକ ଶିକ୍ଷାନୁଷ୍ଠାନମାନ ରହିଥିବାସହ ଏହାର ମଧ୍ୟମ ସ୍ଥଳରେ ୫୩ ନଂ. ଭଦ୍ରକ-କେନ୍ଦୁଝର ରାଜ୍ୟ ରାଜପଥ ଗତିକରିଛି । ଏହି ଅଂଚଳର ସମସ୍ତ ଦୃଷ୍ଟିରୁ ଉକ୍ତ ସ୍ଥାନରେ ଯଥାଶିଘ୍ର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ କୁ କାର୍ଯ୍ୟକାରୀ କରିବାକୁ ଅଂଳବାସୀ ଙ୍କ ତରଫରୁ ଦୃଢ଼ ଦାବି ହେଉଛି ।

# କଣାସ-ଜଙ୍କିଆ ନଦୀବନ୍ଧ କଂକ୍ରିଟ ରାସ୍ତା ଫାଟି ଆଁ: ବଢୁଛି ଦୁର୍ଘଟଣା

କଣାସ,୧୦।୧ (ନି.ପ୍ର): କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମାଂଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଦିଗରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ରାସ୍ତାଘାଟ ନିର୍ମାଣ ପରେ ରକ୍ଷଣବେକ୍ଷଣ ଦିଗରେ ବିଭାଗୀୟ କର୍ତୃପକ୍ଷ ଦୃଷ୍ଟିଦେଉ ନ ଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକର ମୁଖ୍ୟରାସ୍ତା କଣାସ-ଜଙ୍କିଆ ୬ କି.ମି କଂକ୍ରିଟ୍ ଢଳେଇ ରାସ୍ତା ଲମ୍ୱାରେ ଫାଟି ଦୁଇଗଡ ହୋଇଯାଇଥିବାରୁ ବାରମ୍ବାର ଛୋଟବଡ ଦୃର୍ଘଟଣାମାନ ଘଟୁଥିବା ଜଣାପଡିଛି । ଉକ୍ତ ରାସ୍ତାଟି ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବାରୁ ତାର ରକ୍ଷାଣବେକ୍ଷଣ ଦିଗରେ ବିଭାଗୀୟ କର୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଜନଅସନ୍ତୋଷ ବଢିବାରେ ଲାଗିଛି । ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ବନ୍ଧର ଦୁଇପାର୍ଶ୍ୱ ମାଟିକାମ ଚାଲିଛି, ଠିକାଦାର ମଧ ନିଯୁକ୍ତି ହୋଇଛନ୍ତି ଖୁବଶୀଘ୍ର ଉକ୍ତ ଢଳେଇ ରାସ୍ତାକୁ ମରାମତି କରାଯାଇ ଏହାର ସ୍ଥାୟୀ ପ୍ରତିକାର କରାଯିବ । ସେହି କଣାସ ବ୍ଲକର ଅନେକ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିଲେ ମଧ ବିଭାଗୀୟ କର୍ତୃପକ୍ଷ ଜାଣିଶୁଣି ନିରବ ରହୁଥିବାରୁ ଦିନକୁ ଦିନ ରାସ୍ତା ଅବସ୍ଥା ଅଧିକ ଖରପ ହେବାରେ ଲାଗିଛି । ଏହି ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟିବାରେ ଲାଗିଛି ।

# କୋଭିଡ଼ - ୧୯ ପାଇଁ ସବୁ ପ୍ରକାରର ସତର୍କତା ଅବଲମ୍ବନ କରାଯିବ : ପରମାନନ୍ଦ ଖଣ୍ଡେଇ



ଉଦଳା,୧୦।୧ (ନି.ପ୍ର):୧୯୮୬ ମସିହା ଉଦଳା ହାଇସ୍କୁଲର ମାଟ୍ରିକ ବ୍ୟାଚ ଛାତ୍ର ମାନେ କିଛି ବର୍ଷ ହେବ ଏକ ସହପାଠୀ ମିଳନର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଦିର୍ଘବର୍ଷ ପରେ ସାଙ୍ଗ ମାନେ ପରସ୍ପରକୁ ଅତି ପାଖରେ ପାଇ ଖୁବ ଆନନ୍ଦ ଅନୁଭବ କରନ୍ତି । ପରମାନନ୍ଦ ଖଣ୍ଡେ, ବିଜନ ନାୟକ, ପଙ୍କଜ ଖୁଣ୍ଟିଆ ମୁଖ୍ୟତଃ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥାନ୍ତି । ଗତ ୨୦୨୦ ମସିହାରେ କୋଭିଡ଼ ପାଇଁ ତାଲାବନ୍ଦର ପ୍ରଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିନଥିଲା । ସେଥିପାଇଁ ସମସ୍ତେ ଦୁଖରେ ଭାଙ୍ଗି ପଡ଼ିଥିଲେ । ତେବେ ତାଲା ବନ୍ଦର କଟକଣା ସାମାନ୍ୟ କୋହଳ ହେବାରୁ ସବୁ ପ୍ରକାରର ସତର୍କତା ଅବଲମ୍ବନ ପୁର୍ବକ ୨୦୨୧ ଜାନୁଆରୀ ୧୦ ତାରିଖ ରବିବାର ଆଜି ସ୍ଥାନୀୟ ଅତୁଲ ପଡ଼ିଆ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କରମାନନ୍ଦ ଗଣମାଧମ ଜରିଆରେ ସବୁ ସାଙ୍ଗ ମାନଙ୍କୁ ଅବଗତ କରାଇଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି ସମସ୍ତେ ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରକ୍ଷା କରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ଓ ବାରମ୍ବାର ସାବୁନରେ ହାତ ଧୋଇବା ପାଇଁ କାର୍ଯ୍ୟକ୍ରମସ୍ଥଳରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଅତୁଲ ପଡ଼ିଆରେ ଆଜି ସାଜସଜ୍ଜା ଚାଲିଥିବା ବେଳେ ସାଙ୍ଗ ମାନେ ଖୁବ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ପରମାନନ୍ଦ କହିଲେ ପିଲାଦିନର ସାଙ୍ଗ ମାନଙ୍କୁ ଜମା ଭୁଲି ହେଉ ନାହିଁ । ଆଉ ଆଜି ବେଶୀ ମନେପଡୁଚନ୍ତି ଯେଉଁ ସାଙ୍ଗ ମାନେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ବିଜନ ନାୟକ ତାଙ୍କର ପ୍ରତିକ୍ରୀୟାରେ କହିଲେ ମୋତେ ଆଜି ବହୁତ ଖୁସି ଲାଗୁଛି, ଦିର୍ଘ ୩୫ ବର୍ଷ ତଳର ସାଙ୍ଗ ମାନେ ଆମ ଘର ପଡ଼ିଆରେ ଏକତ୍ରିତ ହେବେ । ପଙ୍କଜ ଖୁଣ୍ଟିଆ ତାଙ୍କର ପ୍ରତିକ୍ରୀୟାରେ କହିଲେ ଆଜିବି ଆଖି ଅଗରେ ନାଚି ଯାଉଛି, ପାଲ ଆଉ ଦୁଲେଇର ଗୀତ, କାବୁର କମେଡ଼ି ଓ ମହେଶ୍ୱରର ଏନ୍.ସି.ସି କ୍ଲାସ । ବାସ୍ତବରେ ପିଲାଦିନ ଥିଲା ଖୁବ୍‌ଆନନ୍ଦଦାୟକ ବୋଲି ସମସ୍ତେ ଏକ ସ୍ୱରରେ ବ୍ୟକ୍ତ କରିଥିଲେ ।

# ଶିଶୁ ପ୍ରତିଭା କୁନିକବି ଅର୍ଚ୍ଚିତା

କଣାସ,୧୦।୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଗ୍ରାମପଚାଂୟତର ନୂଆଗାଁ ଗ୍ରାମରେ ଜନ୍ମିତ ଆଠବର୍ଷର ଶିଶୁ ପ୍ରତିଭା ଅର୍ଚ୍ଚିତା ଶ୍ରୀଚନ୍ଦନ ନିଜର କବି ପ୍ରତିଭା ପାଇଁ ଏବେ ଚର୍ଚ୍ଚାରେ । ବିଭିନ୍ନ ସ୍ଥାନରେ ଆୟୋଜିତ ସାହିତ୍ୟ ସମ୍ମିଳନୀରେ ଯୋଗଦେଇ ସେ ଶୁଣାନ୍ତି ନିଜର ରଚିତ କବିତା । ଅର୍ଚ୍ଚିତାଙ୍କର ଡାକନାମ 'ମାମା' । ୨୦୧୯ରେ ମୂର୍ଚ୍ଛନା ନାମରେ ତାଙ୍କ ଲିଖିତ ବହିଟିଏ ପ୍ରକାଶିତ ହୋଇଥିଲା । ତୃତୀୟ ଶ୍ରେଣୀରେ ପଢୁଥିବା ଏହି କୁନି ଛାତ୍ରୀଙ୍କର ପୁସ୍ତକ ଉନ୍ମୋଚନ ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଓଡ଼ିଶାରେ ଅନେକ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସାହିତ୍ୟରେ ଦୁର୍ବଳ ଥିବାର ଖବର ଗଣମାଧମରେ ପ୍ରଚାରିତ ହେଉଥିବା ବେଳେ ଆଠବର୍ଷର ଏହି କୋମଳମତି ଛାତ୍ରୀ ଜଣଙ୍କ ନିଜ ସୃଜନୀ ଶକ୍ତିର ପରିପ୍ରକାଶ କରି ବିଭିନ୍ନ ବର୍ଗରୁ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି । ସାହିତ୍ୟ ରଚନା କରିବା ସହିତ ଚିତ୍ର ଆଙ୍କିବା, ଖବରକାଗଜରେ ପ୍ରକାଶିତ ସାହିତ୍ୟପୃଷ୍ଠା ପଢିବାରେ ରୁଚି ରଖିଥିବା ମାମା ଶ୍ରେଣୀରେ ଭଲ ପାଠ ମଧ ପଢନ୍ତି । ଭବିଷ୍ୟତରେ ସାହିତ୍ୟ ରଚନା କରିବା ସହିତ ଡାକ୍ତରି ପଢିବା ପାଇଁ ତାଙ୍କର ଇଚ୍ଛା ଅଛି ସେ କହିଛନ୍ତି ।

# ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ଜନଜାତିଙ୍କ କେଶବିନ୍ୟାସ

ଭୁବନେଶ୍ୱର,୧୦।୧ (ନି.ପ୍ର): ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନଜାତିମାନେ ସୌନ୍ଦର୍ଯ୍ୟବର୍ଦ୍ଧନ ନିମନ୍ତେ ବିଭିନ୍ନ ଶୈଳୀରେ କେଶବିନ୍ୟାସ କରିଥାନ୍ତି । ଲମ୍ବାକେଶ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଡଙ୍ଗରିଆ କନ୍ଧ ଜନଜାତି ପୁରୁଷ ଓ ମହିଳାମାନେ ସେମାନଙ୍କର ଲମ୍ବା କେଶକୁ କ୍ଲିପ୍, ଫୁଲ ଓ ପିନ୍ ଦେଇ ସଜାଇଥା'ନ୍ତି । ଅନେକଗୁଡ଼ିଏ ପିନ୍ ସହାୟତାରେ ସେମାନେ ମୁଣ୍ଡରେ ପାରମ୍ପରିକ 'ଖୋସା' ତିଆରି କରିଥାନ୍ତି । କଇଁଚି ଆକୃତିର ହେୟାରପିନ୍ 'ସିପ୍‌ନା'କୁ ସେମାନେ ମୁଣ୍ଡ 'ଖୋସା' ସଜାଇବାରେ ବ୍ୟବହାର କରିଥା'ନ୍ତି । 'ଖୋସା'କୁ ଠିକ୍ ଭାବରେ ରଖିବା ପାଇଁ ମୁଣ୍ଡକଂଟାମାନ ବ୍ୟବହାର କରାଯାଏ । ସେହିଭଳି ଲାଞ୍ଜିଆ ସଉରା ମହିଳାମାନେ ସମାନ ଭାବେ ସେମାନଙ୍କର କେଶଶୈଳୀକୁ ସଜାଇଥାନ୍ତି । ବେକର ଉପରଭାଗରେ ଚଟକା 'ଖୋସା' ତିଆରି କରିଥାନ୍ତି । ଏହାକୁ ଦୁଇ କାନ ପଛ ଦେଇ ଏକ ଚେନ୍ ରେ ସୁରକ୍ଷିତ କରାଯାଇଥାଏ । ଆଉ ମଧ ଏକ ଲମ୍ବା ମୁଣ୍ଡପିନ୍ ବ୍ୟବହାର କରାଯାଏ । ଏହାକୁ ସେମାନେ କେଶର ଶୋଭାବର୍ଦ୍ଧନ ସହିତ ଆତ୍ମରକ୍ଷା ନିମନ୍ତେ ବ୍ୟବହାର କରିଥାନ୍ତି । ସେମାନେ ଖୋସାରେ ମଧ ପତ୍ରର ନଳ ଖୋସିଥାନ୍ତି । ସାନ୍ତାଳମାନେ ରୂପା କାରୁକାର୍ଯ୍ୟ ହୋଇଥିବା ବଡ଼ ହେୟାରପିନ୍ ବ୍ୟବହାର କରିଥାନ୍ତି । ମୁଣ୍ଡର ପଛ ଭାଗରେ ଟାଇଟ୍ ଭାବେ ବନ୍ଧା ଯାଇଥିବା ଖୋସାରେ ସେମାନେ ଏହି ପିନ୍ ବ୍ୟବହାର କରିଥାନ୍ତି । କୁଟିଆ କନ୍ଧ ମହିଳାମାନେ ସେମାନଙ୍କର କେଶକୁ ସୁନ୍ଦର ଭାବେ ସଜାଇବା ନିମନ୍ତେ ବିଭିନ୍ନ ପ୍ରକାରର ଛୋଟଛୋଟ ହେୟାରପିନ୍ , ପାନିଆ ଓ ଚେନ୍ ବ୍ୟବହାର କରିଥାନ୍ତି । ସେହିଭଳି ଦିଦାୟୀ ଜନଜାତିମାନେ ସେମାନଙ୍କର କେଶରେ ସୁନ୍ଦର 'ଖୋସା' ଓ ନାକଚଣା ପିନ୍ଧି ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ଯଥା-ଖରିଆ, ପାଉଡ଼ି ଭୂୟାଁ ଓ ଧରୁଆ ଜନଜାତିମାନେ ସେମାନଙ୍କର କେଶ ସଜାଇବା ନିମନ୍ତେ ବିଭିନ୍ନ ପ୍ରକାରର ହେୟାରପିନ୍ ବ୍ୟବହାର କରିଥାନ୍ତି । ଭିଡ଼ିଓରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ ଖୋଲି ଭର୍ଚୁଆଲ୍ ଟୁରରେ ରାଜ୍ୟ ଜନଜାତି ସଂଗ୍ରହାଳୟରେ ଜନଜାତିମାନେ କିଭଳି ସେମାନଙ୍କର କେଶ ସଜାଇଥାନ୍ତି, ସେ ବିଷୟରେ ରବିବାର ଅର୍ଥାତ୍ ଜାନୁଆରୀ ୧୦ ତାରିଖ ଦିନ ଜାଣିପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

# ପୁରୀଜିଲ୍ଲା କଂଗ୍ରେସ ଲିଗାଲ ସେଲ ପକ୍ଷରୁ ଆଲୋଚନା ଚକ୍ର

ପୁରୀ,୯ଜାନୁଆରୀ(ହି.ସ.) - ପୁରୀଜିଲ୍ଲା କଂଗେଲ୍ର ଲିଗାଲ ସେଲ ପକ୍ଷରୁ ଆଜି ପୂର୍ବାହ୍ନରେ ଭିଆଇପି ରୋଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆମ ସମ୍ବିଧାନ ଏବେ କେତେ ସୁରକ୍ଷିତ ସେ ସଂପର୍କରେ ବିଭିନ୍ନ ବକ୍ତାମାନେ ସେମାନଙ୍କର ମତାମତ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ପଂଚାନନ କାନୁନଗୋ, ରାଜ୍ୟ ଲିଗାଲ ସେଲ ସଭାପତି ସୁରେନ୍ଦ୍ର ନାଥ କର, ପୁରୀଜିଲ୍ଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ, ଲିଗାଲ ସେଲ ସଭାପତି କାଳୀପ୍ରସାଦ ନାୟକ, ପ୍ରେମାନନ୍ଦ ମହାନ୍ତି, ଶରତ ରଥ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି ଏନଡିଏ ସରକାର ଦେଶର ସମ୍ବିଧାନକୁ ପରିବର୍ତନ କରିବା ପାଇଁ ଯୋଜନା ରଖିଛି ବୋଲି ବକ୍ତାମାନେ କହିଥିଲେ । ଏହି ଆଲୋଚନାରେ ସରକାରଙ୍କ ସମ୍ବିଧାନ ପରିବର୍ତନ ନୀତିକୁ କଟୁ ସମାଲୋଚନା କରିଥିଲେ । ଏଥିରେ ଯୁବ କଂଗ୍ରେସ ସଭାପତି ପ୍ରେମଜିତ୍ ମହାନ୍ତି, ଉମାକାନ୍ତ ବରାଳ, ଜିବେଶ ରଥ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ଉମାକାନ୍ତ ବେହେରା, ସ୍ମୃତିରଞ୍ଜନ ପତି, ମୁଖପାତ୍ର ବିଶ୍ୱନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରାଜେଶ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଖୋଲିଲା ସ୍କୁଲ : କମ୍ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଲେ

କଣାସ, ୯ ଜାନୁଆରୀ (ହି.ସ.)- କରୋନା ମହାମାରୀ ସଂକ୍ରମଣ ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୦ ମସିହା ମାର୍ଚ୍ଚ ମାସ ଠାରୁ ସାରାଦେଶରେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ କରିଦେଇଥିବାରୁ ଛାତ୍ରଛାତ୍ରୀମାନେ ପାଠପଢାରେ ଗୁରୁତ୍ୱର ବ୍ୟାଘାତ ସୃଷ୍ଟି ହୋଇଥିଲା । ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ମାନି ଗତକାଲିଠୁ ରାଜ୍ୟ ସାରା ସମସ୍ତ ଦଶମ ଶ୍ରେଣୀ ଓ ମହାବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ନିର୍ଦ୍ଦେଶ ରହିଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକର ୩୦ଟି ସରକାରୀ ସ୍ୱୀକୃତିପ୍ରାପ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୩ଟି ଆନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଖୋଲିଥିବା ଜଣାପଡିଛି । ପ୍ରଥମ ଦିନ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କମ୍ ସଂଖ୍ୟାରେ ବିଦ୍ୟାଳୟରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା । କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ୩୯ଜଣ ଛାତ୍ରୀମାନଙ୍କ ମଧ୍ୟରୁ ୧୫ଜଣ ଛାତ୍ରୀ ଅଧ୍ୟୟନ ପାଇଁ ଆସିଥିବା ବେଳେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୬ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ମାତ୍ର ୬୪ ଜଣ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ସେହିପରି ବକୁ ଠାରେ ପ୍ରତିଷ୍ଠିତ ଭିକାରୀ ଚରଣ ବିଦ୍ୟାନିକେତନ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୨ଜଣ ଯୋଗଦେଇଥିଲେ । ଚୁପୁରିଙ୍ଗି ଉଚ୍ଚ ବିଦ୍ୟାଳୟରେ ୪୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୨ ଜଣ, କନକ ଦୁର୍ଗା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୪୦ଜଣଙ୍କ ମଧ୍ୟରୁ ୩୪ ଜଣ, ପଚାଂୟତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫ ଜଣ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରଥମ ଦିନରେ କମ୍ ଥିବା ଜଣାପଡିଛି ।

ସେହିପରି କଣାସ ବ୍ଲକରେ ଅବସ୍ଥାପିତ କଣାସ ଜୁନିୟର କଲେଜ୍, ଦୟାବିହାର ଜୁନିୟର କଲେଜ୍ ଏବଂ ଚଉଦମୌଜା ଜୁନିୟର କଲେଜ୍‌ର ଦ୍ୱାଦଶ ଶ୍ରେଣୀ ମଧ ଖୋଲିଥିବା ଜଣାପଡିଛି ।

# କାମ ସରିବା ପୂର୍ବରୁ ପିଚୁ ଉଠିଯାଇ ରାସ୍ତାରେ ସୃଷ୍ଟି ହେଉଛି ଗର୍ତ୍ତ : ଯନ୍ତ୍ରୀ କହୁଛନ୍ତି ପିଚୁ ଉଠୁ ପୁଣି ମରାମତି ହେବ

କେନ୍ଦୁଝର,୧୦।୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ପୁର୍ତ ବିଭାଗ ଦେଖାଉଛି ତାର ଚମତ୍କାରିତା । ପୁର୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତା ସଂପୁର୍ଣ୍ଣ ହେବା ପୂର୍ବରୁ ରାସ୍ତା ଉପରୁ ପିଚୁ ଉଠି ଗର୍ତ ସବୁ ସୃଷ୍ଟି ହେଉଛି । ତାହା ଚମତ୍କାରିତା ନୁହେଁ ତ ଆଉ କଣ ? ଯଦିଓ ତାହା କାମର ସଠିକ ମାନର ଗୁଣବତା ରଖୁ ନଥିବାକୁ ସ୍ପଷ୍ଟ କରିଛି । ଏ ସଂପର୍କରେ ଯନ୍ତ୍ରୀ ଙ୍କର ମତ ମଧ୍ୟ ଅଦ୍ଭୁତ । ପିଚୁ ଉଠୁ ପୁଣି ମରାମତି ହେବ ବୋଲି ଖାମଖିଆଲ ଭାବେ ଖାଲା ଖୋଲି ମତ ବ୍ୟକ୍ତ କରୁଛନ୍ତି ଯନ୍ତ୍ରୀ । ଯାହା କି ବିଭାଗର ଅଧିକାରୀଙ୍କ ଦକ୍ଷତା ଓ ସ୍ୱଚ୍ଛତା ଉପରେ ସ୍ୱଭାବିକ ଭାବେ ଉଠିଛି ପ୍ରଶ୍ନ । ରାଜ୍ୟର ବିକାଶ ଉପରେ ରାଜ୍ୟର ଖୋଦ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ କେନ୍ଦୁଝର ଜିଲ୍ଲାର କେତେକ ଅଧିକାରୀଙ୍କର ସରକାରୀ କା ମାଲ ଦରିଆ ମେଁ ଡାଲ ନୀତି ସହ ଆନ୍ତରିକତାହୀନ ମନୋଭାବ ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକର ସଫଳତା କ୍ଷେତ୍ରରେ ଯେ ବାଧକ ସାଜିଛି ତାହାକୁ ହୁଏତ ଅସ୍ୱୀକାର କରାଯାଇ ପାରିବନାହିଁ । ଏବଂ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହେଲା ଜିଲ୍ଲାର ବିକାଶ ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ତଥା ପ୍ରକଳ୍ପ ଗୁଡିକରେ କାହାକୁ ଉତରଦାୟୀ କରାଯାଉ ନଥିବା କାରଣରୁ ସଂପୃକ୍ତ ପ୍ରକଳ୍ପ ର ସଠିକ ମାନ ରକ୍ଷା ଦିଗରେ ଅଧିକାରୀମାନେ ଗୁରୁତ୍ୱ ଦେଉ ନାହାଁନ୍ତି କିମ୍ବା ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଏହି କ୍ରମରେ ଜିଲା ଖଣିଜ ପାଣ୍ଠିର ବ୍ୟୟ ବରାଦରେ ପୂର୍ତ ବିଭାଗ ଦ୍ୱାରା ଟେଣ୍ଡର ମାଧ୍ୟମରେ ନିର୍ମାଣାଧିନ ରହିଛି ରଙ୍ଗଡିହ-ଫୁଲଝର-ବଳଭଦ୍ରପୁର ଜଗଦଳା ଡ୍ୟାମ ରାସ୍ତାର ଉନ୍ନତି କରଣ । ଜଙ୍ଗଲ ମୂଳକରେ ଥିବା ଏହି ୧୦କି.ମି ରାସ୍ତା ପାଇଁ ଜିଲା ଖଣିଜ ପାଣ୍ଠିରୁ ବ୍ୟୟ ବରାଦ ହୋଇଛି ୩୩ କୋଟି ରୁ ଉର୍ଦ୍ଧ ଟଙ୍କା । ସୂଚନା ଫଳକରେ ଉଲ୍ଲେଖ ଏହି କାମ ସେପ୍ଟେମ୍ବର ମାସ ୧୯ ତାରିଖରେ ଶେଷ ହୋଇଥିବା ଉଲ୍ଲେଖ ରହିଥିଲେ ମଧ୍ୟ ରାସ୍ତା କାମ ବର୍ତମାନ ପର୍ଯ୍ୟନ୍ତ ସରି ନାହିଁ । ରାସ୍ତା କାମ ସରିନ ନଥିଲେ ମଧ୍ୟ ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଇ ଗର୍ତମାନ ସୃଷ୍ଟି ହେଲାଣି । ଯାହା କି ଯାତାୟତ ପାଇଁ ବିପଦ ସୃଷ୍ଟି କରିଛି । ଏପଟେ ରାସ୍ତା କାମ କେବେ ଶେଷ ହେବ ତାହାର ଉତର କାହା ପାଖରେ ନାହିଁ । ଜଙ୍ଗଲ ମୂଳକରେ ତଥା ଆଦିବାସୀ ବହୁଳ ଗ୍ରାମ ଗୁଡିକୁ ଏହି ରାସ୍ତା ସଂଯୋଗ କରୁଥିବା ବେଳେ, ଯୋଡା ଖଣି ମଣ୍ଡଳକୁ ମଧ୍ୟ ଏହା ସଂଯୋଗ କରୁଛି । ବାଂଶପାଳ ବ୍ଲକ ଅଂଚଳରେ ଥିବା ୨ଟି କାରଖାନାର କଚାଂମାଲ ଓ ଉତ୍ପାଦିତ ପିଲେଟ ଏହି ରାସ୍ତାରେ ପରିବହନ ହୋଇଥାଏ । ବହୁ ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତା ପାଇଁ ପୂର୍ବରୁ ଜନ ଆନ୍ଦୋଳନ ମଧ୍ୟ ହୋଇଥିଲା । ତେବେ ଟେଣ୍ଡର କରାଯାଇ ଜିଲା ଖଣିଜ ପାଣ୍ଠିର ବ୍ୟୟ ବରାଦରେ କାମ ଚାଲିଥିଲେ ହେଁ, କାମ ସରିବାର ନାମ ଧରୁନାହିଁ । କିନ୍ତୁ ଏପଟେ ରାସ୍ତା ଖରାପ ହେବାକୁ ବସିଲାଣି । ଏ ନେଇ ରାସ୍ତା ପାର୍ଶ୍ୱ ଗ୍ରାମ କାଳିଆପାଳ, ବଳଭଦ୍ରପୁର, କାଶିଆ, ଜଗଦଳା ଅନ୍ଧାରୀଖମଣ, ଡାକପଦା ସାହି, ରୁଗୁଡି ସାହି ସମେତ ଅନେକ ବସ୍ତି ବାସିନ୍ଦା ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୋଗ କରଛନ୍ତି । ଗ୍ରାମବାସିନ୍ଦା ରାଜେନ୍ଦ୍ର ମହାନ୍ତ, ରୟା ମୁଣ୍ଡା, ଦେବାନନ୍ଦ ନାଏକ, ଇନ୍ଦ୍ରମଣୀ ନାଏକ, ଶୁକଦେବ ନାଏକ, ବେଣୁ ନାଏକ ପ୍ରମୁଖ ଆମ ଜିଲା ଖଣିଜ ପାଣ୍ଠିକୁ ଲୁଟ କରାଯାଉଛି ବୋଲି ଖୋଲା ଖୋଲି ଅଭିଯୋଗ କରୁଛନ୍ତି । ପୁଣି ସେମାନେ କହିଛନ୍ତି ଯେ, ଜିଲା ଖଣିଜ ପାଣ୍ଠିରୁ ବ୍ୟୟବରାଦ ହୋଇ ଜଙ୍ଗଲ ମୂଳକରେ କରାଯାଉଥିବା ଉନ୍ନୟନ ମୂଳକ କାମ ଗୁଡିକରେ ବ୍ୟାପକ ଅନିୟମିତତା ହେଉଛି । ଅଭିଯୋଗ ପରେ ମଧ୍ୟ ଜିଲା ପ୍ରଶାସନ ଜାଣିଶୁଣି ଚୁପ ରହୁଛି । ଅଭିଯୋଗ ସମ୍ପର୍କରେ ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ପୂର୍ତ ବିଭାଗର ଯନ୍ତ୍ରୀ ଭାଗିରଥି ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତାଙ୍କର ଉତର ହେଲା ରାସ୍ତା ଗାଢ (ଗର୍ତ) ହେଲେ, ପୁଣି ମରାମତି ହେବ । ନିର୍ମାଣ ସମୟରେ ଗାଢ ହେବନାହିଁ,ଏହା କେଉଁଠି ଲେଖାଅଛି । କେନ୍ଦୁଝରସ୍ଥିତ ପୂର୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରଥ ଙ୍କୁ ଅଭିଯୋଗ ସମ୍ପର୍କରେ ଯୋଗା ଯୋଗ କରାଯାଇଥିଲେ ମଧ୍ୟ ମତାମତ ଦେବା ପୂର୍ବରୁ ଫୋନ କାଟି ଦେଇଥିଲେ ।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ



ଖଇରା,୧୦।୧ (ନି.ପ୍ର): ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତର ପଙ୍କପାଳ ଗ୍ରାମର ଶତାଧିକ ଅନ୍ୟଦଳର କର୍ମୀ ଦୀର୍ଘ ୨୦ବର୍ଷ ଧରି ବିଜେଡି ଠାରୁ ଦୂରେଇ ରହିଥିଲେ । ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିତି ଆଦର୍ଶରେ ଅନୁପ୍ରଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ । ତାଙ୍କୁ ସିମୁଳିଆ ବିଧାୟକ ତଥା ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତାଙ୍କୁ ସ୍ୱାଗତ କରିବା ସହିତ ଦଳୀୟ ପତାକା ପ୍ରଦାନ କରିଥିଲେ । ଏହି ମିଶ୍ରଣ ପର୍ବରେ ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ସ୍ୱାଇଁ ,ଖଇରା ବ୍ଲକ ବିଜେଡିର ସଭାପତି ବ୍ରଜକିଶୋର ମହାନ୍ତି ,ଖଇରା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ,ବଡନୂଆଗାଁ ପଞ୍ଚାୟତର ସଭାପତି ଲକ୍ଷ୍ମୀଧର ବେହେରା,ବର୍ଦ୍ଧନା ସରପଞ୍ଚ ଶୁଶାନ୍ତ କୁମାର ମିଶ୍ର,ବର୍ଦ୍ଧନା ସମିତି ସଭ୍ୟ ରଘୁନାଥ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବ ଦ୍ୱାରା ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ ।

# ଯୋଗଦ୍ୱାରା ସାଇନସର ଉପଚାର

**ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷଣ । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।**




ସୂର୍ଯ୍ୟନମସ୍କାର- ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।






ପଶ୍ଚିମୋତ୍ତାନାସନ- ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ:- ଏହି ଯୋଗାସନ ମଧ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ୱା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

# ସ୍ଲିପ୍ ପାରାଲିସିସ୍

ରାତିରେ ବାରମ୍ବାର ନିଦ ଭାଙ୍ଗିବା, ଡର ଲାଗିବା ଓ ଶରୀର କୌଣସି ଅଙ୍ଗ ଚାହିଁଲେ ବି ହେବାକୁ ସ୍ଲିପ୍ ପାରାଲିସ୍ କୁହାଯାଏ ।

ଅଧରାତିରେ ଅଚାନକ ନିଦ ଭାଙ୍ଗିଯିବା, ଆଖପାଖରେ କେହି ଥିବା ଅନୁଭବ ହେବା, ଏପାଖ ସେପାଖ ହେବାକୁ ଚେଷ୍ଟା କଲେ ବି କୌଣସି ଅଙ୍ଗ ସଚଳ ନହେବା, ଡର ଲାଗିବା, ଚିତ୍କାର କଲେ ବି ପାଟିରୁ ଶବ୍ଦ ନ ବାହାରିବା, କେହି ଯେମିତି ଜାବୁଡ଼ି ଧରିଥିବା ଭଳି ଅନୁଭବ କରିବା- ଏଭଳି ଅବସ୍ଥା ହିଁ ସ୍ଲିପ୍ ପାରାଲିସ୍ ।

ସ୍ଲିପ୍ ପାରାଲିସ୍ ନିଦ ଓ ଚେଇଁଥିବା ମଧ୍ୟର ଅବସ୍ଥା । ଏହି ସମୟରେ ଶରୀର ସମ୍ପୂର୍ଣ୍ଣ ଅଚଳ ବା ପାରାଲାଇଜ୍ଡ୍ ହେବା ଭଳି ଲାଗେ । ଏଇ ଅବସ୍ଥା କିଛି ସେକେଣ୍ଡରୁ କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ ।

**ବୈଜ୍ଞାନିକ ବିଶ୍ଳେଷଣ-** ରାପିଡ୍ ଆଇ ମୁଭମେଣ୍ଟ୍ (ଆର୍‌ଇଏମ୍) ଓ ନନ୍-ରାପିଡ୍ ଆଇ ମୁଭମେଣ୍ଟ୍ ସ୍ଲିପ୍ ହେଉଛି ଦୁଇ ପ୍ରକାର ସ୍ଲିପ୍ ସାଇକଲ୍ । ପ୍ରଥମ ଭାଗ ନନ୍-ରାପିଡ୍ ଆଇ ମୁଭେମେଣ୍ଟ୍‌ରେ ଧୀରେ ଧୀରେ ନିଦର ତିନି ଷ୍ଟେଜ୍ ଦେଇ ଗତି କରିବାକୁ ହୁଏ । ଏହି ଷ୍ଟେଜ୍‌ରେ ନିଶ୍ୱାସ ପ୍ରଶ୍ୱାସ ଗୋଟେ ଲୟରେ ଯାଉଥିବାରୁ ବ୍ୟକ୍ତି ନିଦ୍ରା ଅବସ୍ଥାକୁ ଯାଏ ।

ଏହା ପରେ ରାପିଡ୍ ଆଇ ମୁଭ୍‌ମେଣ୍ଟ୍ ସ୍ଲିପ୍ ଆସେ । ଯେତେବେଳେ ଜଣେ ସ୍ୱପ୍ନ ଦେଖେ ସେହି ସମୟରେ ଗ୍ଲାଇସିନ୍ ନାମକ ଏକ ନ୍ୟୁରୋଟ୍ରାନ୍ସମିଟର ଶରୀରକୁ ପାରାଲିସ୍ ଭଳି ଅସ୍ଥାୟୀ ଷ୍ଟେଜ୍‌ରେ ପରିଣତ କରିବାରେ ସାହାଯ୍ୟ କରେ । ଏହି ସ୍ଲିପ୍ କଣ୍ଡିସନ୍‌ରେ ଶରୀର ଅନିଚ୍ଛା ମାଂସପେଶୀକୁ ମୁଭ୍ କରିପାରେ । ଏହି କାରଣରୁ ଜଣେ କେବଳ ସ୍ୱପ୍ନ ଦେଖି ଥାଏ, ଯାହା ସ୍ୱପ୍ନରେ ଦେଖେ ସେହି ଅନୁଯାୟୀ ସେ କିଛି କରିପାରେ ନାହିଁ । ଆର୍‌ଇଏମ୍ ଅବସ୍ଥାରେ କୌଣସି ପ୍ରକାରର ମସଲ୍ ଆକ୍ଟିଭିଟି ହୋଇ ନ ଥାଏ । କାରଣ ଆମ ମସ୍ତିଷ୍କ ସେହି ସମୟରେ ସ୍ଥିର ନ ଥାଏ । ଯଦି ଅଚାନକ ଆର୍‌ଇଏମ୍ ଅବସ୍ଥାରୁ ନିଦ ଭାଙ୍ଗେ ଗ୍ଲାଇସିନ୍ ସାହାଯ୍ୟରେ ହେଉଥିବା ପାରାଲିସସ୍ ପ୍ରଭାବ ଜାରି ରହିପାରେ । ସଚେତନ ଅବସ୍ଥାରେ ଥିଲେ ବି କିଛି ସେକେଣ୍ଡ୍ ଓ ମିନିଟ୍ ପର୍ଯ୍ୟନ୍ତ ଶରୀରର କୌଣସି ଅଙ୍ଗ ଚଳପ୍ରଚଳ ହୋଇପାରେ ନାହିଁ । ସ୍ଲିପ୍ ପାରାଲିସ୍ ଅନୁଭବ ଭୟଙ୍କର ଓ ଦ୍ୱନ୍ଦ୍ୱମୟ । ଖରାପ ସ୍ୱପ୍ନ ଦେଖୁଥିବା ସମୟରେ ଏହା ଘଟିଥାଏ ।



**ମୂଳ କାରଣ:** ଏହାର ମୂଳ କାରଣ ଖରାପ ନିଦ ସହିତ ସଂଶ୍ଳିଷ୍ଟ । ଅନିୟମିତ ନିଦ୍ରା କାରଣରୁ ଅନେକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଦେଖାଯାଏ । ଯନ୍ତ୍ରଣା, ନିଶା ସେବନ, ବାରମ୍ବାର ବାଥ୍‌ରୁମ୍ ଯିବା, ଖରାପ ସ୍ୱପ୍ନ ଦେଖିବା ପାଇଁ ବି ଏହା ହୋଇପାରେ । ଏହା ଦ୍ୱାରା ନିଦ ବାରମ୍ବାର ପ୍ରଭାବିତ ହୁଏ । ଅଧିକ ଅବସାଦରେ ରହିବା କାରଣରୁ ବି ଏହା ଦେଖା ଦିଏ । ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜଅର୍ଡର (ପିଟିଏସ୍‌ଡି)ରେ ପୀଡିତ ଲୋକଙ୍କ ଠାରେ ସ୍ଲିପ୍ ପାରାଲିସ୍ ଆଶଙ୍କା ଅଧିକ । ପ୍ରତି ଦଶଜଣ ମଧ୍ୟରୁ ଚାରି ଜଣଙ୍କଠାରେ ସ୍ଲିପ୍ ପାରାଲିସ୍ ଦେଖା ଦେଇପାରେ । ଏହି ଅବସ୍ଥା ସର୍ବପ୍ରଥମେ କିଶୋରାବସ୍ଥାରେ ଅନୁଭବ ହୁଏ । କିନ୍ତୁ ଏହା ଯେକୌଣସି ସମୟରେ ଯେକୌଣସି ବୟସ ବ୍ୟକ୍ତିଙ୍କୁ ଦେଖା ଦେଇପାରେ ।

**ଲକ୍ଷଣ**

- ♦ ନିଦ୍ରାଭାବ
- ♦ ଶୋଇବାରେ ଅନିୟମିତା
- ♦ ମାନସିକ ଅବସ୍ଥା
- ♦ ନିଶା ସେବନ ପ୍ରତିକାର
- ♦ କେଉଁ କାରଣ ପାଇଁ ବାରମ୍ବାର ନିଦରୁ ଉଠୁଛନ୍ତି ସେ ବାବଦରେ ଜାଣିବା ଜରୁରୀ ।
- ♦ କାହାକୁ ଶକ୍ତ ଆଘାତ ଲାଗିଥିଲେ ସାଇକୋଥେରାପିର ସାହାଯ୍ୟ ନେବା ।
- ♦ ଶୋଇବା ଓ ଉଠିବାର ନିୟମିତ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରିବା ।
- ♦ ୭-୮ ଘଣ୍ଟା ଶୋଇବା । ବେଳେବେଳେ କିଛି ଲୋକଙ୍କୁ ନଅ ଘଣ୍ଟା ନିଦ ବି ଆବଶ୍ୟକ ।
- ♦ ଯଦି ସ୍ଲିପ୍ ପାରାଲିସିସ୍ ପାଇଁ ଚିନ୍ତାରେ ରହୁଛନ୍ତି କିମ୍ବା ବାରମ୍ବାର ରାତିରେ ନିଦ ଭାଙ୍ଗୁଛି ତା'ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର ।

# ଶୀତୁଆ ସକାଳରେ କରନ୍ତୁ ଏସବୁ କାମ

**ଶୀତଦିନରେ ଥଣ୍ଡା ସକାଳରେ ଶେଯ ଛାଡିବାକୁ ସହଜରେ ମନ ହୋଇନଥାଏ । ହେଲେ ପ୍ରାତବେଳା ଶଯ୍ୟା ତ୍ୟାଗ କରି କିଛି ସମୟ ଖରାରେ ବସିଲେ ଶରୀରକୁ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ । ଯୁବତୀମାନେ ନିଜ ତ୍ୱଚାକୁ ଉତ୍ତମ ଖୋରାକ୍ ଯୋଗାଇବାକୁ ଚାହୁଁଥିଲେ, ଏହି ନିୟମ ଆପଣାନ୍ତୁ । ଏହାଦ୍ୱାରା ଶରୀରକୁ ଭିଟାମିନ୍ ଡି ମିଳିବା ସହ ବିଭିନ୍ନ ରୋଗରୁ ମଧ ରକ୍ଷା ମିଳେ ।**

- ♦ ଶୀତର ପ୍ରତ୍ୟେକ ସକାଳରେ ୨୦ରୁ ୨୫ ମିନିଟ୍ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ବସିବା ଅଭ୍ୟାସ କରନ୍ତୁ । ଏହାଦ୍ୱାରା ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ ସୃଷ୍ଟି ହୋଇଥାଏ, ଯାହା ରାତ୍ରୀରେ ସୁନିଦ୍ରା ପାଇଁ ସହାୟକ ।
- ♦ ମେଦ ହ୍ରାସ କରିବାକୁ ଚାହୁଁଥିଲେ ଯୁବତୀ-ମହିଳା ପ୍ରତ୍ୟେହ ଭୋରବେଳା ଖରାରେ ବସିବା ଉପକାରୀ ।
- ♦ ପ୍ରସବ ପରେ ମହିଳାମାନେ ଏହି ଋତୁରେ ସକାଳେ ଖରାରେ ବସିବା ଭଲ । ଏହା ସେମାନଙ୍କ ହାଡ ମଜବୁତ କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ।
- ♦ ଏପରିକି ସକାଳର ଏହି ଖରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ ।



## ଘରୋଇ ଚିକିତ୍ସାରେ ଗଙ୍ଗଶିଉଳି

- ▪ ଦୁଇ ଚାମଚ ଗଙ୍ଗଶିଉଳି ପତ୍ର ରସରେ ଚାରି, ପାଞ୍ଚ ଠୋପା ମହୁ ଫେଣ୍ଟି ଦିନକୁ ତିନି ଥର ସେବନ କଲେ ଥଣ୍ଡା, କାଶ, କଫ ଭଲ ହୁଏ ।
- ▪ ପାଳି ଜ୍ୱର ହେଉଥିଲେ, ଦିନକୁ ଦୁଇଥର ପାଞ୍ଚ ଦିନ ଯାଏ ଏକ ଚାମଚ ଲେଖାଏଁ ରସ ସେବନ କରନ୍ତୁ ।
- ▪ ତିନି, ଚାରିଟି ପତ୍ରକୁ ବାଟି, ପାଣିରେ ଫୁଟାଇ ଛାଣିବା ପରେ ଦିନକୁ ଦୁଇଥର ପିଅନ୍ତୁ । ସିଆଟିକା ସମସ୍ୟା ଦୂର ହେବ ।
- ▪ ଗଙ୍ଗଶିଉଳି ପତ୍ରରେ ଗୋଲମରିଚ ବାଟି ସେବନ କଲେ ମାଲେରିଆ ଜ୍ୱର ଭଲ ହୁଏ ।
- ▪ ଦୁଇ ଟୋପା ରସ ନାକରେ ପକାନ୍ତୁ, ମୁଣ୍ଡବିନ୍ଧାରୁ ଉପଶମ ମିଳିବ ।



- ▪ ପାଞ୍ଚ ଗ୍ରାମ୍ ଓଜନର ପତ୍ର, ଛାଲ ଓ ଫୁଲକୁ ଦୁଇ ଶହ ଗ୍ରାମ୍ ପାଣିରେ ଫୁଟାନ୍ତୁ । ଏହାର ଏକ ଚତୁର୍ଥାଂଶ ପାଣିକୁ ଛାଣି ପିଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା, ଫୁଲାରୁ ଉପଶମ ମିଳେ ।



# ବିଛଣା ସାଜିପାରେ ରୋଗର କାରଣ



ଦିନସାରା ପରିଶ୍ରମ ପରେ ମନ ଚାହେଁ ଟିକିଏ ବିଛଣାରେ ଗଡ଼ିଯିବାକୁ । କିନ୍ତୁ ଜାଣନ୍ତି, ଏହି ବିଛଣା ଆପଣଙ୍କ ସ୍ୱାସ୍ଥ୍ୟର ଲୁକ୍କାୟିତ ଶତ୍ରୁ । ଅନେକ ଅଛନ୍ତି, କୌଣସି ରୋଗ ନଥିଲେ ବି ବାରମ୍ବାର ଆଲର୍ଜି, ସଂକ୍ରମଣ, କାଶ ଏବଂ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ଯେତେ ଔଷଧ ସେବନ କଲେ କି ଆଣ୍ଟିବାୟୋଟିକ୍ ନେଲେ କିଛି କାମ କରେନାହିଁ । ଏଭଳି ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ଔଷଧ ସେବନ ପରିବର୍ତ୍ତେ ପ୍ରଥମେ ନିଜ ତକିଆ ପରିବର୍ତ୍ତନ କରନ୍ତୁ । ଅନେକ ଗବେଷଣା ପରେ ତଥ୍ୟ ସାମ୍ନାକୁ ଆସିଛି ଯେ, କୌଣସି ତକିଆକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବ୍ୟବହାର କଲେ ତାହା ସ୍ୱାସ୍ଥ୍ୟ ବିଗିଡ଼ିବାର ପ୍ରମୁଖ କାରଣ ପାଲଟିଥାଏ । ତକିଆ ଏବଂ ବିଛଣା ସହ ଜଡ଼ିତ ଏକ ଗବେଷଣାରୁ ଜଣାପଡ଼ିଛି, ଏହାକୁ ଅଧିକ ବର୍ଷ ବ୍ୟବହାର କରିବା ଦ୍ୱାରା ସେଥିରେ ଥିବା ଡେଡ୍ ସ୍କିନ୍ ସେଲ୍ସ ଯୋଗୁ ବିଭିନ୍ନ ପ୍ରକାର ଜୀବାଣୁ, କୀଟାଣୁ ଏବଂ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ଏହା ନିଃଶ୍ୱାସ ସହ ଆମ ଶରୀର ଭିତରକୁ ପ୍ରବେଶ କରିଯାନ୍ତି । ଫଳରେ ବାରମ୍ବାର ରୋଗରେ ପଡ଼ିବାକୁ ହୁଏ । ଅନେକ ସମୟରେ ଏହି ବ୍ୟାକ୍ଟରିଆ ଚର୍ମ ସଂକ୍ରମଣର କାରଣ ମଧ ପାଲଟିଥାଏ । ଆମେ ଯେତେବେଳେ ରୋଗରେ ପଡ଼ିଥାଉ, ସେତେବେଳେ ମଧ ଏହି ତକିଆର ବ୍ୟବହାର କରୁ । ଯଦ୍ଦ୍ୱାରା ଆଣ୍ଟିବାୟୋଟିକ୍ ସେବନରେ ରୋଗ ସିନା ଭଲ ହୋଇଯାଏ କିନ୍ତୁ ପୂରା ମାତ୍ରାରେ ନୁହେଁ ।

## ସ୍ୱାସ୍ଥ୍ୟପ୍ରଦ ମାଟିହାଣ୍ଡି ଖାଦ୍ୟ



ନିକଟରେ ବିଶ୍ୱସ୍ତରୀୟ ଖାଦ୍ୟ ସର୍ବେକ୍ଷଣ ହୋଇଥିଲା । ୨୦୧୬ ଶେଷ ଭାଗରେ ହୋଇଥିବା ଏହି କାର୍ଯ୍ୟରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ତଥ୍ୟ ପ୍ରକାଶିତ । କେବଳ ଭାରତ ଓ ଜାପାନର କାଁଭାଁ କେତୋଟି ଅଞ୍ଚଳରେ ହିଁ ଆଜିର ସମୟରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି ।

# ଥଣ୍ଡାରୁ ବର୍ତ୍ତିବାର ଉପାୟ

**ଋତୁ ପରିବର୍ତ୍ତନ ହେବା ସମୟରେ ଥଣ୍ଡା, ଛିଙ୍କ ଓ ସର୍ଦ୍ଦି ହେବା ଏକ ସାଧାରଣ କଥା । ଏପରି ସମୟରେ ଆମେ ଖାଦ୍ୟପାନୀୟ ପ୍ରତି ଯତ୍ନବାନ୍ ହେବା ସହ ନିଜର ଯତ୍ନ ନେବା ଉଚିତ ।**



ପ୍ରଚୁର ପରିମାଣରେ ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଥଣ୍ଡା ହୋଇଥାଏ ବୋଲି ଅଧିକାଂଶଙ୍କ ଧାରଣା । ବିଶେଷଜ୍ଞଙ୍କ ମତ ଯେ କଦଳୀ ଖାଇଲେ ବରଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଗୋଟିଏ କଦଳୀ ଖାଇଲେ ୧୦୦ କ୍ୟାଲୋରୀ ଶକ୍ତି ମିଳିଥିବା ବେଳେ ଥଣ୍ଡାରୁ ମଧ ରକ୍ଷା କରେ । ଶୀତଦିନେ ରାତିବେଳା କିମ୍ବା ସନ୍ଧ୍ୟା ସମୟରେ ଦହି ଓ ଏଥିରୁ ପ୍ରସ୍ତୁତ ଅନ୍ୟାନ୍ୟ ବ୍ୟଞ୍ଜନ ନ ଖାଇବା ଉଚିତ୍ । ଏହା କାରଣରୁ କଫ ହେବାର ଭୟ ରହିଥାଏ । ଦିନବେଳା ଦହି ଖାଇବା ଉଚିତ । ଅଳ୍ପ ପରିମାଣରେ ଖାଇଲେ ଏହା କାରଣରୁ ଥଣ୍ଡା କିମ୍ବା ଜ୍ୱର ହେବାର ଆଶଙ୍କା ନଥାଏ । ଥଣ୍ଡାରୁ ରକ୍ଷା ପାଇବାକୁ ହେଲେ ଭିଟାମିନ୍ ସି'ଯୁକ୍ତ ଫଳ ଓ ପନିପରିବାକୁ ନିଜ ଭୋଜନ ତାଲିକାରେ ସାମିଲ କରାଇବା ଆବଶ୍ୟକ ।

ଏହା ସହ ଧ୍ୟାନରେ ରଖିବା ଉଚିତ ଯେ ଥଣ୍ଡା ହୋଇଥିଲେ ଖିର ପିଇବା ଅନୁଚିତ । ଏହା କାରଣରୁ କଫ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁକୁ କ୍ଷୀର ପିଆଇ ସାରି ପେଟ ଭରି ପାଣି ପିଆନ୍ତୁ । ଏହା ଦ୍ୱାରା ପାଟିରେ ରହିଥିବା କ୍ଷୀର ପେଟକୁ ଚାଲିଯାଏ ଓ ଭଲ ହଜମ ହୁଏ । କ୍ଷୀର ପିଆଇ ସାରି ପରିଷ୍କାର କପଡା ବା ଗଜକପଡା ଗରମ ପାଣିରେ ଭିଜାଇ ଶିଶୁର ମାଢି ଓ ମୁହଁର ଭିତର ଅଂଶକୁ ଭଲ ଭାବେ ପୋଛିଦିଅନ୍ତୁ । ଦିନକୁ ଦୁଇଥର ଏମିତି କଲେ ପାଟି ପରିଷ୍କାର ରହେ । ପାଟି ଭିତର ଘା' ହେଲେ ମହୁ ଲଗାନ୍ତୁ, ଶିଖିଯିବା ୬ରୁ ୨୪ମାସ ମଧ୍ୟରେ ଶିଶୁର ଦୁଧ ଅଭାବରୁ ମାଢିରେ କେତେକ ରୋଗ ହୁଏ । ଆଗ ମାଢି ଅଧିକ କ୍ଷତି ହୁଏ । ଏହା ଫୁଲେ କିମ୍ବା ଯନ୍ତ୍ରଣା ହୁଏ । ଏହି ସମୟରେ ଜ୍ୱର , ପତଳା ଝାଡା , ଅକାରଣ କାନ୍ଦିବା ସମସ୍ୟା ହୁଏ । ପାଞ୍ଚ ବର୍ଷ ବୟସ ପରେ ଶିଶୁମାନଙ୍କ ଦାନ୍ତ ସଂକ୍ରମଣ ହୁଏ ଏବଂ ପୋକ ଲାଗେ । ଏହି ସମୟରେ ବେଳେବେଳେ ଶିଶୁଙ୍କ ମୁହଁରେ ଫୋଟକା ବାହାରେ, ଜ୍ୱର ହୁଏ, ଖାଇବାରେ ଅରୁଚି ହୁଏ । ଏଥିପାଇଁ ଗୁଣି-ଗାରେଡି କିଂବା ଟୁଟୁକା ଚିକିତ୍ସା ଉପରେ ଭରସା ନ କରି ଶିଶୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଶିଶୁର ଜୀବନ ପାଇଁ ଏହା ଅଧିକ ନିରାପଦ ।

# ଜୋତା ଗନ୍ଧାଇବନି

କେତେକଙ୍କର ପାଦ ଝାଳଉଥିବାରୁ ଏବଂ ଜୋତା କୌଣସି କାରଣରୁ ଓଦା ହୋଇଥିଲେ ଅନେକ ସମୟରେ ଏଥିରୁ ଖୁବ୍ ଦୁର୍ଗନ୍ଧ ବାହାରେ । ଖରାରେ ରଖିଲେ କିମ୍ବା କର୍ପୂର ଦେଲେ ହୁଏତ ଏଥିରୁ କିଛିଟା ମୁକ୍ତି ମିଳେ, ତେବେ ଏହା ସମୟସାପେକ୍ଷ ଏବଂ ସେତେ ସୁଫଳ ଦିଏନାହିଁ । ଏହି ସମସ୍ୟାର ସମାଧାନ ଲାଗି ପାନାସୋନିକ ଏକ ସୁ ଡିଓଡୋରାଇଜର ପ୍ରସ୍ତୁତ କରିଛି । ଏମଏସ ଡିଏସ ୧୦୦ ସୁ ଡିଓଡୋରାଇଜର ନାନୋ ଏକ୍ସ ଟେକନୋଲୋଜିଯୁକ୍ତ । ଏହା ଜୋତା ଭିତରକୁ ହାଇଡ୍ରୋକ୍ସିଲ ରାଡିକାଲ ଥିବା ଆୟନ କଣିକା ଛାଡେ ଯାହା ଦୁର୍ଗନ୍ଧକୁ ଶେଷ କରିଦିଏ । ଏହା ନର୍ମାଲ ଏବଂ ଲଙ୍ଗ-ଦୁଇଟି ମୋଡରେ କାର୍ଯ୍ୟ କରିଥାଏ । ଏ ଦୁଇଟିଯାକ ମୋଡ ଯଥାକ୍ରମେ ୫ ଏବଂ ୭ ଘଣ୍ଟା ନେଇଥାନ୍ତି । ଜୋତା ମାତ୍ରାଧିକ ଗନ୍ଧାଉଥିଲେ ଲଙ୍ଗ ମୋଡରେ ରଖିବା ଉଚିତ । ଡିଓଡୋରାଇଜରର ପ୍ଲଗକୁ ବିଦ୍ୟୁତ ସଂଯୋଗ କରି ଏହାର ବିପରୀତ ପାର୍ଶ୍ୱଟିକୁ ଜୋତାରେ ଲଗାଇଲେ ଏହା କାମ କରିଥାଏ । ଅନଲାଇନରେ ଏହାକୁ ଖୋଜିପାରିବେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୧୧ ଜାନୁଆରୀ ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କୋଭିଡ ସହ ବାର୍ଡ ଫ୍ଲୁ ...

ମହାମାରୀ କୋଭିଡ୍-୧୯ର ମୂଳପୋଛ କରିବାକୁ ମାନବ ସମାଜ ପ୍ରସ୍ତୁତ ହେଉ ହେଉ ଏବେ ବାର୍ଡ଼ ଫ୍ଲୁ ବା ପକ୍ଷୀମାନଙ୍କୁ ହେଉଥିବା ଜ୍ୱର ଘୋର ଚିନ୍ତାରେ ପକାଇଲାଣି ଦେଶର ସରକାର ଓ ବେଶ୍ କିଛି ରାଜ୍ୟର ଲୋକଙ୍କୁ । ବାର୍ଡ଼ ଫ୍ଲୁର କୌଣସି ଲକ୍ଷଣ ନଥିବା ନେଇ ଭାରତ ଘୋଷଣା କରିବାର ମାତ୍ର ତିନିମାସ ପୁରିଛି କି ନାହିଁ, ଦେଶର ଚାରିଗୋଟି ରାଜ୍ୟ- ରାଜସ୍ଥାନ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କେରଳରେର ଏଚ୍୫ଏନ୍୧ ଏବଂ ଏଚ୍୫ଏନ୍୮ ଉପଜାତିର ଇନଫ୍ଲୁଏଂଜାରେ ମୃତ୍ୟୁବରଣ କରି ସାରିଲେଣି ହଜାର ହଜାର ପକ୍ଷୀ । କେବଳ ଏଇସବୁ ରାଜ୍ୟ ନୁହେଁ, ହରିୟାନା, ଝାଡ଼ଖଣ୍ଡ ଏବଂ ଗୁଜରାଟରେ ମଧ୍ୟ ପକ୍ଷୀମାନଙ୍କୁ ଆକ୍ରମଣ କରିଛି ରୋଗ, ଯଦିଓ ଏ ତିନୋଟି ରାଜ୍ୟରେ କେଉଁ କାରଣରୁ ହଜାର ହଜାର ସଂଖ୍ୟକ ପକ୍ଷୀଙ୍କର ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ଭାବରେ ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ଉପରୋକ୍ତ ଇନ୍‌ଫ୍ଲୁଏଞ୍ଜାଗୁଡ଼ିକର ଭୂତାଣୁଗୁଡ଼ିକ ଅତି ସୂକ୍ଷ୍ମ ହୋଇଥିବାରୁ ଖାଲି ଆଖିରେ ତ ଦୂରର କଥା, ଅଣୁବୀକ୍ଷ ଯନ୍ତ୍ରରେ ମଧ୍ୟ ଦେଖିବା କଷ୍ଟକର । ପୁଣି ଏସବୁ ଭୂତାଣୁ ଭିନ୍ନ ଭିନ୍ନ ରାଜ୍ୟରେ ଲକ୍ଷ୍ୟଭୁକ୍ତ କରିଛନ୍ତି ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଯେପରି ହରିୟାନାରେ ଗୃହପାଳିତ ପକ୍ଷୀ ଯଥା କୁକୁଡ଼ା, ବତକ ଇତ୍ୟାଦିଙ୍କର ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ କାଉମାନେ, ହିମାଚଳ ପ୍ରଦେଶରେ ଦେଶାନ୍ତରିତ ହୋଇ ଆସିଥିବା ପକ୍ଷୀ ଏବଂ କେରଳରେ ଗୃହପାଳିତ ପକ୍ଷୀମାନଙ୍କୁ ଏଚ୍୫ଏନ୍୧ ଭୂତାଣୁ ହିମାଚଳ ପ୍ରଦେଶରେ ଦେଶାନ୍ତରିତ ପକ୍ଷୀମାନଙ୍କ ମୃତ୍ୟୁର କାରଣ ହୋଇଥିବା ତଥା ଏଚ୍୫ଏନ୍୮ କେରଳ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଯଥାକ୍ରମେ ଗୃହପାଳିତ ପକ୍ଷୀ ଏବଂ କାଉମାନଙ୍କ ମୃତ୍ୟୁର କାରଣ ହୋଇଥିବା ପରୀକ୍ଷଣ ସ୍ପଷ୍ଟ କରିସାରିଛି । ଅର୍ଥାତ ମୋଟାମୋଟି ଦୁଇ ପ୍ରକାରର ଭୂତାଣୁ ବର୍ତ୍ତମାନ ସୁଦ୍ଧା ଉଭୟ ଘରୋଇ ଓ ବିଦେଶାଗତ ପକ୍ଷୀ କୁଳଙ୍କୁ ଆକ୍ରାନ୍ତ କରିସାରିଛି, ଯେଉଥିପାଇଁ ଗୃହପାଳିତ ପକ୍ଷୀମାନଙ୍କ ରକ୍ଷାକୁ ନେଇ ଘୋର ଚିନ୍ତାରେ ପଡ଼ିଛନ୍ତି ସରକାର ଓ ଜନସାଧାରଣ । ଏହି ଇନଫ୍ଲୁଏଂଜାର ସଂକ୍ରମଣକୁ ରୋକିବା ପାଇଁ ଏହା ମଧ୍ୟରେ ବୁଧବାର ଦିନ ୨୦୧୫ ମସିହାର ନ୍ୟାସନାଲ ଅଭିଯାନ ଇନ୍‌ଫ୍ଲୁଏଂଜାର ସଂକ୍ରମଣକୁ ରୋକିବାପାଇଁ ପାଖାପାଖି ସତୁରି ହଜାର କୁକୁଡ଼ା ଓ ବତକଙ୍କୁ ମାରି ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଯେହେତୁ ଏହି ଫ୍ଲୁର ପାଖାପାଖି ୧୨ଟି କେନ୍ଦ୍ରସ୍ଥଳ ଚିହ୍ନଟ ହୋଇସାରିଛି, ତେଣୁ କେନ୍ଦ୍ର ସରକାର ସବୁ ରାଜ୍ୟଙ୍କୁ ସେମାନଙ୍କ ବନାଂଚଳ ଏବଂ ଜଳଂଚଳରେ ରହିଥିବା ପକ୍ଷୀମାନଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ସତର୍କ କରାଇ ଦେଇଛନ୍ତି । ବାର୍ଡ଼ଫ୍ଲୁ ବ୍ୟାପିବାର କାରଣ ବିଦେଶାଗତ ପକ୍ଷୀମାନେ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି । ଏକଥା ସମସ୍ତେ ଜାଣନ୍ତି ଯେ ଶୀତ ଋତୁର ଆଗମନ ଘଟିବା ପୂର୍ବରୁ ପୃଥିବୀର ଉତ୍ତର ଗୋଲାର୍ଦ୍ଧର ପକ୍ଷୀମାନେ ପ୍ରବଳ ଶୀତ ଓ ତୁଷାରପାତରୁ ନିଜକୁ ରକ୍ଷା କରିବା ନିମନ୍ତେ ଦକ୍ଷିଣ ଗୋଲାର୍ଦ୍ଧର ଉଷ୍ମ ସ୍ଥାନମାନଙ୍କୁ ହଜାର ହଜାର କିଲୋମିଟର ଅତିକ୍ରମ କରି ପଳାଇ ଆସିଥାନ୍ତି । ପକ୍ଷୀମାନଙ୍କର ଦେଶାନ୍ତରିତ ହୋଇ ଭାରତକୁ ଆଗମନ କରିବା ଆରମ୍ଭ ହୋଇଥାଏ ପ୍ରାୟତଃ ଅକ୍ଟୋବର ମାସରେ ଏବଂ ଫେବୃଆରୀ ମାସ ବେଳକୁ ବସନ୍ତ ଋତୁର ଆଗମନ ଘଟିବା କ୍ଷଣି ସେମାନେ ନିଜ ନିଜ ଦେଶକୁ ବାହୁଡ଼ି ଯାଇଥାନ୍ତି । ତେଣୁ ବର୍ତ୍ତମାନ ଭାରତରେ ବହୁ ସଂଖ୍ୟକ ବିଦେଶାଗତ ପକ୍ଷୀ ରହିଥିବା ନେଇ ସନ୍ଦେହର କୌଣସି କାରଣ ନାହିଁ । ଓଡ଼ିଶାର ଚିଲିକା, ଅଂଶୁପା ଇତ୍ୟାଦିକୁ ମଧ୍ୟ ବିଦେଶରୁ ପକ୍ଷୀମାନଙ୍କର ଆଗମନ ଘଟିଥାଏ । ଅତଏବ, ଆହୁରି ମାସେରୁ ଅଧିକ ସମୟ ପର୍ଯ୍ୟନ୍ତ ବାର୍ଡ଼ ଫ୍ଲୁ ସମ୍ପ୍ରସାରଣ ହେବାର ସମ୍ଭାବନା ରହିଛି ଯେଉଁଥିପାଇଁ ଦ୍ୱିତୀୟ ପର୍ଯ୍ୟାୟର ସଂକ୍ରମଣକୁ ରୋକିବାକୁ କେରଳ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି ବୋଲି ଜଣାପଡ଼ିଛି । ନିକଟରେ ପ୍ରକାଶିତ ଏକ ୟୁରୋପୀୟ ଖାଦ୍ୟ ନିରାପତ୍ତା କର୍ତ୍ତୃପକ୍ଷ ରିପୋର୍ଟ ଉଲ୍ଲେଖ କରିଛି ଯେ ଅଗଷ୍ଟରୁ ଡିସେମ୍ବର ମାସ ଭିତରେ ଯୁକ୍ତରାଜ୍ୟ ବା ଇଂଲଣ୍ଡକୁ ମିଶାଇ ୧୫ଟି ୟୁରୋପୀୟ ଦେଶର ବାର୍ଡ଼ ଫ୍ଲୁ ଦେଖିବାକୁ ମିଳିଥିଲା । ସମ୍ପ୍ରତି ଏହା ଭାରତରେ ଦେଖାଦେଇଛି ଯାହାର ତୁରନ୍ତ ପ୍ରତିକାର କରାଯିବା ନିତାନ୍ତ ଆବଶ୍ୟକ । କୋଭିଡ୍ ମହାମାରୀ ଯୋଗୁଁ ସମଗ୍ର ଦେଶର ଅର୍ଥନୀତି କାର୍ଯ୍ୟକଳାପ ପ୍ରାୟ ବର୍ଷେ ହେବ ସ୍ଥାଣୁ ହୋଇ ଯାଇଥିଲା ବୋଲି କୁହାଯାଇପାରେ । ତା' ଉପରେ ବର୍ତ୍ତମାନର ବାର୍ଡ଼ ଫ୍ଲୁ ସଂକ୍ରମଣକୁ ପକ୍ଷୀ, ବିଶେଷକରି କୁକୁଡ଼ା ଓ ବତକ ପାଳନ କରି ଜୀବିକା ନିର୍ବାହ କରୁଥିବା ଚାଷୀମାନଙ୍କ ପକ୍ଷେ ବରଦାସ୍ତ କରିବା ଅତ୍ୟନ୍ତ କଷ୍ଟକର, ମୁଖ୍ୟତଃ ଯେତେବେଳେ କୋଭିଡ୍‌ଜନିତ କଟକଣାକୁ କୋହଳ କରାଯାଇ ସାଧାରଣ ଜୀବନ ଯାତ୍ରା ଧୀରେ ଧୀରେ ସ୍ୱାଭାବିକ ହେବାକୁ ଲାଗିଛି । ଚାଷୀମାନଙ୍କର କ୍ଷତିକୁ ରୋକିବା ନିମନ୍ତେ ସରକାର ଚାଷୀଙ୍କ ସହିତ ମିଶି କିପରି ସେମାନଙ୍କର ସବୁ ପକ୍ଷୀଙ୍କର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇପାରିବ ବା ସେଗୁଡ଼ିକୁ ନଷ୍ଟ କରାଗଲେ ସେମାନେ କିପରି କ୍ଷତିପୂରଣ ପାଇ ପାରିବେ, ସେ ସମ୍ବନ୍ଧରେ ନିଶ୍ଚିତ ହେବା ଜରୁରୀ ।






## ପ୍ରଣାମ ଚରଣେ ...

### ଶ୍ରୀମତୀ ପ୍ରତିମାରାଣୀ ମଲ୍ଲିକ

ମୂରତି ମଧୁର, ମୂରଲୀ ମଧୁର
ନୟନ ମଧୁର, ବସନ ମଧୁର
ହୃଦୟ ମଧୁର, ପ୍ରଣୟ ମଧୁର
ପ୍ରଣାମ ଘେନ ଗୋ ମଧୁରାଧିପତି ।

ଚରଣ ମଧୁର, ନୂପୁର ମଧୁର
ଚନ୍ଦନ ମଧୁର, ତୁଳସୀ ମଧୁର
କୁସୁମ ମଧୁର, କୁଙ୍କୁମ ମଧୁର
ପ୍ରଣାମ ଚରଣେ ମଧୁରାଧିପତି ।

ନିର୍ମାଲ୍ୟ ମଧୁର, କୈବଲ୍ୟ ମଧୁର
ଶରଣ ମଧୁର, ଆଶିଷ ମଧୁର
ବାଣୀ ବି ମଧୁର, ଠାଣି ଟି ମଧୁର
ପ୍ରଣାମ ଚରଣେ ମଧୁରାଧିପତି ।

ମଳୟ ମଧୁର, ଅରୁଣ ମଧୁର
ଗଗନ ମଧୁର, ଚନ୍ଦ୍ରମା ମଧୁର
ଦିବସ ମଧୁର, ରଜନୀ ମଧୁର
ପ୍ରଣାମ ଚରଣେ ମଧୁରାଧିପତି ।

ନୂତନ ବରଷ, କର ମଧୁମୟ
'କରୋନା' ନରହୁ, ହେ କରୁଣାମୟ
ଜୀବନ ହେଉ ଗୋ, ସୁସ୍ଥ ନିରାମୟ
ପ୍ରଣାମ ଘେନ ଗୋ ମଧୁରାଧିପତି ।

## ବାଳ ଅପରାଧ-କାରଣ ଓ ନିରାକରଣ

**ପ୍ରଭାକର ଦାସ**

"ବାଳ"- ଶବ୍ଦର ଅର୍ଥ ବାଳକ ବା କିଶୋର ଅବସ୍ଥା ଏବଂ ଏହାର ବୟସ ସୀମା ୫ ବର୍ଷରୁ ୧୫ ବର୍ଷଯାଏ ଶାସ୍ତ୍ରାନୁମୋଦିତ । ଏହି ସମୟର ଶେଷ ଭାଗ । ଅର୍ଥାତ୍ ୧୨ରୁ ୧୫/୧୬ ବର୍ଷଯାଏ ବୟସକୁ ପ୍ରାକ୍ ଯୌବନ ବା ଇଂରାଜୀରେ Pre-addeseence period କୁହାଯାଏ । ପ୍ରାଚୀନ କାଳରେ ଏହି ସମୟ ସୀମା ମଧ୍ୟରେ ବାଳକମାନେ (ସେ ସମୟରେ ଏବର ଯୁଗଭଳି ନାରୀ ଶିକ୍ଷାର ବିଶେଷ ପ୍ରସାର ଘଟିନଥିବା କଥା ସମସ୍ତେ ଜାଣିଛନ୍ତି) ଗୁରୁ ଗୃହରେ ଆଶ୍ରମ ଜୀବନ ଯାପନ ଓ ବ୍ରହ୍ମଚର୍ଯ୍ୟ ଜୀବନଯାପନ କରିବା ସଙ୍ଗେସଙ୍ଗେ ବିଭିନ୍ନ ବିଦ୍ୟା ଶିକ୍ଷାଲାଭ କରୁଥିଲେ ଏବଂ ଶିକ୍ଷାଲାଭର ସମାପ୍ତିପରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ପୂର୍ବକ ସାଂସାରିକ ଜୀବନ ଆରମ୍ଭ କରୁଥିଲେ । ସେଥିପାଇଁ ପ୍ରାଚୀନ ଅର୍ଥ ତତ୍ତ୍ୱବିତ୍ ଚାଣକ୍ୟ (କୌଟିଲ୍ୟ) ଯଥାର୍ଥରେ ଲେଖିଛନ୍ତି "କାଳୟେତ୍ ପଞ୍ଚବର୍ଷାଣୀ-ଦଶବର୍ଷାଣୀ (୫ରୁ ୧୫ ବର୍ଷଯାଏ ମୋଟ ଦଶବର୍ଷ) ତାଡୟେତ୍ ପ୍ରାପ୍ତେଷୁ ଷୋଡଶ ବର୍ଷମ୍- ପୁତ୍ରମିତୈବାଚରୟେତ୍ ।" ଅର୍ଥାତ୍ ପାଞ୍ଚରୁ ପନ୍ଦର ବର୍ଷ ବ୍ୟାପି ଜୀବନ ଜଣେ ମନୁଷ୍ୟ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ୍, ଏହି ସମୟଟା ହିଁ ତାକୁ ମଣିଷ ଅଥବା ଅମଣିଷ, ରୋଜଗାର କ୍ଷମତା ପ୍ରାପ୍ତ ଅଥବା ବେକାରୀ ହେବାର ବାଟ ଦେଖାଇଥାଏ । ଅର୍ଥାତ୍ ଏହି ପ୍ରାକ୍ ଯୌବନାବସ୍ଥାହିଁ, ଯାହାର ସମ୍ବିଧାନିକ ଶବ୍ଦ "ନାବାଳକ, ଏହାର ବୟସ ସୀମା ସମ୍ବିଧାନାନୁଯାୟୀ ସତର ରଖାଯାଇଛି, ମଣିଷର ଉଦ୍ଦେଶ୍ୟ ତ ଜୀବନର ନିର୍ଣ୍ଣାୟକ ସମୟ । ଏହି ସମୟ ମଧରେ ବାଳକ (କିଶୋର କିଶୋରୀ ବା ନାବାଳକମାନେ) କରୁଥିବା ଧର୍ତ୍ତବ୍ୟ ଅପରାଧ, ଯଥା-ଚୋରି, ଡକାୟତି, ହତ୍ୟା, ଧର୍ଷଣାଦିକୁ ବାଳ-ଅପରାଧ କୁହାଯାଏ । ପ୍ରାଚୀନ କାଳରେ ବାଳକମାନେ ଏପରି ଧର୍ତ୍ତବ୍ୟ ଅପରାଧ କରିବା ବିଷୟ ସ୍ୱପ୍ନରେ ମଧ ଭାବିପାରୁ ନଥିଲେ । କାରଣ ଗୁରୁକୁଳ ଆଶ୍ରମରେ କଠୋର ଶୃଙ୍ଖଳା ଓ ନିୟମାବଳୀ ପାଳନ ପୂର୍ବକ ଶିଷ୍ୟତ୍ୱର ମହନୀୟ, ଅନାବିଳ ଜୀବନ ଯାପନ କରୁଥିଲେ ସେମାନେ ଏବଂ ପରବର୍ତ୍ତୀ ଜୀବନ (ସାଂସାରିକ ଜୀବନ) ବିଷୟରେ ଉପଯୁକ୍ତ ତାଲିମ ନେଉଥିଲେ । ଆଜିର ଯୁଗରେ ପିଲା ଜନ୍ମ ହେବା ପରଠୁଁ ସବୁସମୟପାଇଁ ବାପା, ମାଆ, ଜ୍ଞାତି-କୁଟୁମ୍ବମାନଙ୍କ ସହିତ ଏକତ୍ର ବାସକରୁଥିବାରୁ ଜୀବନର ପ୍ରାରମ୍ଭରୁ ସାମାଜିକ ରୀତି-ନୀତି, ନିୟମ-ବେନିୟମ, ସତ୍ୟ ମିଥ୍ୟାଦି ସହିତ ଅତି ଘନିଷ୍ଠ ଭାବରେ ଜଡିତ ହୋଇ ପଡୁଛନ୍ତି ଏବଂ ମାନସିକ ଅସ୍ଥିରତା (Mantal instability), ଯାହାଙ୍କ ପ୍ରାକ୍ ଯୌବନାବସ୍ଥାର ଏକ ବିଶେଷ ଓ ସୁସ୍ପଷ୍ଟ ଲକ୍ଷଣ, ବଶତଃ ଠିକ୍-ଭୁଲକୁ ସହଜରେ ବାଛିନ ପାରି, ପ୍ରତ୍ୟେକର ସୁଗୁଣ-ଦୁର୍ଗୁଣକୁ ଯଥାଇଯଥ ଭାବରେ ଅନୁଶୀଳନ କରିନପାରି ବିପଥଗାମୀ ବା ବାଳ-ଅପରାଧୀ ପାଲଟି ଯାଇଥାନ୍ତି ସହଜରେ, ସ୍ୱଳ୍ପ ସମୟ ମଧରେ, କିଶୋର ଅବସ୍ଥାରୁ ।

> ପ୍ରାଚୀନ କାଳରେ ବାଳକ (କିଶୋର) ମାନେ ଏପରି ଧର୍ତ୍ତବ୍ୟ ଅପରାଧ କରିବା ବିଷୟ ସ୍ୱପ୍ନରେ ମଧ ଭାବିପାରୁ ନଥିଲେ । କାରଣ ଗୁରୁକୁଳ ଆଶ୍ରମରେ କଠୋରି ଶୃଙ୍ଖଳା ଓ ନିୟମାବଳୀ ପାଳନ ପୂର୍ବକ ଶିଷ୍ୟତ୍ୱର ମହନୀୟ, ଅନାବିଳ ଜୀବନ ଯାପନ କରୁଥିଲେ ସେମାନେ ଏବଂ ପରବର୍ତ୍ତୀ ଜୀବନ (ସାଂସାରିକ ଜୀବନ) ବିଷୟରେ ଉପଯୁକ୍ତ ତାଲିମ ନେଉଥିଲେ ।

**ସାମ୍ପ୍ରତିକ ସମାଜର ବିଭିନ୍ନ ସ୍ତରର ବାଳ-ଅପରାଧୀ ଓ ତାର କାରଣ :-**

(୧) ଦେଖାଯାଏ ଅନେକ ଧନୀ, ଉଚ୍ଚ ଶିକ୍ଷିତ, ଉଚ୍ଚପଦସ୍ଥ କର୍ମଚାରୀ ତଥା ସମ୍ଭ୍ରାନ୍ତ ବଂଶୀୟ ପିଲାମାନେ କିଶୋରାବସ୍ଥାରୁ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ହୋଇ ପଡିଥାନ୍ତି । ତାର କାରଣ ହେଲା-

(କ) ପରିବାର ମଧରେ ସ୍ନେହ, ଶ୍ରଦ୍ଧା, ଭ୍ରାତୃତ୍ୱର ଅଭାବ ଯୋଗୁଁ ପରିବାର ମଧରେ ସଦାବେଳେ କଳହାଦି କିଶୋର ମନରେ ଗଭୀର ରେଖାପାତ କରିପକାଇ ତାକୁ ମଧ ଏହି ଅଳ୍ପ ବୟସରୁ ଅପରାଧ ସହିତ ଯୋଡି ଦେଇଥାଏ ।

(ଖ) ଧନୀ, ସମ୍ଭ୍ରାନ୍ତ, ଉଚ୍ଚପଦସ୍ଥ କର୍ମଚାରୀ ଅଥବା ରାଜନୈତିକ ବ୍ୟକ୍ତିଙ୍କର ସନ୍ତାନ ହୋଇଥିବାରୁ ସାଧାରଣ ବର୍ଗର ଲୋକେ, କିମ୍ବା ପ୍ରଶାସନିକ ଅଧିକାରୀ, ଅଥବା ଆଇନ-ଶୃଙ୍ଖଳା ରକ୍ଷାକାରୀ କର୍ମଚାରୀମାନେ ଉଭୟ କିମ୍ବା ଖାତିରରେ ଏହି ଅପରାଧୀମାନଙ୍କ ପ୍ରତି ଆଖିବୁଜି ଦେଉଥିବାରୁ ସେମାନେ ଅଧିକ ପ୍ରୋତ୍ସାହିତ ହୋଇଥାନ୍ତି ଏବଂ ସେମାନଙ୍କର ଅପରାଧ ମୂଳକ କାର୍ଯ୍ୟକ୍ରମକୁ ବନ୍ଦ କରିବା ପରିବର୍ତ୍ତେ ପରିବର୍ଦ୍ଧିତ କରିଥାନ୍ତି ।

(ଗ) ନିଶାସକ୍ତ ପିତା, ମାତା କିମ୍ବା ପରିବାରର ଅନ୍ୟ ସଦସ୍ୟ ସଦସ୍ୟା ମାନଙ୍କର ଏତାଦୃଶ କାର୍ଯ୍ୟକୁ ସ୍ୱଳ୍ପମତି କିଶୋରମାନେ ଅନୁକରଣ କରିଥାନ୍ତି ସମସ୍ତଙ୍କ ଅଜ୍ଞାତରେ ଏବଂ ଏଥିପାଇଁ ଆବଶ୍ୟକ ଅର୍ଥ ପାଇଁ ପ୍ରଥମେ ପ୍ରଥମେ ଘରୁ ଚୋରି କରୁ କରୁ ପରବର୍ତ୍ତୀ ସମୟରେ ଏହି ଚୋରି ନିଶା ସେମାନଙ୍କୁ ଡକାୟତି, ଛିନ୍‌ତାଇ, ରାହାଜାନି, ଏପରିକି ଏଥିପାଇଁ ହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ ।

(ଘ) କେହି କେହି ବାପା, ମାଆ ସେମାନଙ୍କ ପିଲାଙ୍କୁ ଅଳ୍ପ ବୟସରୁ ତାର ଇଚ୍ଛା ମୁତାବକ କାର୍ଯ୍ୟ କରିବାକୁ ବିନାଦ୍ୱିଧାରେ ଛାଡି ଦେଇଥାନ୍ତି ଅର୍ଥର ପ୍ରାଚୁର୍ଯ୍ୟ ଯୋଗୁଁ । ପରବର୍ତ୍ତୀ ସମୟରେ ଆଉ ସେମାନଙ୍କୁ ନିଜ ଆୟତକୁ ଆଣି ନପାରି ଅସାମାଜିକ (ଅପରାଧ) ମଣିଷରେ ପରିଗଣିତ କରି ପକାଇଥାନ୍ତି ସେମାନଙ୍କ ଅଜାଣତରେ, ଅଥବା ଜ୍ଞାତସାରରେ ।

ମଧ୍ୟବିତ୍ତ ପରିବାରର ପିଲାମାନେ ମଧ ଉପରୋକ୍ତ କାରଣରୁ ଅପରାଧୀ (ବାଳ-ଅପରାଧୀ) ହୋଇଯାଇଥାନ୍ତି ।

(୨) ଗରିବ, ଖଟିଖିଆ ଶ୍ରେଣୀର ପିଲାମାନଙ୍କୁ ସେମାନଙ୍କର ଅଭିଭାବକମାନେ ଉପଯୁକ୍ତ ଶିକ୍ଷା ଦେଇ ପାରିନଥାନ୍ତି ଆର୍ଥିକ ଅନାଟନ ଯୋଗୁଁ । ସେପରିସ୍ଥଳେ କୌଣସି କୌଣସି ପିଲା ସ୍ୱେଚ୍ଛାରେ ହେଉ, ଅଥବା ଅନ୍ୟର ପ୍ରରୋଚନା ହେଉ ଅପରାଧ ଘଟାଇଥାନ୍ତି ଏବଂ ପରବର୍ତ୍ତୀ ସମୟରେ ସୁଧାରୀ ଯାଆନ୍ତି, ଅଥବା ବଡ ଅପରାଧୀ ପାଲଟି ଯାଆନ୍ତି । କେତେକ ଆଦିବାସୀ ବହୁଳ ଅଂଚଳରେ, ବିଶେଷତଃ ଜଙ୍ଗଲାଂଚଳରେ) ଗୋଟିଏ ଗୋଟିଏ ସମ୍ପ୍ରଦାୟ ଅଛନ୍ତି, ଯେଉଁମାନଙ୍କର ବୃତ୍ତିହେଲା ପଥିକମାନଙ୍କୁ ଲୁଟକରିବା, ଦରକାର ପଡିଲେ ହତ୍ୟା କରିବା ଏବଂ ସଂଗଠିତ ଭାବରେ ଅନ୍ୟଅଂଚଳକୁ ରାତିରେ ଯାଇ ଡକାୟତି କରିବା । ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସେମାନଙ୍କୁ ଏଯାଏ ପୂର୍ଣ୍ଣମାତ୍ରାରେ ପ୍ରଭାବିତ କରି ସମାଜର ମୁଖ୍ୟ ସ୍ରୋତକୁ ଆଣିପାରିନାହିଁ । ସେଇମାନଙ୍କ ପିଲାମାନେ କିଶୋରୀବସ୍ଥାରୁ ହିଁ ଏହିପରି ଧର୍ତ୍ତବ୍ୟ ଅପରାଧ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଏହା ତାଙ୍କର କୌଳିକ ବୃତ୍ତି ବୋଲି ମନେକରନ୍ତି ।

(୩) ଅନେକ ଅବୈଧ ସନ୍ତାନ, ସନ୍ତତି ('ଅବୈଧ ସନ୍ତାନ' କହିବା ଭୁଲ, କାରଣ ପ୍ରତ୍ୟେକ ଜନ୍ମିତ ପିଲାର ବାପା ଓ ମାଆ ଥାଆନ୍ତି), ବିଶେଷତଃ ସହର, ନଗର, ମହାନଗରୀର ରାସ୍ତା କଡରେ, ରେଳ ଷ୍ଟେସନର ପ୍ଲାଟଫର୍ମରେ, ବସ୍‌ଷ୍ଟାଣ୍ଡ, ମନ୍ଦିର ଆଗରେ, ବିଶେଷତଃ ଆମ ଦେଶରେ, ଆଶ୍ରୟ ନେଇଥିବାର ଦେଖାଯାଏ । ତେବେ "ଅନ୍ନ ଚିନ୍ତାଃ ଚମତ୍କାରଃ", ପେଟର ଭୋକ ମେଣ୍ଟାଇବାପାଇଁ ସେମାନେ ପ୍ରଥମେ ପ୍ରଥମେ ଖାଇବା ଜିନିଷ ଚୋରି କରୁକରୁ ପରବର୍ତ୍ତୀ ସମୟରେ ଦୁର୍ଦ୍ଧାନ୍ତ ଡକାୟତ, ଗୁଣ୍ଡା, ଅସାମାଜିକ ଲୋକରେ ପରିଣତ ହୋଇଯାନ୍ତି ।

(୪) ସାଧାରଣତଃ ଆମ ଦେଶର ବଡବଡ ସହର, ନଗର, ମହାନଗରୀ ମାନଙ୍କର ଅନେକ ଅସାମାଜିକ, ଗୁଣ୍ଡା, ଡକାଏତ ଶ୍ରେଣୀର ଲୋକ । ସଂଗଠନ ରାସ୍ତାକଡରେ ରହୁଥିବା ଉପରୋଲିଖିତ ବାଳକ/ବାଳିକା କିମ୍ବା ଅନ୍ୟ ପିଲାଙ୍କୁ ଜୋର୍ ଜବରଦସ୍ତ ରାସ୍ତାରୁ ଆଣି ସେମାନଙ୍କ ଗୁପ୍ତ ଆଡାରେ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଏହିପରି ଅପରାଧ ମୂଳକ କାର୍ଯ୍ୟ କରିବାକୁ ବିଶେଷ ତାଲିମ ଦେଇ ସେମାନଙ୍କୁ ସହରର ବିଭିନ୍ନ ସ୍ଥାନରେ ଏହିପରି ଅପରାଧ ଘଟାଇ ଅର୍ଥ ଉପାର୍ଜନ କରିବାକୁ ବାଧ କରିଥାନ୍ତି । ତା ନହେଲେ ସେମାନଙ୍କୁ (ପିଲାମାନଙ୍କୁ) ଅନେକ କ୍ଷେତ୍ରରେ ବିକଳାଙ୍ଗ କରି ଏହିପରି ବୃତ୍ତି ଆବୋରିବାକୁ ବାଧ କରିଥାନ୍ତି ଏବଂ ସେମାନଙ୍କର ଅପରାଧ-ସାମ୍ରାଜ୍ୟର ପରିସୀମା ବୃଦ୍ଧି କରି ଚାଲିଥାନ୍ତି ।

**ନିରାକରଣ :-**

(୧) ଉପରୋଲିଖିତ ବାଳ-ଅପରାଧୀମାନଙ୍କର ମାନସିକ ଓ ମନସ୍ତାତ୍ତ୍ୱିକ (Mental and psychological) ପରିବର୍ତ୍ତନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏକାନ୍ତ ଆବଶ୍ୟକ ଏବଂ ଉପରୋଲିଖିତ ଅମାସାଜିକ ସଂସ୍ଥା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ବାଞ୍ଛନୀୟ । ଉକ୍ତ ବାଳ-ଅପରାଧୀ (ନାବାଳକ) ମାନଙ୍କୁ ସରକାର କେବଳ "ସୁଧାର ଗୃହ" ଭିତରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଆବଦ୍ଧ କରି ରଖିଦେଲେ ସେମାନଙ୍କର ମାନସିକ/ମନସ୍ତାତ୍ତ୍ୱିକ ପରିବର୍ତ୍ତନ ହୋଇଯିବନି । ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ଶିକ୍ଷା ଓ ତାଲିମ ଦେବାର ବ୍ୟବସ୍ଥା କରାଯିବା ଉଚିତ । ଏବେ ଆମ କେନ୍ଦ୍ର ସରକାର ଏହି ବାଳ-ଅପରାଧୀମାନଙ୍କ ପାଇଁ କଠୋର ଆଇନର ବ୍ୟବସ୍ଥା କରୁଛନ୍ତି, ତେବେ ଖାଲି ଆଇନର ସଂଶୋଧନ କରି କୋର୍ଟ, କଚେରୀ ମଧ୍ୟରେ ଆବଦ୍ଧ କରିଦେଲେ ସମାଧାନ ହେଉନି, ଯେ ପର୍ଯ୍ୟନ୍ତ ଏଇ କିଶୋର ବୟସର ପିଲାମାନଙ୍କୁ ଉପଯୁକ୍ତ ବାଟରେ ନିୟନ୍ତ୍ରଣ କରାଯାଇ ନପାରିଛି ।

(୨) **ଆଜିର ଚଳଚିତ୍ର, ଦୂର ଦର୍ଶନରେ :-** ଏପରି ଅନେକ ଚିତ୍ର ସ୍ୱଚ୍ଛନ୍ଦରେ, ନିର୍ବିଚାରରେ ପ୍ରସାରିତ, ପ୍ରଚାରିତ ହେଉଛି, ଯାହାକି କୋମଳମତି କିଶୋର/କିଶୋରୀଙ୍କ ମନ ଉପରେ ଯଥେଷ୍ଟ କୁ ପ୍ରଭାବ ପକାଉଛି ଏବଂ ସେମାନେ କୌତୂହଳ ବଶତଃ ଏପରି କାମଗୁଡିକୁ ଅନୁକରଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ଫଳତଃ ଅପରାଧୀ ପାଲଟି ଯାଉଛନ୍ତି ନିଜର ଅଜ୍ଞତାବଶତଃ । ସୁତରାଂ ଏସବୁର ନିରାକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସେନ୍‌ସର ବୋର୍ଡମାନ ଅତ୍ୟନ୍ତ ସତର୍କତାର ସହିତ ଏପରି ଏକ ସମ୍ବେଦନଶୀଳ ବିଷୟ ପ୍ରତି ଦୃଷ୍ଟି ଦେବା ଜରୁରୀ ।

(୩) **ମୋବାଇଲ୍ ଫୋନର ଦୁରୋପଯୋଗ :-** ଆଜିକାଲି ମୋବାଇଲ ଫୋନର ବ୍ୟବହାରରେ ଏହି କିଶୋର/କିଶୋରୀଙ୍କ ସଂଖ୍ୟା ଅନୁପାତିକ ଭାବରେ ଯଥେଷ୍ଟ ବେଶୀ । ଅଜଣା-ଅଶୁଣା ବ୍ୟକ୍ତି ସହିତ ମୋବାଇଲରେ କଥା ହେଉ ହେଉ ନାନାଦି ଅପ୍ରୀତିକର, ଅରୁଚିକର, ଅସାମାଜିକ କର୍ମମାନ କରିପକାଉଛନ୍ତି ଏହି ପ୍ରକାର କିଶୋର/କିଶୋରୀମାନେ ଏବଂ ବାଳ-ଅପରାଧୀ ତାଲିକାଭୁକ୍ତ ହୋଇ ପଡୁଛନ୍ତି ଅଳ୍ପ ବୟସରୁ । ସୁତରାଂ ମୋବାଇଲ ଫୋନ୍‌ର ବ୍ୟବହାର ପ୍ରତି ଅଭିଭାବକ, ବିକ୍ରେତା ତଥା ପ୍ରଶାସନିକ ଅଧିକାରୀମାନେ ଧାନ ଦେଇ ପିଲାମାନଙ୍କୁ ଏହାର ନକାରାତ୍ମକ ଦିଗ ପ୍ରତି ସଚେତନ କରାଇବା ଆବଶ୍ୟକ ।

(୪) ଅନେକ ଆଶ୍ରୟହୀନ, ରାସ୍ତାକଡର କିଶୋର/କିଶୋରୀଙ୍କୁ ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ସମୟରେ ଉପଯୁକ୍ତ ସ୍ଥାନରେ ଥଇଥାନ କରାଇ ଉପଯୁକ୍ତ ଶିକ୍ଷା, ତାଲିମର ବ୍ୟବସ୍ଥା କରାଇବା ମଧ ଜରୁରୀ ।

(୫) ଅନେକ ସମୟରେ ପାରିବାରିକ କଳହ ଯୋଗୁଁ ପ୍ରତିଶୋଧ ପରାୟଣ ପିତା, ମାତା ଜଘନ୍ୟ ଅପରାଧ ଘଟାଇବାବେଳେ ସେମାନଙ୍କର ଅଳ୍ପ ବୟସର ପିଲାମାନଙ୍କୁ ମଧ ଏଥିରେ ସମ୍ପୃକ୍ତ କରାଇ ସେମାନଙ୍କୁ ବାଳ-ଅପରାଧୀ ତାଲିକା ଭୁକ୍ତ କରିଦିଅନ୍ତି । ଯାହାକି ଆଦୌ କରଣୀୟ ନୁହେଁ ।

(୬) ବିଦ୍ୟାଳୟ ସ୍ତରରେ, ଯେଉଁଠାରେ ମଣିଷତାର ଅମାନିଆ ପ୍ରାକ୍ ଯୌବନ ସମୟ ଅତି ବାହିତ କରିଥାଏ, ନୈତିକ ଓ ଆଧାତ୍ମିକ (Moral and spiritwal) ଶିକ୍ଷାକୁ ବାଧ୍ୟତାମୂଳକ କରାଗଲେ ଚପଳମତି ବାଳକ ବାଳିକାମାନଙ୍କର ମନ, ପ୍ରାଣ,ବିବେକ ଅନେକାଂଶରେ ସଂଯମିତ ହୋଇ ଏପରି ଅପରାଧ ଘଟାଇବାରୁ ନିବୃତ୍ତ ରହନ୍ତା ଏବଂ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତା ।

(୭) ସର୍ବୋପରି ସାମାଜିକ ଜୀବନର ପରିବର୍ତ୍ତନ, ଆର୍ଥିକ ଅବସ୍ଥାର ଉନ୍ନତି, ଏବଂ ଏକ ବ୍ୟଭିଚାର ମୁକ୍ତ ସମାଜ ଗଠନ ନହେବାଯାଏ ଏହି ବାଳ-ଅପରାଧର ସମ୍ପୂର୍ଣ୍ଣ ନିରାକରଣ ଅସମ୍ଭବ ।


+ଗ୍ରା/ପୋ-ପୀରହାଟବଜାର,
ଜି-ଭଦ୍ରକ, ପିନ୍-୭୫୬୧୩୧
ମୋ-୯୪୩୮୬୮୨୬୨୭


## କଳାବଦନ




### ଧ୍ରୁବ ଚରଣ ବେହେରା

ସଂସାର ଜଞ୍ଜାଳେ ନିତି ବୁଡି ମରେ
ବେଳ ସବୁ ଯାଏ ଗଡି
କେମିତି ଭଜିବି ତୋ ପୁଣ୍ୟ ନାମକୁ
ଦିଅ ପ୍ରଭୁ ଆଶ୍ରା ବାଡି ।।

ସୁଖ ବୋଲି ଯେଉଁ ଦୁଇଟି ଅକ୍ଷର
କଳିରେ ଯାଇଛି ମରି
ହିଂସା କପଟରେ ଦୁନିଆଁ ଚାଲିଛି
ସବୁ ଏଠି ଶୂନ୍ୟ ପରି ।।

ଯିବା ଲାଗି ମନେ ଗଣ୍ଠି ମୁଁ ବାନ୍ଧିଛି
ଦେଖିବାକୁ ତୋ ନୟନ
ଷାଠିଏ ପଉଟି କୋଠ ଭୋଗଖିଆ
ହଟିଆ କଳାବଦନ ।।

କାହିଁକି ଜଗାରେ ଏଡେ ଅଭିମାନ
କଠୋର ମୋର ବେଳକୁ
ଦୁଃଖିଟିଏ ବୋଲି ଜୀବନେ କନ୍ଦୁଛି
ନେ ତୋ ବଡ ଦାଣ୍ଡକୁ ।।

ମନା କରନାହିଁ ହେ କଳା ଗୋସାଇଁ
ପତିତ ମୁଁ ପାପି ବୋଲି
ମରିବା ଆଗରୁ ଦେଖିବି ବୋଲିତ
ମନରେ ଆଣ୍ଟ ବାନ୍ଧିଲି ।।

ତୋ ଡୋରି ଲଗାଇ ଟାଣି ଦେ ମଣିମା
ଯିବି ଚାଲି ଶିରୀ କ୍ଷେତ୍ର
ସିଂଘ ଦ୍ୱାର ଠାରୁ ଚାହିଁ ଦେବି ତୋତେ
ପବିତ୍ର ହେବ ମୋ ନେତ୍ର ।।

ମୁକତି ଲଭିବି ଏ ଭବ ସଂସାରୁ
ନିଜକୁ ଧନ୍ୟ ମଣିବି
ଶରଧା ବାଲିକୁ ମୁଣ୍ଡେ ବୋଳି ଦେଇ
ତୋର ନାମ ଗାଉଥିବି ।।

ଶେଷ ଦରଶନ ପାଇଲେ ତୋ ଠାରୁ
ଉଡି ଯିବ ପ୍ରାଣ ପକ୍ଷୀ
ମୁକତି ଲଭିବି ମୁଁ ଯିବି ବଇକୁଣ୍ଠ
ଏଇ କଥା ହୁଏ ଭାବି ।।

କାଳିଆରେ ତୋ ନାମ ମୁଁ ଗାଉଥିବି
ପଂଚଭୂତେ ଲୀନ ହେବି ।।


+କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡଖଣ୍ଡ ।
ମୋ:୮୩୨୮୯୩୦୫୫୪


## ଶୀତ ବଧୂ..

### ବିଜୟଲକ୍ଷ୍ମୀ ପାଣିଗ୍ରାହୀ



ଋତୁ ସବାରିରେ ନବବଧୂ ସାଜି
ଶୀତ ଆସେ ନଇଁ ନଇଁ
ଝୁମି ଯାଉଥାଏ ବେରଙ୍ଗୀ ଫୁଲରେ
ମଳୟ ପରଶ ପାଇ
ଅଳସୀ ଫୁଲର ପଣତ ଫାଙ୍କରୁ
ଖରା ମାରେ ଚାଇଁ ଚାଇଁ....।

ଧନ କିଆରୀରେ ଶୀତର ଲହରୀ
ଧାଙ୍ଗୀଡିର ଗୀତ ସୁରେ
କୁଡ଼ିଆ ଭିତରେ ଦିହୁଡ଼ି ଜଳାଇ
କେତେ ଆତ୍ମହରା କରେ।
ଶୀତ ଆଗମନେ ରାତ୍ରି ମାୟାବିନୀ
ମନ ହୁଏ ହାଇଁପାଇଁ...।

ଋତୁ ସବାରିରେ.....
ତତଲା ନିଶ୍ୱାସେ ଦେହର ଉତ୍ତାପ
ସପନ ଦିଏ ରଂଗାଇ
ପାହାନ୍ତି ପହର କାକର ଡାକରେ
ନିଦ ଭାଙ୍ଗେ ରହି ରହି
ଘାସ ପତରରେ ଅଭିମାନ ମାରି
ମୁକୁତା ରହିଛି ଚାହିଁ.....।

ଋତୁ ସବାରିରେ.....
ଝରଣା ପାଣିରେ ମୁହଁ ପରଖଇ
ଗଭାର ଡାଳିଆ ଫୁଲ
କଙ୍କି ଧରିବାର ବୟସ ଫାଙ୍କରେ
କେତେ ଲୁଚକାଳି ଖେଳ।

ଚିତେଇ ଶୋଇଛି ନାକଟି ଡଙ୍ଗର
ତିଳେ ଅବଶୋଷ ନାହିଁ ।
ଋତୁ ସବାରିରେ......।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦


## ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟ ବିଚାରପତିଙ୍କ ଦୃଷ୍ଟାନ୍ତମୂଳକ ପଦକ୍ଷେପ

**ସୁବ୍ରତ କର**



କିଛିଟା ପ୍ରଭାବ ବିସ୍ତାର କରି ପାରିବ କି ଆମର ଅବାଟରେ ଚାଲିଥିବା ରାଜନୈତିକ ହସ୍ତୀମାନଙ୍କୁ ? କିଛି ଦିନ ତଳେ ଆମର ରାଜ୍ୟର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଧର୍ମପତ୍ନୀଙ୍କ ଦେହାନ୍ତ ହୋଇଥିଲା । ସେହିଦିନ ମଧ୍ୟ ସରକାରୀ ସ୍ତରରେ ୬ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ବାଛିବାର ଥିଲା । କିନ୍ତୁ ଆମର ଅତି ଭଦ୍ର, ଦକ୍ଷ ପ୍ରଶାସକ ଟିକିଏ ହେଲେ ତାଙ୍କର ରାଜକାର୍ଯ୍ୟରୁ ବିରତ ହୋଇ ନଥିଲେ । ସେହିଦିନ ସେ ୬ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଚୟନ କରିଥିଲେ । ଏହାପାଇଁ ତାଙ୍କର ଯୁକ୍ତି ଥିଲା ରାଜକାର୍ଯ୍ୟ ଆଗେ ପରେ ଅନ୍ୟକିଛି ଏବଂ ଆର ଗୋଟାଏ ବିଚାର ଥିଲା ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ତାଙ୍କ ମଧ୍ୟରୁ ଅନେକ ଦିଲ୍ଲୀ ଭଳି ସ୍ଥାନରୁ ମଧ୍ୟ ଆସିଥିଲେ । ଅନେକ ଭାବିଥିଲେ ଏହି ସାକ୍ଷାତକାର ସେହି ଦିନ ନହୋଇ ଅନ୍ୟଦିନକୁ ଘୁଂଚିଯିବ । ପ୍ରଫେସର ଗଣେଶୀ ଲାଲଙ୍କ ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟକୁ ସାରା ଓଡ଼ିଶାବାସୀ ସ୍ୱାଗତ କରିଥିଲେ ଏବଂ ଏହି ଘଟଣାଟି ଏକ ଓଡ଼ିଶାପାଇଁ ଐତିହାସିକ ଘଟଣା ହୋଇ ରହିବ । ଲାଭ କଣ । ଏଥିରୁ ଆମର କ୍ଷମତା ଲୋଭି, ପଇସା ଲୋଭି ରାଜନେତାମାନେ କିଛି ଶିଖିବେ କି ? ମୋର ମନେ ହେଉନାହିଁ କାରଣ ରାଜନେତାମାନେ ସେଭଳି ସଂସ୍କୃତି ନେଇ ବଢ଼ି ନାହାଁନ୍ତି । କାଁ, ଭାଁ ଅଛନ୍ତି କିନ୍ତୁ ସେମାନଙ୍କୁ କେବେ କେହି ମନେ ପକାନ୍ତି ନାହିଁ । ସେ ଆଉ କେହି ନୁହଁନ୍ତି ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ଅଫିସରୁ ଘରକୁ ଫେରିଥିଲେ ସାଇକେଲରେ ।

ଏବେ ଆସିବା ଏବେ ଏବେ ଆସିଥିବା ଆମର ମୁଖ୍ୟ ବିଚାରପତି ଡକ୍ଟର ଏସ୍ ମୂରଲୀଧରନ । ପ୍ରଥମ ଦିନରୁ ଦୃଷ୍ଟାନ୍ତ ତିଆରି କରିଲେ । ରାଜଭବନରୁ ଶପଥ ପାଠ କାର୍ଯ୍ୟକ୍ରମ ଶେଷ କରି କଟକ ଫେରିଲେ କିନ୍ତୁ ସେ ପୁଣି ଓଡ଼ିଶାବାସୀଙ୍କୁ ସ୍ତମ୍ଭିତ କରିନେଲେ । ସେ ହାଇକୋର୍ଟର ରେଜିଷ୍ଟ୍ରିକୁ ଜଣେଇଦେଲେ ସେ ଯେଉଁ ଯାଗାକୁ ଯିବେ ସରକାରୀ ହେଉ ବା ବେସରକାରୀ ତାଙ୍କ ପାଇଁ ସ୍ୱତନ୍ତ୍ର ପାଇଲଟ ଗାଡ଼ି ବା କଡ଼ା ସୁରକ୍ଷା ସାଙ୍ଗରେ ରହିବା ଦରକାର ନାହିଁ । ସେ ସିଧା କଥାରେ ଓଡ଼ିଶା ସରକାରଙ୍କୁ ଏବଂ ଓଡ଼ିଶାବାସୀଙ୍କୁ ଏହା ମାଧ୍ୟମରେ ଜଣେଇଲେ ଯେ ଯେଉଁ ପଦ ମର୍ଯ୍ୟାଦାରେ ଅଛନ୍ତି ତାହାକୁ ଦାୟିତ୍ୱର ସହିତ ପାଳନ କରନ୍ତୁ ଏବଂ ଲୋକଙ୍କୁ ସେବା ଦେଇ ଚାଲନ୍ତୁ । ସରକାରୀ କର୍ମଚାରୀ ବା ରାଜନୈତିକ ନେତା ହୁଅନ୍ତୁ ସମସ୍ତେ ନିଜ ନିଜର କର୍ତ୍ତବ୍ୟକୁ ଆଇନ ପରିସର ମଧ୍ୟରେ ରହି ପାଳନ କରନ୍ତୁ । ଉପରୋକ୍ତ ଦୁଇଟି ଦୃଷ୍ଟାନ୍ତ ନିଶ୍ଚୟ ରାଜନୀତି କରୁଥିବା ବଡ଼ପଣ୍ଡାମାନେ ଖୁବ୍ ସହଜରେର ହଜମ କରି ନଥିବେ । ଅଳ୍ପ ବହୁତ ଭୟଭୀତ ହୋଇଥିବେ । ଆମେ ଓଡ଼ିଶାବାସୀ, ଅପେକ୍ଷାକରିବା ଏହି ଦୁଇଟି ଦୃଷ୍ଟାନ୍ତ କେତେ ପ୍ରଭାବ ବିସ୍ତାର କରିବ ।

# ବିଦୁରାଣୀ



## ସୁଧାକର ନନ୍ଦ

"ବିନାଯୁଦ୍ଧେ ନଛାଡିବି, ସୁଚ୍ୟଗ୍ର ମେଦିନୀ" ଏହାହିଁ ଥିଲା ମହାମାନୀ ଦୁର୍ଯ୍ୟୋଧନଙ୍କର ଶାନ୍ତିଦୂତ ଶ୍ରୀକୃଷ୍ଣଙ୍କୁ ଶେଷବାକ୍ୟ । ତାପରେ ମହାସମର ଅନିବାର୍ଯ୍ୟ ହୋଇପଡିଲା । ପାଣ୍ଡବମାନଙ୍କୁ ସମର୍ଥନ କରିବା ପାଇଁ ଅର୍ଜୁନ ଓ କୌରବମାନଙ୍କ ପକ୍ଷକୁ ନେବାକୁ, ନିଜେ ମାନୀ ଦୁର୍ଯ୍ୟୋଧନ ଭାରତବର୍ଷର ବିଭିନ୍ନ ରାଜାମାନଙ୍କୁ ସାକ୍ଷାତ କରୁଥିଲେ । ସେଦିନ ଯୋଗକୁ, ଅର୍ଜୁନ ଓ ଦୁର୍ଯ୍ୟୋଧନ ଉଭୟ ନିଜ ନିଜ ସପକ୍ଷରେ ଦ୍ୱାରିକାର ସମର୍ଥନ ହାସଲ କରିବାକୁ ସେଠାରେ ପହଞ୍ଚିଥିଲେ। ଗୋବିନ୍ଦ କିନ୍ତୁ ପାଣ୍ଡବମାନଙ୍କୁ ସାହାଯ୍ୟ କରିବାକୁ ଦୃଢସିଦ୍ଧାନ୍ତ କରିସାରିଥିଲେ । କାରଣ ଏ ମହାସଂଗ୍ରାମ ତ ତାଙ୍କରି ଇଚ୍ଛାରେ ହେବାକୁ ଯାଉଥିଲା । ମନକଥା ମନରେ ରଖି, ସେ ଅର୍ଜୁନଙ୍କ ସହିତ ଦୁର୍ଯ୍ୟୋଧନଙ୍କୁ ବି ସ୍ୱାଗତ କଲେ ।

ଗୋବିନ୍ଦ କହିଲେ "ଆପଣ ଦୁଇଜଣଙ୍କ ସହିତ ଏହି ଅତିଥିଶାଳାରେ ହିଁ, ଆଜି ମୁଁ ରାତ୍ରୀ ଯାପନ କରିବି । ସତରେ ବଡ଼ ଧର୍ମସଂକଟରେ ପଡ଼ିଛି । ଗୋଟିଏ ପକ୍ଷରେ ମୋର ଭିଣୋଇ ପ୍ରିୟସଖା ଅର୍ଜୁନ ଓ ପାଣ୍ଡବମାନେ, ଅନ୍ୟ ପକ୍ଷରେ ମୋର ସମୁଦି, ପୁତ୍ର ଶାମ୍ବଙ୍କ ଶ୍ୱଶୁର ମାନୀ ମାନଗୋବିନ୍ଦ । କେଉଁ ପକ୍ଷକୁ ମୁଁ ସମର୍ଥନ କରିବି ଠିକ୍ କରିପାରୁ ନାହିଁ । ତେବେ କାଲି ପ୍ରଭାତରୁ ମୁଁ ଯାହାଙ୍କ ମୁହଁ ପ୍ରଥମେ ଦେଖିବି, ତାଙ୍କର ପକ୍ଷରୁ ସମର୍ଥନ କରିବାକୁ କଥାଦେଉଛି ।

ଗୋବିନ୍ଦଙ୍କ କଥା ଅର୍ଜୁନଙ୍କୁ ବହୁତ ବ୍ୟଥା ଦେଲେବି, ସେ ତାଙ୍କ ଉପରେ ଭରସା ନ ହରାଇ, ଏ ସର୍ତ୍ତରେ ହଁ ଭରିଲେ । ଦୁର୍ଯ୍ୟୋଧନ କିନ୍ତୁ ଆନନ୍ଦିତ ହେଲେ । ତାଙ୍କର ଆତ୍ମବିଶ୍ୱାସ ତାଙ୍କୁ କହିଦେଉଥିଲା, 'ସେ ହିଁ ପ୍ରଭାତରୁ ସର୍ବପ୍ରଥମେ ଦ୍ୱାରକାପତିଙ୍କୁ ସାକ୍ଷାତ କରିବାକୁ ସକ୍ଷମ ହେବେ । କାରଣ ଗୋବିନ୍ଦଙ୍କ ଶୟନକକ୍ଷକୁ ଲାଗି ତାଙ୍କ ଶୟନକକ୍ଷ । ଦୁଇକକ୍ଷ ମଧ୍ୟରେ ଏକ ଦ୍ୱାର ରହିଥିଲା । ତେଣୁ ସେ ଏ ସର୍ତ୍ତରେ ରାଜିହୋଇ ନିଜ କକ୍ଷକୁ ଫେରିଲେ ।

ସାରାରାତି ଅର୍ଜୁନ ଦୁଃଶ୍ଚିନ୍ତାରେ ଶୋଇ ପାରିଲେନାହିଁ । ସଖାଙ୍କ ଉପରେ ଭାରି ଅଭିମାନ ହେଉଥିଲା । କାହିଁକି ଯେ ସଖା ଏମିତି ପାହାଡ଼ ପରି ଦୁଃଶ୍ଚିନ୍ତା ଦିଅନ୍ତି ଓ ପୁଣି ଧୂଳି ପରି, ତାକୁ ଉଡ଼ାଇ ଦିଅନ୍ତି, ତାହା ସେହି କେବଳ ଜାଣନ୍ତି । ପଞ୍ଜରା ଥରାଇ ଦୀର୍ଘଶ୍ୱାସ ବାହାରି ଆସିଲା । ସଖାଙ୍କ ନିକଟରେ ନିଜକୁ ପୁଣିଥରେ ସଂପୂର୍ଣ୍ଣ ସମର୍ପଣ କରିଦେଇ, ସେ ନିଶ୍ଚିନ୍ତ ହେଲେ ।

ପ୍ରଭାତ ହେବା ପୂର୍ବରୁ ସଖାଙ୍କ କକ୍ଷକୁ ଯାଇ, ସେ ଯାହା ଦେଖିଲେ, ତାହା ପୁଣିଥରେ ତାଙ୍କ ଦୁଃଶ୍ଚିନ୍ତାକୁ ବଢ଼ାଇଦେଲା । କୃଷ୍ଣ ବିନା ପାଣ୍ଡବ ଯେ ହୀନବଳ ତାହା ଜାଣି ମଧ୍ୟ, ସେ ଏମିତି ସର୍ତ୍ତ ରଖିଲେ କାହିଁକି ? ସେ ସିଧାସିଧା କୁରୁପତିଙ୍କୁ ମନା ନକଲେ ବା କାହିଁକି ? ତାଙ୍କ ବିନା ଯେ ପାଣ୍ଡବ ମାନଙ୍କ ଅସ୍ତିତ୍ୱ ନାହିଁ, ଏହା କଣ ସେ ବୁଝି ବି ବୁଝିପାରୁନାହାଁନ୍ତି ? ଏମିତି ଦୁଶ୍ଚିନ୍ତା ଦେବାକୁ ତାଙ୍କୁ କଣ ସବୁ ଭୁଲି ସର୍ତ୍ତ ରକ୍ଷା ପାଇଁ, କୌରବ ପକ୍ଷ ସମର୍ଥନ କରନ୍ତି, ତେବେ ପାଣ୍ଡବ ମାନଙ୍କ ଅବସ୍ଥା କଣ ହେବ ? ଏହିପରି ଚିନ୍ତା ସୂତାର ଅଦୁଆଖିଅ ଗୁଡ଼ିକୁ ଯେତେ ଫିଟାଇବାକୁ ଚେଷ୍ଟା କରିଥିଲେ, ସେଗୁଡ଼ିକ ଅଦୁଆରୁ ଆହୁରି ଅଦୁଆ ହୋଇ ଗଣ୍ଠିପଡିବା ଅବସ୍ଥାକୁ ଆସି ଯାଇଥିଲା । ହଠାତ୍ ଦେଖିଲେ, ତାଙ୍କ ଅଜାଣତରେ ସେ ଗୋବିନ୍ଦଙ୍କ ପାଦତଳେ, ତାଙ୍କ ଶେଯ ଉପରେ ବସି ଯାଇଛନ୍ତି । ତାଙ୍କ ଆସିବା ପୂର୍ବରୁ କିନ୍ତୁ, ମାନୀ ଦୁର୍ଯ୍ୟୋଧନ ଆସି ସଖାଙ୍କ ମୁଣ୍ଡ ପାଖରେ ବସି ସାରିଥିଲେ । ସଖା କଡ଼ ମାଡ଼ି ଏମିତି ଶୋଇଥିଲେ ଯେ, ନିଦରୁ ଉଠିଲାମାତ୍ରେ ହିଁ ଦୁର୍ଯ୍ୟୋଧନଙ୍କ ମୁହଁ ତାଙ୍କୁ ଦେଖାଯିବାକୁ ବାଧ୍ୟ ।

ଦୁର୍ଯ୍ୟୋଧନଙ୍କ କଥା ଶୁଣି ସେ ଚିନ୍ତାରାଜ୍ୟରୁ ଫେରିଆସି, ଗୋବିନ୍ଦଙ୍କ ପାଦରେ ମୁଣ୍ଡ ଲଗାଇ ପ୍ରଣାମ କଲେ । ଦୁର୍ଯ୍ୟୋଧନ କହୁଥିଲେ "ପାର୍ଥ ! ମହାସଂଗ୍ରାମ ଅବଶ୍ୟ ହେବ । କାରଣ ବିନା ଯୁଦ୍ଧରେ ଛୁଞ୍ଚି ମୁନରେ ଯେତିକି ସ୍ଥାନଧରିବ, ସେତିକି ବି ତୁମକୁ ଦେବିନାହିଁ । ଅଜ୍ଞାତବାସ ପୂର୍ବରୁ ବିରାଟ ରାଜାଙ୍କ ଗୋଧନ ହରଣ ବେଳେ ତୁମକୁ ମୁଁ ଚିହ୍ନି ପାରିଥିଲି । ସେତେବେଳକୁ ଅଜ୍ଞାତବାସର ଏକବର୍ଷ ସମୟ ପୁର୍ଣ୍ଣ ହେବାକୁ ଆଉ ମାତ୍ର ଏକ ଦଣ୍ଡ ବାକିଥିଲା । ତାହା ଭଲଭାବରେ କୃଷ୍ଣ ଜାଣନ୍ତି । ସର୍ତ୍ତ ଅନୁସାରେ ତୁମେମାନେ ଅହୁରି ବାରବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତ ବାସ ଭୋଗ କରିବାକୁ ବାଧ୍ୟ। ସର୍ତ୍ତ ତୁମେମାନେ ଭଂଗ କରିଛ । ତେଣୁ ତ ଏ କୁରୁକ୍ଷେତ୍ର ମହାସମର ।

ପାର୍ଥ ସବୁ ଶୁଣି ମଧ୍ୟ କୌଣସି ଉତ୍ତର ଦେଲେନାହିଁ । ନିଘୋଡ଼ ନିଦରେ ଶୋଇ ଘୁଂଗୁଡି ମାରୁଥିବା ବାସୁଦେବଙ୍କ ନିଦ୍ରାରେ, ସେ ବ୍ୟାଘାତ ସୃଷ୍ଟି କରିବାକୁ ଚାହୁଁ ନଥିଲେ । ଅର୍ଜୁନ ତାଙ୍କ କଥାର କୌଣସି ଉତ୍ତର ନଦେବାରୁ, ବାଧ୍ୟ ହୋଇ ଦୂର୍ଯ୍ୟୋଧନ ନିରବ ହେଲେ । ପୁଣି ପ୍ରତୀକ୍ଷା । ତଥାପି ସୂର୍ଯ୍ୟୋଦୟ ହୋଇନାହିଁ । ସଖାଙ୍କ ନିଦ ଭାଂଗିବାର କୌଣସି ଲକ୍ଷଣ ବି ଦେଖା ଯାଉନାହିଁ । ପ୍ରତିଫଳ କଥା ଚିନ୍ତା ନକରି ସଖାଙ୍କ ପାଦରେ, ସେ ପୁଣିଥରେ ପ୍ରଣାମ ଜଣାଇଲେ । ଏତିକିବେଳେ କୃଷ୍ଣ ବାସୁଦେବ କଡ଼ ଲେଉଟାଇ, ଚିତ୍ ହୋଇ ଶୋଇଲେ ଓ ଘୁଂଗୁଡି ମାରିଲେ । ଦୁର୍ଯ୍ୟୋଧନ ଅର୍ଜୁନଙ୍କୁ କହିଲେ, "ସବ୍ୟସାଚୀ ! ତୁମେ ଆତ୍ମସମ୍ମାନ ଭୁଲିଯାଉଛ । ଯୁଦ୍ଧରେ ବିଜୟ ପାଇଁ, ତୁମର କୃଷ୍ଣଙ୍କ ସହାୟତା ଆବଶ୍ୟକ ବୋଲି ମୁଁ ସ୍ପଷ୍ଟ ଜାଣିପାରୁଛି । କିନ୍ତୁ ରାଜକୂଳରେ ଜନ୍ମହୋଇ ତୁମପରି ଶ୍ରେଷ୍ଠ ଧନୁର୍ଦ୍ଧାରୀ ଏତେ ତଳକୁ ଯେ କିପରି ଖସି ଯାଉଛି, ତାହାହିଁ ମୋତେ କଷ୍ଟଦେଉଛି । ମୁଁ ବି ଦ୍ୱାରକାପତିଙ୍କ ସମର୍ଥନ ଆଶାକରି, ଏଠାକୁ ଆସିଛି । ଆରେ ପାର୍ଥ, ଯୁଦ୍ଧରେ ବିଜୟ ଲାଭ ପାଇଁ ତୁମେ ବ୍ୟଗ୍ରହେବା ଉଚିତ୍ । କାରଣ ମୁଁ ବି ବ୍ୟଗ୍ର । କିନ୍ତୁ ତା' ବୋଲି ନିଜର ସ୍ୱାଭିମାନକୁ ବଳିଦେଇ, କାହାର ପାଦତଳେ ବସିବା, ଆଦୌ ସମୀଚୀନ ନୁହେଁ ।"

ଦୁର୍ଯ୍ୟୋଧନଙ୍କ କଥା ଶୁଣି ପାର୍ଥ ପୁଣିଥରେ ସଖାଙ୍କ ପାଦ ଧରିଲେ । ଏବେ ବାସୁଦେବ, ଅର୍ଜୁନଙ୍କୁ ଚାହିଁ କହିଲେ, "ତୁମେ କେତେବେଳୁ ଆସିଲଣି ? ସମୁଦି ମାନଗୋବିନ୍ଦ କଣ ଏ ପର୍ଯ୍ୟନ୍ତ ଶଯ୍ୟା ଛାଡ଼ି ନାହାନ୍ତି ? ମୁଁ ତ ମହାଚିନ୍ତାରେ ପଡିଯାଇଥିଲି । ଯାହାହେଉ, ଏବେ ମୋର ଚିନ୍ତା ଦୂର ହୋଇଗଲା ।" କୃଷ୍ଣଙ୍କୁ ଦୁର୍ଯ୍ୟୋଧନ କହିଲେ "ଅର୍ଜୁନ ମୋ ଠାରୁ ବିଳମ୍ବରେ ଆସିଛନ୍ତି ।" କୃଷ୍ଣ ଚମକିପଡି ତାଙ୍କୁ ଅନାଇ କହିଲେ "ଆରେ ଆପଣ ବି ତାହେଲେ ଆସିଯାଇଛନ୍ତି ?" "କେବଳ ଆସିଯାଇନାହିଁ, ଅର୍ଜୁନଙ୍କ ପୂର୍ବରୁ ଆସିଛି । କ'ଣ ମୁଁ ସତ କହୁଛିନା ପାର୍ଥ ? ଅର୍ଜୁନ ନିଜର ସମ୍ମତି ଜଣାଇବାରୁ, ହସି ହସି ଗୋବିନ୍ଦ କହିଲେ, "ପାର୍ଥ ସତରେ ତୁମେ ମୋ ପାଦ ପାଖରେ ବସି, ନିଜର ବଂଶଗରିମା, ଆଭିଜାତ୍ୟ, ମାନସମ୍ମାନକୁ, ଜଳାଞ୍ଜଳି ଦେଲ ବୋଲି ମାନଗୋବିନ୍ଦଙ୍କୁ ଦେଖିବା ପୂର୍ବରୁ ମୁଁ ତୁମକୁ ଦେଖିଲି । ସଖାପାର୍ଥ ଖୁବ୍ ଚାଲାକି କରି, ମୋରି ସମର୍ଥନ ହାସଲ କରିବାକୁ ସକ୍ଷମ ହୋଇ ପାରିଛନ୍ତି ।"

ଦୁର୍ଯ୍ୟୋଧନ ବିରକ୍ତ ହୋଇ କହିଲେ, "ଏହା କିନ୍ତୁ ତୁମର ଅନ୍ୟାୟ ଦ୍ୱାରିକାନାଥ । ମୁଁ ପ୍ରଥମେ ଆସିଥିଲେ ବି ତୁମେ କୌରବ ପକ୍ଷ ସମର୍ଥନ ନକରି, ପାଣ୍ଡବ ପକ୍ଷ ସମର୍ଥନ କରିବାକୁ କାହିଁକି ଇଚ୍ଛା କରୁଛ ?"

"ମୁଁ ସେତେବେଳେ ଯାହାଙ୍କ ମୁହଁ ପ୍ରଥମେ ଦେଖିବି, ନୁହେଁ ବରଂ ଯିଏ ପ୍ରଥମେ ମୋ କକ୍ଷକୁ ଆସିବ, ତାଙ୍କ ସମର୍ଥନ କରିବି ବୋଲି, ସର୍ତ୍ତ ରଖିଥିଲେ, ଠିକ୍ ହୋଇଥାନ୍ତା । ଏବେ ପୁଣି ଏକ ସଂକଟରେ ପଡିଗଲି । ସଂକଟରେ ପଡ଼ିବାକୁ ଯେମିତି ମୁଁ ଜନ୍ମ ନେଇଛି । ହଁ ଏବେ ଆଉ ଗୋଟିଏ ସର୍ତ୍ତ । ଗୋଟିଏ ପକ୍ଷରେ ଦ୍ୱାରିକାର ସେନା, ସେନାପତି ଓ ଅସ୍ତ୍ର ଶସ୍ତ୍ର, ଆଉ ଅନ୍ୟ ପକ୍ଷରେ କେବଳ ନିରସ୍ତ୍ର କୃଷ୍ଣ । ଅର୍ଥାତ୍ ଯେଉଁ କକ୍ଷକୁ ମୁଁ ସମର୍ଥନ କରିବି, ଯୁଦ୍ଧ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅସ୍ତ୍ରଧାରଣ କରିବିନାହିଁ । ଯେଉଁ ପକ୍ଷକୁ ସମର୍ଥନ କରିବି ନାହିଁ ସେ ପକ୍ଷ, ସାତ୍ୟକି, ଅକ୍ରୁର, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ଶାମ୍ବ ଆଦି ଦ୍ୱାରିକାର ସମସ୍ତ ଯୋଦ୍ଧା ଓ ସୈନ୍ୟମାନଙ୍କ ସହ ସମସ୍ତ ଅସ୍ତ୍ରଶସ୍ତ୍ର ବି ପାଇବେ । ଯୁଦ୍ଧ ଶେଷ ପର୍ଯ୍ୟନ୍ତ ସୁଦର୍ଶନଚକ୍ର ମଧ୍ୟ ନିରବ ଦ୍ରଷ୍ଟା ହୋଇରହିବ । ଯେହେତୁ ପ୍ରଥମେ ଆସିଛନ୍ତି, ଆପଣ ହିଁ କୁହନ୍ତୁ କୁରୁପତି, ଆପଣ କ'ଣ ନେବାକୁ ଚାହାଁନ୍ତି ?"

ଯଦୁପତିଙ୍କ କଥାଶୁଣି ସେତେବେଳେ ଦୁର୍ଯ୍ୟୋଧନ ଚିନ୍ତା କରୁଥିଲେ, ନିରସ୍ତ୍ର କୃଷ୍ଣ ଅପେକ୍ଷା ଦ୍ୱାରିକାର ଶକ୍ତିଶାଳୀ ସୈନ୍ୟବାହିନୀ, ଅସ୍ତ୍ରଶସ୍ତ୍ର ହିଁ ଅଧିକ ଆବଶ୍ୟକ। ଠିକ୍ ସେତିକିବେଳେ ଅର୍ଜୁନ ଆଶଂକିତ ହୋଇ ମନେମନେ ଗୋବିନ୍ଦଙ୍କୁ ପ୍ରାର୍ଥନା କରୁଥିଲେ "ହେ କୃଷ୍ଣ, ହେ ଜଗତ୍‌ପତି ବାସୁଦେବ, ତୁମ ବ୍ୟତୀତ ମୁଁ କିଛି ଚାହେଁନା । ଦୟାକରି, କରୁଣା ବାରିଧି ! ମୁଁ ତୁମକୁ, କେବଳ ତୁମକୁ ହିଁ ଚାହେଁ ।" ବିଳମ୍ବ ନକରି ଦୁର୍ଯ୍ୟୋଧନ କହିଲେ "ଆପଣ ମୋର ବଂଧୁ ହୋଇଥିବାରୁ, ଆପଣ ଦେଇଥିବା କଥାକୁ ଲଂଘନ ନ କରନ୍ତୁ, ଏହା ମୁଁ ଚାହେଁ। ତେଣୁ ଆପଣ ଅର୍ଜୁନଙ୍କ ମୁହଁକୁ ପ୍ରଥମେ ଦେଖିଥିବାରୁ ପାଣ୍ଡବପକ୍ଷ ସମର୍ଥନ କରନ୍ତୁ । ମୁଁ ପ୍ରଦ୍ୟୁମ୍ନ ସହିତ ଆପଣଙ୍କ ଅଜେୟ ନାରାୟଣୀ ସେନାଙ୍କୁ ସାଦରେ ଗ୍ରହଣ କରୁଛି ।" ନିଜ ଅଜାଣତରେ ଅର୍ଜୁନଙ୍କ ପାଟିରୁ ବାହାରି ଆସିଲା "ଏବେଠାରୁ ତ ଯୁଦ୍ଧ ଶେଷ ହୋଇଗଲା ।"

ଦୁର୍ଯ୍ୟୋଧନ ଉଠିବା ପୂର୍ବରୁ, କୃଷ୍ଣଙ୍କୁ ହସ୍ତିନାର ରାଣୀ ଭାନୁମତୀଙ୍କ ନିମନ୍ତ୍ରଣ ଜଣାଇ କହିଲେ " ମୁଁ କେବଳ ବାର୍ତ୍ତାବହ, ହସ୍ତିନା ରାଜପ୍ରାସାଦରେ, ଆସନ୍ତାକାଲି ଆପଣ ତାଙ୍କର ଆତିଥ୍ୟ ଗ୍ରହଣ କରିବାକୁ, ଭାନୁମତି ନିମନ୍ତ୍ରଣ ପଠାଇଛନ୍ତି ।" ନିଜକୁ କୃତ୍ୟକୃତ୍ୟ ମନେକରି ଗୋବିନ୍ଦ, ଆସନ୍ତାକାଲି ଭାନୁମତିରାଣୀ ଆତିଥ୍ୟ ଗ୍ରହଣ କରିବାକୁ ସମ୍ମତି ଜଣାଇବାରୁ, ଦୁର୍ଯ୍ୟୋଧନ ଆନନ୍ଦ ମନରେ ହସ୍ତିନା ବାହୁଡ଼ିଲେ। କୃଷ୍ଣଙ୍କର ମନେ ପଡ଼ିଲା, ବିଦୁର ଅସନ୍ତାକାଲି, ତାଙ୍କ ଘରକୁ ଯିବାକୁ ନିମନ୍ତ୍ରଣ କରିଥିଲେ । ଏକ ପଥରେ ଦୁଇ କାମ ହୋଇଯିବ, ଭାବି ସେ ଶାନ୍ତିରେ ନିଶ୍ୱାସ ମାରିଲେ ।

ତାଙ୍କ କୁଡ଼ିଆକୁ କୃଷ୍ଣ ଆସିବେ । ପ୍ରଭାତ ହେବା ପୂର୍ବରୁ, ବିଦୁରାଣୀ ଘରଦ୍ୱାରକୁ ଲିପିପୋଛି ପରିଷ୍କାର କରୁଥିଲା ବେଳେ, ଭାବୁଥିଲେ ସତରେ କ'ଣ ଏକୁଡ଼ିଆକୁ ସେ ଆସିବେ ? ସତରେ କ'ଣ ତାଙ୍କ ପାଦ ସ୍ପର୍ଶ କରିବାର ସୁଯୋଗ ତାଙ୍କୁ ମିଳିବ ? ଆଖିରୁ ଆନନ୍ଦାଶ୍ରୁ ଧାରଧାର ହୋଇ ବୋହିଯାଉଥିଲା। ହସ୍ତିନା ମନ୍ତ୍ରୀ ବିଦୁର ସର୍ବଦା ଏକ ତପସ୍ୱୀର ଜୀବନ ଯାପନ କରୁଥିଲେ । ରାଜସଭାରୁ ଫେରିଲା ପରେ, ସେ ମନ୍ତ୍ରୀଙ୍କ ପୋଷାକ ପରିଚ୍ଛଦକୁ, ଘରେ କେବେ ବି ପିନ୍ଧୁନଥିଲେ କି ରାଜକୋଷରୁ ପାରିଶ୍ରମିକ ବି ନେଉନଥିଲେ। ପିନ୍ଧିବା ପାଇଁ ଖଣ୍ଡିଏ ମାତ୍ର ଲୁଗା । ବିଦୁର ନିଜକାର୍ଯ୍ୟର ବାହାରକୁ ଗଲାବେଳେ, ତାହା ପିନ୍ଧୁଥିଲେ । ନିତ୍ୟ ନୈମିତିକ କାମସାରି, ସେଦିନ ବିଦୁର ବାହାରକୁ, ଜଗତପତି ପରମପୁରୁଷ କୃଷ୍ଣଙ୍କୁ ନିମନ୍ତ୍ରଣ କରି ଦେଇଛନ୍ତି । ସେ ବି ଅତି ଆନନ୍ଦରେ କହିଛନ୍ତି ଆଜି ଯେତେବେଳେ ହେଲେବି, ସେ ତାଙ୍କ ଘରକୁ ନିଶ୍ଚୟ ଆସିବେ। ଯେତେବେଳେ ମାନେ କେତେବେଳେ ? ଆଉ ଚିନ୍ତା କରିପାରିଲେ ନାହିଁ । ବିଦୁର ତାଙ୍କ କ'ଣ ଖାଇବାକୁ ଦେବେ ? ବିଦୁରାଣୀଙ୍କ ଠାରୁ ଲୁଗା ଖଣ୍ଡିଏ ନେଇ, ପିନ୍ଧିଲେ ଓ ଆତ୍ମସମର୍ପଣ ମୁଦ୍ରାରେ ଗୋବିନ୍ଦଙ୍କ ଉଦ୍ଦେଶ୍ୟରେ, ଦୁଇ ହାତ ଟେକିଦେଲେ ।

କୃଷ୍ଣଙ୍କ ଚର୍ଚ୍ଚା ପାଇଁ ସଉଦା ଆଣିବାକୁ ବିଦୁର ଯାଇଛନ୍ତି । ଖଣ୍ଡିଏ ଲମ୍ୱା ଗାମୁଛାକୁ, ଦେହରେ ଗୁଡାଇ ହୋଇ, ଶାଗ ବାଛୁଛନ୍ତି ବିଦୁରାଣୀ । ମନେ ମନେ ସେ ସ୍ୱପ୍ନ ଦେଖୁଛନ୍ତି, କୃଷ୍ଣଙ୍କ । ହଠାତ୍ ତାଙ୍କ ସମ୍ମୁଖରେ କୃଷ୍ଣ ଉଭା ହୋଇଗଲେ । ନିଜର ଲଜ୍ଜା ନିବାରଣ କରିବାକୁ ବିଦୁରାଣୀ ପିନ୍ଧିଥିବା ଗାମୁଛା ଖଣ୍ଡିକୁ, ଦେହରେ ଗୁଡାଇ ରଖି, ନିଜର ସମଗ୍ର ଦେହକୁ ଢାଙ୍କି ରଖିବାକୁ ଚେଷ୍ଟାକରି ବି ବିଫଳ ହେଉଥିଲେ । ପରମପୁରୁଷ କୃଷ୍ଣଙ୍କ ମୁହଁକୁ ଲଜ୍ଜାରେ ସେ ଚାହିଁ ପାରୁନାହାଁନ୍ତି । କୃଷ୍ଣ କାନ୍ଧରୁ ନିଜ ଉତ୍ତରୀୟଟି କାଢ଼ି, ବିଦୁରାଣୀଙ୍କ ଉପରକୁ ଫିଙ୍ଗିଦେଲେ । ଅସ୍ତବ୍ୟସ୍ତ ବିଦୁରାଣୀ କୌଣସି ଚିନ୍ତା ନକରି, ଯନ୍ତ୍ରଚାଳିତ ପରି ସେହି ଉତ୍ତରୀୟଟିକୁ ନିଜଦେହରେ ଗୁଡାଇ ଲଜ୍ଜା ନିବାରଣ କଲେ । ହସି ହସି କୃଷ୍ଣ କହିଲେ "ମା ମୋର ପ୍ରଣାମ ଗ୍ରହଣ କରନ୍ତୁ ।" ବିଦୁରାଣୀ ନିଜକୁ ପାପିନୀ ମନେକଲେ । ସେ ନିଜର ଲଜ୍ଜା ନିବାରଣ କରିବାକୁ ବ୍ୟସ୍ତ ରହି, ଏ ପର୍ଯ୍ୟନ୍ତ ତାଙ୍କୁ ପ୍ରଣାମ କରିବାକୁ ଭୁଲି ଯାଇଥିଲେ । କୃଷ୍ଣ ପାଦରେ ମୁଣ୍ଡ ରଖି, ଲୁହରେ ସେ ତାଙ୍କ ପାଦ ଧୋଇଦେଲେ ।

ବ୍ୟସ୍ତହୋଇ କୃଷ୍ଣ କହିଲେ, "ମା' ଭାରି ଭୋକ ହେଉଛି । ଯାହା ବି ଅଛି ମୋତେ ଦିଅନ୍ତୁ । ଆପଣ ଜାଣିନାହାଁନ୍ତି ମା ! ମୁଁ ଆଦୌ ଭୋକ ସହିପାରେନା ।" ବିଦୁରାଣୀ ଘର ଅଗଣାରେ ଖଣ୍ଡେ ଆସନ ପକାଇ ଦେଲାମାତ୍ରେ ତା' ଉପରେ ଆନନ୍ଦରେ କୃଷ୍ଣ ବସିପଡିଲେ । ଘରେ ତ କିଛି ନାହିଁ । ବିଦୁର ବାହାରକୁ ଯାଇଛନ୍ତି । ଶାଗ ବଛା ସରିନାହିଁ । ଏତେ ଶୀଘ୍ର ସେ ଆସିବେ ବୋଲି, କିଏ ଜାଣିଥିଲା ? କିଛି ବି ରନ୍ଧାବଢା ଆରମ୍ଭ ହୋଇନାହିଁ । ଅନ୍ତର୍ଯାମୀ, ତାଙ୍କ ମନକଥା ଜାଣିଲା ପରି କହିଲେ "ମୁଁ ତ ତୁମର ପୁଅ ପରି । ମୋ ପାଇଁ ବ୍ୟସ୍ତ ହେଲେ, ସତରେ ମୋତେ ଭାରି କଷ୍ଟ ଲାଗିବ । ତେଣୁ ରନ୍ଧାବଢା ହେବାକୁ ବିଳମ୍ବ ହେଉଛି ତ ହେଉ। ଯାହା ବି ଅଛି ମୋତେ ଦିଅନ୍ତୁ । ମୁଁ ତାକୁ ଆନନ୍ଦରେ ଖାଇବି । ଭୋକ ସହିପାରେ ନାହିଁ ବୋଲି, ମା ଯଶୋଦାଙ୍କ ଠାରୁ କେତେ ଯେ ଛାଟ ଖାଇଛି ।" କୃଷ୍ଣ ହସୁଥିଲେ । ବିଦୁରାଣୀଙ୍କ ମନେ ପଡିଲା । ଗୋଟିଏ ଫେଣା ଅଧା ପାଚିଲା କଦଳୀ, କାଲି ସେ କୃଷ୍ଣଙ୍କ ପାଇଁ ବାଡିରୁ ତୋଳି ପଚାଇଥିଲେ । ଦୌଡିଯାଇ ସେହି କଦଳୀ ଫେଣାଟି ଆଣିବାରୁ, ଆନନ୍ଦରେ ଗଦ୍‌ଗଦ୍ ହୋଇ ବାସୁଦେବ କହିଲେ, "ବାଃ କେଡେ ବଢିଆ ପାଚିଛି । ସତରେ ମା, କଦଳୀ ଖାଇବାକୁ ମୋର ଭାରି ଶ୍ରଦ୍ଧା । ଦ୍ୱାରିକାରେ ରାଜଭୋଗ ଖାଇ ଖାଇ ମୋତେ ଅରୁଚି ଧରିଲାଣି । ଏ କଦଳୀ ମୋତେ ଅମୃତ ପରି ଲାଗିବ ।"

ଗୋଟିଏ ଗୋଟିଏ କଦଳୀ ଛଡାଇ, ବିଦୁରାଣୀ କୃଷ୍ଣଙ୍କ ହାତକୁ ବଢାଇଥିଲେ, କୃଷ୍ଣ ତାକୁ ଆନନ୍ଦରେ ଖାଉଥିଲେ । ଏହି ସମୟରେ, ବିଦୁର ଘରକୁ ପଶିଆସି, ବିଦୁରାଣୀଙ୍କୁ କହିଲେ, "ବିଦୁରାଣୀ ! ତୁମର କଣ ମୁଣ୍ଡ ଖରାପ ହୋଇ ଯାଇଛି ? କଣ କରୁଛ ନିଜେ ବି ଜାଣିପାରୁନାହଁ ?" ବିଦୁରଙ୍କୁ ନୀରବ ରହିବାକୁ ଇଂଗିତ ଦେଇ, କୃଷ୍ଣ ଆନନ୍ଦରେ ବିଦୁରାଣୀଙ୍କୁ ଶେଷଥର ହାତ ବଢାଇଲେ । ଫେଣାରୁ କଦଳୀ ସରିଯାଇଥିଲା । ବିଦୁରାଣୀ, ଅଗଣାର ନାରୁଆ ମୁହଁକୁ ଚାହିଁ ନିଜକୁ ଧିକ୍କାର କରିବାକୁ ଲାଗିଲେ । କୃଷ୍ଣ ପ୍ରେମରେ ଭୋଳହୋଇ, ସେ ଫେଣାକ ଯାକ କଦଳୀ ଛଡାଇ ନାଳୁଆ ମୁହଁକୁ ଫିଙ୍ଗିଦେଇ, ଭୁଲରେ ଚୋପା ଗୁଡିକ ଗୋବିନ୍ଦଙ୍କୁ ବଢାଇ ଦେଇଛନ୍ତି । ଆଉ ବିଦୁରାଣୀଙ୍କ ମାତୃସ୍ନେହରେ ନିଜକୁ ଧନ୍ୟ ମନେକରି, ସବୁଯାକ ଚୋପାକୁ, ସେ ଆନନ୍ଦରେ ଚୋବାଇ ଚୋବାଇ ଖାଇ ଦେଇଛନ୍ତି । ବିଦୁର ଆସିବାପରେ, ଶେଷ କଦଳୀର ଚୋପାକୁ ଧରି ଶ୍ୟାମସୁନ୍ଦର ଚୋବାଇ ଚୋବାଇ ଖାଉଥିଲେ ।

ବିଦୁରାଣୀ ତାଙ୍କ କାର୍ଯ୍ୟ ପାଇଁ ଅନୁତାପ କରୁଥିବା ଦେଖି କୃଷ୍ଣ କହିଲେ : ସତ କହୁଛି ମା' ତୁମ ହାତ ସ୍ପର୍ଶରେ କଦଳୀ ଚୋପା, ଗୁଡିକ ମୋତେ ଅମୃତ ଠାରୁ ବି ଭଲ ଲାଗୁଥିଲା । ମୋତେ ବିଶ୍ୱାସ କର ମା ! ଶ୍ରଦ୍ଧା, ଆନ୍ତରିକତା ଓ ଭକ୍ତି ପାଖରେ ମୁଁ ସବୁବେଳେ ବନ୍ଧା ପଡିଯାଏ ।

+ସାଇ ସରସ୍ୱତୀ ନିବାସ, ଭଦ୍ରକ



# ଅବଶୋଷ

## ଶ୍ରୀକୃଷ୍ଣ ସାମଲ

ସୁକାନ୍ତ ଆମେରିକାରୁ ଫେରି ଖୁବ ଖୁସିରେ ଥାଏ । ସେ ଆମେରିକାରେ ଥିଲା ବେଳେ ଜୀବନକୁ ତିଳତିଳ କରି ଉପଭୋଗ ମଧ୍ୟ କରିଛି । ସେଠାରେ ଥିଲା ବେଳେ ଶେଷରେ ଜଣେ ସୁଶ୍ରୀ, ମେଧାବିନୀ, ରୂପକୁମାରୀ ଆମେରିକାନ ଝିଅ ସହିତ ପ୍ରେମରେ ପଡି ତାକୁ ଗଭୀର ଭାବେ ଭଲ ପାଇ ପାଣିଗ୍ରହଣ ମଧ୍ୟ କରିଥିଲା । ସେଇ ଆମେରିକାନ ଝିଅ ସୁକି ଥିଲା ଭାରି ଭଲ ଝିଅ, ଭାରି ଧର୍ମ ପରାୟଣା । ଖ୍ରୀଷ୍ଟିୟାନ ଧର୍ମାବଲମ୍ବି ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରତି ଥିଲା ତାର ଅହେତୁକ ଆକର୍ଷଣ । ଏଣୁ ସୁକାନ୍ତକୁ ଇଣ୍ଡିଆନ ବୋଲି ଜାଣି ସାରିଲା ପରେ ତା ପ୍ରତି ଗଭୀର ଭାବେ ଆକର୍ଷିତ ହୋଇପଡିଲା । ଏଣେ ସୁକାନ୍ତର ବ୍ୟକ୍ତିତ୍ୱ, ମେଧା ଓ କ ର୍ବ୍ୟ ପରାଣୟାତା ତାକୁ ତାର ଆହୁରି ନିକଟତର କରାଇ ପାରିଥିଲା । ଏଣୁ ଏମାନେ ବିନା ଦ୍ୱିଧାରେ ପରସ୍ପରର ଜୀବନ ସାଥୀ ହୋଇ ଯାଇଥିଲେ । ସମୟ ବିତି ଚାଲିଥାଏ । ଏମାନେ ମହାଆନନ୍ଦରେ କାଳାତିପାତ କରୁଥାନ୍ତି । ସୁକି ଥିଲା ତା ପିତାମାତାଙ୍କ ଏକ ମାତ୍ର ଅଲିଅଳୀ କନ୍ୟା ସୁକାନ୍ତ ସହିତ ଏକା କମ୍ପାନୀରେ ମୋଟା ଅଙ୍କର ଦରମାରେ ଅବସ୍ଥାପିତ ହୋଇ ସାରିଥାନ୍ତି । ପିତାଙ୍କର ଅଚଳାଚଳ ସମ୍ପତ୍ତି ତଥା ପିତାଙ୍କର ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ସୁକିର ପିତାମାତାଙ୍କର ଗହଣରେ ରହୁଥାନ୍ତି ଏମାନେ । ହେଲେ ସୁକିର ଆମେରିକାରେ ରହିବାକୁ ଆଦୌ ମନ ଲାଗୁ ନଥାଏ । କେମିତି ସେ ଜଗନ୍ନାଥଙ୍କୁ ସାକ୍ଷାତ କରିବ, ହାଫ୍ ନେକେଡ୍ ଫକୀରଙ୍କ ଗଣତନ୍ତ୍ର ଦେଶର ଜନସାଧାରଣଙ୍କ ସହିତ ମିଶିବ ସେଥି ପାଇଁ ତାର ମନ ଆଉଟୁ ପାଉଟୁ ହେଉଥାଏ । ସେ କେତେ ଥର ସୁକାନ୍ତକୁ କହିଲାଣି ଚାଲ ଆମେରିକା ଛାଡି ଭାରତ ଚାଲିଯିବା ହେଲେ ଏଥିରେ ଆଦୌ ଗୁରୁତ୍ୱ ଦେଉନଥାଏ ସୁକାନ୍ତ । ଶେଷରେ ରାଜି ହୋଇଥିଲା । ସୁକି ତାର ପିତାମାତାଙ୍କୁ ବୁଝାଇ ସୁକାନ୍ତ ସହିତ ଭାରତ ଚାଲିଆସିବାକୁ ପ୍ରସ୍ତୁତ ହୋଇଗଲା ପିତାମାତାଙ୍କୁ ବୁଝାଇ ଶୁଝାଇ କହିଲା ଏବେତ ଆପଣମାନେ ସମ୍ପୂର୍ଣ୍ଣ ସକ୍ରୀୟ ଅଛନ୍ତି । ଆବଶ୍ୟକ ହେଲେ ଆମେ ଦୁହେଁ ଭାରତ ଛାଡି ଆମେରିକା ଚାଲି ଆସିବା । ନହେଲେ ଆପଣମାନେ ଦୁହେଁ ଭାରତ ଚାଲି ଯିବେ । ସେକଥା ପରେ ବିଚାର କରିବା । ଏଣୁ ବ ର୍ମାନ ଠାରୁ ତା ଉପରେ ଗୁରୁତ୍ୱ ଦେବା ଅନାବଶ୍ୟକ । ମୁଁ ସୁକାନ୍ତଙ୍କ ସହିତ ଆମେରିକା ଛାଡି ଚାଲି ଯାଉଛି ମାନେ ସବୁଦିନ ପାଇଁ ଯାଉନାହିଁ । କାରଣ ମୁ ଆପଣମାନଙ୍କର ଏକମାତ୍ର ଅଲିଅଳୀ କନ୍ୟା । ଆପଣଙ୍କ ଦାୟିତ୍ୱ ମୋର । ଏଣୁ ଆପଣମାନଙ୍କ ଅନୁଶୋଚନା କରିବାର କିଛି କାରଣ ନାହିଁ ।

ଏମିତି ଏମାନେ ଆମେରିକା ଛାଡି ଭାରତ ଚାଲି ଆସିଲେ । ସେତେ ବେଳକୁ ସୁକାନ୍ତର ପିତାମାତା ଇହଲୀଳା ସମ୍ବରଣ କରି ସାରିଥାନ୍ତି । ଭାରି ଅବଶୋଷ କଲା ସୁକାନ୍ତ । ସେମାନେ ବଂଚିଥିବା ବେଳେ ଆସି ପିତାମାତଙ୍କୁ ଦେଖି ପାରିଲାନି ବୋଲି । ଯା ହେଉ ସୁକି ବି ଏଥି ପାଇଁ ଭାରି ମନ ଦୁଃଖ କଲା । ଏମାନେ ପିତାମାତଙ୍କ ନିମନ୍ତେ ବିଧି ଅନୁଯାୟୀ ଶ୍ରାଦ୍ଧ ସମାପନ କରି ସୁକାନ୍ତର ପିତାଙ୍କ ଉଚ୍ଚ ଅଟ୍ଟାଳିକାରେ ବସବାସ କରିବାକୁ ଲାଗିଲେ । ସୁକାନ୍ତର ପିତା ମଧ୍ୟ ଜଣେ ଜମିଦାର ଥିଲେ । ତେଣୁ ଅଭାବ ଅନାଟନ କିଛି ନଥିଲା । ସୁଖରେ ବିତୁଥାଏ ଏମାନଙ୍କ ଜୀବନ । ସବୁବେଳେ ଯୋଡି ଜାଉଁଳି ହୋଇ ସମୟ ଅତିବାହିତ କରୁଥିଲେ ଏମାନେ । ସେତେବେଳକୁ ସୁକି ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥ ସସ୍କୃତି ଓ ହିନ୍ଦୁ ଧର୍ମ ଉପରେ ଅଭ୍ୟସ୍ତ ହୋଇ ସାରିଥାଏ । ସୁକିର ହିନ୍ଦୁ ସସ୍କୃତି ଉପରେ ଏତେ ଆଗ୍ରହ ବଢି ଯାଇଥାଏ ଯେ ସେ ବର୍ଷକ ଭିତରେ ପଡୁଥିବା ବ୍ରତ, ଉଷା, ପୂଜା, ପାର୍ବଣ ଇତ୍ୟାଦି ପାଳନ କରିବାକୁ ଆଦୌ ହାତଛଡା କରୁନଥାଏ । ଏମିତିକି ସେ ହିନ୍ଦୁ ରୀତିନୀତିର ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ସୁକାନ୍ତକୁ ଅନେକ ଥର ପ୍ରବର୍ତ୍ତାଇ ସାରିଥାଏ । ଅବଶେଷରେ ତାହା ହିଁ ହେଲା । ବଡ ଧୁମଧାମରେ ତାଙ୍କର ହିନ୍ଦୁ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଗଲା । ଭୋଜିଭାତର ବିରାଟ ଆୟୋଜନ ମଧ୍ୟ ହୋଇଗଲା । ପୁରୋହିତଙ୍କ ପରାମର୍ଶ ଅନୁଯାୟୀ ସୁକିର ନାଁ ବଦଳାଇ ବେଦୀରେ ସୁକାନ୍ତି ନାମରେ ବିବାହ ସମ୍ପନ୍ନ ହୋଇଗଲା । ଦିନ ଏମାନଙ୍କର ଖୁବ ସୁଖରେ ବିତୁଥାଏ । ଜୀବନକୁ ତିଳତିଳ କରି ଉପଭୋଗ କରୁଥାନ୍ତି ଏମାନେ ।

ଥରକର ଘଟଣା । ଦିନେ ମଧ୍ୟ ରାତ୍ରରେ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇଥାନ୍ତି । ହଠାତ ସୁକାନ୍ତର ନିଦ ଭାଙ୍ଗିଗଲା । ସେ ବିଛଣାରୁ ଉଠି ପଡି ବିଛଣାରେ ବସି ଜୋରରେ ବିଳାପ କରିବାକୁ ଲାଗିଲା । ସୁକାନ୍ତର ବିଳାପ ଶୁଣି ଚାଉଁକିନା ସୁକାନ୍ତିର ନିଦ ମଧ୍ୟ ଭାଙ୍ଗିଗଲା । ସେ ସ୍ୱାମୀଙ୍କ ମୁଣ୍ଡ, ହାତ ଆଉଁସି ଦେଇ ପ୍ରବୋଧନା ଦେବାକୁ ଲାଗିଗଲା । ସେତେବେଳକୁ ସୁକାନ୍ତି ଖଣ୍ଡି ଓଡିଆ କହିପାରୁଥାଏ; କହିଲା ସୁକାନ୍ତ, ଟୁମେ କାଣ୍ଡୁଛ କାହିଁକି ? ମୋଟେ ପାଇ ତୁମେ କଣ ସୁଖି ନୁହ ? ନା ଆଉ ଏକ ଓରିଆ ଝିଅ ବାହା ହୋଇ ଖୁସି ହେବ ? କୁହ ମୁଁ ଖୁସିରେ ଭାରତ ଛାଡି ଚାଲିଯିବି । ସୁକାନ୍ତ ଏହା ଶୁଣି କହିଥିଲା ନାଇଁ ମୋ ସେକଥା ନୁହେଁ । ଆଜି ମୁଁ ମୋ ବାପାବୋଉଙ୍କୁ ସ୍ୱପ୍ନରେ ଦେଖିଲି । ସେମାନେ ଦୁହେଁ ଯାକ ହସିହସି ମୋତେ ଆଶୀର୍ବାଦ ଦେଉଛନ୍ତି । ଏଣୁ ସ୍ୱପ୍ନ ଭାଙ୍ଗିଗଲା ପରେ ମନ ମୋର ଗୋଳେଇ ଘାଂଟି ହେଲା ତାଙ୍କ କଥା ମନେ ପଡିଯିବାରୁ ଆଖିରେ ଲୁହ ଜକେଇ ଆସିଲା । ବାଧା ମାନିଲାନି । ବୋଉର ଗୋଟିଏ କଥା ମନେ ପଡିଯିବାରୁ ବିଳାପ କରିଉଠିଲି । ମୁଁ ଆମେରିକା ଯିବା ବେଳେ ବୋଉ ମତେ ତା ପାଦ ଛୁଆଁଇ ଶପଥ କରାଇଥିଲା ଯେ ତୁ ବିଦେଶୀ ଖାଦ୍ୟ ଖାଇବୁନିକି ବିଦେଶିନୀମାନଙ୍କ ସହିତ ମିଶିବୁନି । ତାର ଇଚ୍ଛା ଥିଲା ଆମ ସଂସ୍କୃତି ଅନୁଯାୟୀ ଏକ ସୂନାନାକୀ ଓଡିଆଣୀ ଝିଅ ସହିତ ବିବାହ ବନ୍ଧନରେ ଆବଦ୍ଧ କରାଇବା । ହେଲେ ତା'କଥା ରଖି ପାରିଲିନି । ସବୁ ତାର ଓଲଟା କଲି । କିନ୍ତୁ ମୁଁ ଆଜି କିପରି ବିଦେଶୀ ଖାଦ୍ୟ ବର୍ଜନ କରି ସଂସ୍କାରୀ ବିଦେଶିନୀ ବୋହୂ ସହିତ ଖୁବ ଖୁସିରେ ଅଛି ତାକୁ ସେଇକଥା ହିଁ ଜଣାଇ ତା କଥା ରଖି ପିରିଲିନି ବୋଲି କ୍ଷମା ମାଗିଥାନ୍ତି । ହେଲେ ସେ ଆଜି ମୋ ସୁଖ ବେଳରେ ନାହିଁ, ସେଇଥିପାଇଁ ବିଳାପ କରିଉଠି ଥିଲି । ଓ.. ଏଇ କଥା କହିଥିଲା ସୁକାନ୍ତି । କହିଲା ଟୁମେ ଜମା ବିଚଳିତ ହୁଅ ନାହିଁ । ବାପା ବୋଉ ଆମର ଉପରେ ଥାଇ ଆମର ସବୁ ସୁଖ ଦେଖୁଛନ୍ତି । ସବୁ ବେଳେ ଟାଙ୍କ ଆର୍ଶିବାଦ ଆମ ଉପରେ ରହିଥିବ ।ଏଣୁ ଜମା ବ୍ୟସ୍ତ ହୁଅନି । ସେତେବେଳକୁ ସୁକାନ୍ତି ଗର୍ଭବତୀ ହୋଇ ସାରିଥାଏ । କହିଲା ଦେଖିଲ ସେ ଅମୃତର ସନ୍‌ଟାନଟି ଭିତରେ ଥାଇ କଣ କରୁଛି ? କାନ ଡେରି ଶୁଣିଲ ସେ ହସୁଛି ନା କାନ୍ଦୁଚି ? ଏହା ଶୁଣି ଖୁବ୍ ଖୁସିରେ ସୁକାନ୍ତିକୁ କୋଳେଇ ନେଇଥିଲା ସୁକାନ୍ତ ।

+ ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ: ୯୪୩୭୩୨୦୬୭୯

# ଇଟାଲୀୟନ ସାହିତ୍ୟରେ ସ୍ଥାନ ପାଇଲା କଳାହାଣ୍ଡିର କବିଙ୍କ କବିତା

ଭବାନୀପାଟଣା,୧୦।୧ (ନି.ପ୍ର): ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଦୀର୍ଘ ଦୁଇ ଦଶନ୍ଧି ଧରି ସକ୍ରିୟ ରହିବା ସହିତ ଏକାଧିକ ପୁସ୍ତକର ଲେଖକ ଓ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସଂପାଦକ ଭାବେ ଓଡ଼ିଆ ସାହିତ୍ୟର ଜଣେ ଆଗଧାଡ଼ିର କବି ଓ ସାହିତ୍ୟ ସଂଗଠକ ଭାବେ ସୁପରିଚିତ କବି ଭବାନୀଶଙ୍କର ନିଆଲ ଏଥର ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି ! କରୋନାଜନିତ ଲକଡାଉନ୍ ବେଳେ ସେ ଲେଖିଥିବା ଦୁଇଟି ମର୍ମସ୍ପର୍ଶୀ କବିତାର ଇଂରାଜୀ ଅନୁବାଦ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିବାବେଳେ ଏହି କବିତାର ଭାବାବେଗ ଓ ସାହିତ୍ୟିକ ମୂଲ୍ୟବୋଧରେ ପ୍ରଭାବିତ ହୋଇ ଇଟାଲୀର ଖ୍ୟାତନାମା ଲେଖିକା ଇମାନୁଏଲ୍ ରିଜ୍ଜୋ ଏହାକୁ ଇଟାଲିୟାନ ଭାଷାରେ ଅନୁବାଦ କରିଛନ୍ତି ! ଇଟାଲିୟାନ ଭାଷାରେ ଅନୁଦିତ ହେବା ପରେ କବିତା ଯୋଡ଼ିକ ଇଟାଲୀର ସାହିତ୍ୟ ଜଗତରେ ଓ ୟୁରୋପୀୟ ଦେଶରେ ଆଲୋଡନ ସୃଷ୍ଟି କରିଛି ! ଏ ସଂପର୍କରେ ଖବର ମିଳିବା ପରେ ରାଜ୍ୟର ସାହିତ୍ୟିକ ଓ ଶ୍ରୀ ନିଆଲଙ୍କ ଶୁଭେଚ୍ଛୁ ମହଲରେ ଖୁସିର ଲହରୀ ଖେଳିଯାଇଛି ! ଏପରିକି ସାମାଜିକ ଗଣମାଧ୍ୟମରେ ତାଙ୍କ କବିତା ଏକପ୍ରକାର ଛାଇଯାଇଛି ! ସୂଚନାଯୋଗ୍ୟ, ଏହି କବିତାରେ ଥିବା ମାନବୀୟ ସମ୍ବେଦନ ତଥା ସାମାଜିକ ପ୍ରଗତିର ଦିଶା କବିତାଟିକୁ ଆହୁରି ଜୀବନ୍ତ ଓ ପ୍ରାସଙ୍ଗିକ କରିଥିବାବେଳେ



କବିତା ଦୁଇଟିକୁ ଅଧ୍ୟାପକ ବଙ୍କିମ ମୁଣ୍ଡଙ୍କ ଇଂରାଜୀରେ ଅନୁବାଦ କରିଥିଲେ ! କବି ଶ୍ରୀ ନିଆଲଙ୍କର ଅନେକ କବିତା ଜାତୀୟ ସ୍ତରର ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ଲୋକପ୍ରିୟତା ହାସଲ କରିଛି। ହିନ୍ଦୀର ପ୍ରମୁଖ ଖବରକାଗଜ 'ଦୈନିକ ଜାଗରଣ' ଓ 'ନବଭାରତ'ରେ ମୁଖ୍ୟତଃ ଶ୍ରୀ ନିଆଲଙ୍କ କବିତାମାନ ପ୍ରକାଶ ପାଇଛି। ଓଡ଼ିଆ ଭାଷାରେ କବିଙ୍କର ତିନୋଟି କବିତା ସଙ୍କଳନ 'ସୃଷ୍ଟି', 'ପଚାଶ ବର୍ଷର ପଚାଶଟି ଫସଲ', 'ଝିଅ ର ଚିତ୍ରଖାତା' ପ୍ରକାଶ ପାଇଛି। ଉଭୟ ହିନ୍ଦୀ ଓ ଓଡ଼ିଆରେ ତାଙ୍କର ଅନେକ କବିତା ସଙ୍କଳିତ ହେବାକୁ ଅଛି। କବି ଶ୍ରୀ ନିଆଲଙ୍କ ଏହି ସଫଳତାରେ କଳାହାଣ୍ଡିର ସମସ୍ତ କବି ଓ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି।

# ଜୀବିକା ପାଇଁ ସଂଘର୍ଷରେ ଦିବ୍ୟାଙ୍ଗ ସାଜିଛନ୍ତି ପରେଶ

ଭଦ୍ରକ, ୯ ଜାନୁଆରୀ (ହି.ସ.) - ଘରର ବଡ଼ ପୁଅ। ଘରେ ପାଠ ପଢୁଥିବା ସାନ ଭାଇ ସମେତ ବୃଦ୍ଧ ବାପା, ପତ୍ନୀ ଓ ୨ବର୍ଷର ଶିଶୁ କନ୍ୟାଙ୍କୁ ନେଇ ତାଙ୍କର ପରିବାର। ବାପାଙ୍କ ବୃଦ୍ଧାବସ୍ଥା ପାଇଁ ପରିବାର ବୋଝ ମୁଣ୍ଡାଇବାକୁ ଆଗେଇ ଆସିଥିଲେ। ଘରର ଆର୍ଥିକ ବ୍ୟବସ୍ଥାକୁ ସୁଧାରିବାକୁ ସଂଘର୍ଷ କରୁଥିବାବେଳେ, ଏକ ଆକସ୍ମିକ ଦୁର୍ଘଟଣାରେ ଦିବ୍ୟାଙ୍ଗ ସାଜିଲେ। ଇତିମଧ୍ୟରେ ୧୦ ବର୍ଷ ବିତିଯାଇଛି। ଦିବ୍ୟାଙ୍ଗ ହୋଇ ମଧ୍ୟ ଜୀବନ ଯୁଦ୍ଧ ଆଗରେ ହାର ମାନି ନାହାନ୍ତି। ଏହାବ୍ୟତୀତ ନିଜ ଜୀବନର ନିତୀ ଓ ନୈତିକତା ସହ ସାଲିଶ କରି ନାହାନ୍ତି। ଆଜି ମଧ୍ୟ ସେ ଚଳଚଂଚଳ। ଏହି ଯୁବକ ଜଣକ ହେଉଛନ୍ତି ଭଦ୍ରକ ବ୍ଲକ ନଳାଙ୍ଗ ମୂଳଗାଁ ନିବାସୀ ନିରଂଜନ ପଣ୍ଡାଙ୍କ ପୁତ୍ର ପରେଶ(୩୨)।ସୂଚନା ଅନୁଯାୟୀ ୧୦ ବର୍ଷ ପୂର୍ବେ ପରେଶ ବାଙ୍ଗାଲୁରରେ ଏକ ଘରୋଇ କମ୍ପାନୀ ଗୌତମ ଏ ରପ୍ରାଇଜେସରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ ଡାହାଣହାତର କହୁଣୀ ତଳକୁ ସମ୍ପୂର୍ଣ୍ଣ କଟିଯାଇଥିଲା। କମ୍ପାନୀ କର୍ତୃପକ୍ଷ ଆବଶ୍ୟକ ଚିକିତ୍ସା ଓ ଅସ୍ତ୍ରୋପଚାର କରିବା ପରେ ପରେଶଙ୍କୁ ଘରକୁ ପଠାଇ ଦେଇଥିଲେ। କାରଣ ଡାହାଣ ହାତ କଟି ଯାଇଥିବାରୁ ସେ କମ୍ପାନୀର କୌଣସି କାମ କରିବାକୁ ଅସମର୍ଥ ଥିଲେ। ତଥାପି କମ୍ପାନୀ କର୍ତୃପକ୍ଷ ତାଙ୍କୁ ପୁଣି କାମ କରିବାର ସୁଯୋଗ ଦେଇଥିଲେ ମଧ୍ୟ ପରେଶ ନିଜର ଅକ୍ଷମତା ପ୍ରକାଶ କରିଥିଲେ। କିନ୍ତୁ ଘରେ ବିନା କାମରେ ବସିବାକୁ ଆଦୌ ଚାହିଁନଥିଲେ ପରେଶ। ଘରର ଆର୍ଥିକ ସ୍ଥିତି ଭଲ ନଥିବାରୁ ଅଧିକ ପୁଞ୍ଜି ଖଟାଇ କୌଣସି ବ୍ୟବସାୟ ମଧ୍ୟ କରି ପାରିନଥିଲେ। ପରିବା ବ୍ରବସାୟ ଏବେ ବ୍ୟୟବହୁଳ ହୋଇଥିବାରୁ ସ୍ଥାନୀୟ ଅ ଳର ଲୋକଙ୍କ ସହ ଯୋଗାଯୋଗ କରି ପରେଶ କେବଳ କଦଳୀ ଓ ମଞ୍ଜା ବିକ୍ରି ଆରମ୍ଭ କରିଥିଲେ। ଏହି ସାମଗ୍ରୀକୁ ପରେଶ ଗତ ୩ବର୍ଷ ହେଲା ଭଦ୍ରକ କଲେଜ ରୋଡର ପରିବା ହାଟ ଓ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ରି କରି ଆସୁଛନ୍ତି। ଏତିକିରୁ ଯାହା କିଛି ରୋଜଗାର ହେଲା, ସେଥିରେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏକମାତ୍ର ରୋଜଗାରିଆ ବଡ଼ପୁଅର ଏପରି ଅବସ୍ଥା ଦେଖି ବୃଦ୍ଧ ବାପା ମଧ୍ୟ ମୂଲ ଲାଗିବାକୁ ପଛାଉ ନାହାନ୍ତି।

## ରଜାମୁଣ୍ଡା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ନୂଆପଡା,୧୦।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସାନମହେଶ୍ୱର ପଂଚାୟତର ରଜାମୁଣ୍ଡା ଗ୍ରାମର ଖେଳ ପଡିଆ ଠାରେ ଆୟୋଜିତ ରଜାମୁଣ୍ଡା କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ ମାନିଗୁଡା ଏବଂ ରଜାମୁଣ୍ଡା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ମାନିଗୁଡା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୮ ରନ ସଂଗ୍ରହ କରି ବିଜୟୀ ହୋଇଥିବା ବେଳେ ରଜାମୁଣ୍ଡା ଦଳ ୧୨ ଓଭରରେ ୯୪ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦାନ କରି ଖେଳାଳି ମନୋଭାବ ରଖି ଖେଳ ଖେଳିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ସରପ ବିଦୁର ଶବର, ସମାଜସେବୀ କିଶୋର କଠାର, ଖଡିଆଳ ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କୁଳଦୀପ, ଦଶମୁ ବେହେରା, ରମେଶ ପୁଞ୍ଜି ପ୍ରମୁଖ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥୀକ ସହଯୋଗ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେ ରେ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । କ୍ରିକେଟ ପରିଚାଳନାରେ କୁନୁ ସାଗର ତାଣ୍ଡି, ସୁରେଶ ଭୋଇ, ଭଜନଲାଲ ତାଣ୍ଡି, ଘନଶ୍ୟାମ ବଛା, ପ୍ରଦ୍ୟୁମ୍ନ ବଛା, ମଳୟ ବଛା, ସୁରେଶ ଭୋଇଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଥିଲେ ।

# ସସ୍ କାରଖାନା ଉପରେ ବଡଚଣା ପୋଲିସର ଚଢାଉ

ଧର୍ମଶାଳା,୧୦।୧ (ନି.ପ୍ର):ଏବେ ରାଜ୍ୟରେ ନକଲି ସାମଗ୍ରୀ ଖୁଲମଖୁଲା ବେପାର ଚାଲିଛି। କିଛି ମୁଷ୍ଟିମେୟ ବ୍ୟକ୍ତ ନିଜ ନିଜ ଘରେ ମେସିନ ବସାଇ ନକଲି ସାମଗ୍ରୀ ଉତ୍ପାଦନ କରି ଜିଲା ତଥା ଜିଲା ବାହାରକୁ ପଠାଇ ବେଧଡକ ବେପାର କରୁଛନ୍ତି। ବଡଚଣା ଥାନା ଅନ୍ତର୍ଗତ କୁନ୍ଦଳ ଗ୍ରାମରେ ସସ୍ କାରଖାନା ଉପରେ ପୋଲିସ ଓ ଦର୍ପଣ ତହସିଲ ପକ୍ଷରୁ ଦୀର୍ଘ ଦିନ ଧରି ଏଠାରେ ସସ କାରଖାନା ଚଳାଇ ଅପମିଶ୍ରିତ ସସ୍ ତିଆରି କରୁଥିବା ଖବର ପାଇ ଏହି ଚଢାଉ କରାଯାଇଥିଲା । ତେବେ ଏହି ଘଟଣାରେ ସମ୍ପୃକ୍ତ କମ୍ପାନୀକୁ ସିଲ କରି ଦିଆଯାଇଥିବା ଜଣାପଡିଛି । ଅପମିଶ୍ରିତ ସସ୍‌କୁ ଜବତ କରି ସାମ୍ପୁଲ ଟେଷ୍ଟ ପାଇଁ ଲ୍ୟାବକୁ ପଠାଇ ଦିଆଯାଇଥିବା ବେଳେ କାରଖାନାର ମାଲିକକୁ ପୋଲିସ ନୋଟିସ ଦେଇ ଛାଡି ଦେଇଥିବା ଜଣାପଡିଛି। ସାମ୍ପୁଲ ଟେଷ୍ଟ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବଡଚଣା ପୋଲିସ ପ୍ରକାଶ କରିଛି ।

# ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଭିତ୍ତିଭୂମି ବୁଲି ଦେଖିଲେ ନୂତନ ଜିଲ୍ଲାପାଳ

■ଖୁବଶୀଘ୍ର ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ନିର୍ମାଣ ହେବ

■ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ସହରବାସୀମାନେ ପାଇବେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା

ପୁରୀ,୧୦।୧ (ନି.ପ୍ର): ନୂତନ ଜିଲ୍ଲାପାଳ ସମର୍ଥ ବର୍ମା ଆଜି ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଭିତିଭୂମି ବୁଲି ଦେଖିଥିଲେ । ମେଡିକାଲ କାର୍ଯ୍ୟକ୍ଷମ ପାଇଁ ଖୁବଶୀଘ୍ର ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ପାଇଁ ଏକ କମ୍ପାନୀ ସହ କଥାବାର୍ତା ଚାଲିଛି । ଜମି ଅଧିଗ୍ରହଣ ପରେ ଯୁଦ୍ଧକାଳୀନ ଭିତିରେ ହସ୍ପିଟାଲ ନିର୍ମାଣ ହେବ । ପୂର୍ବରୁ ମେଡିକାଲ କଲେଜର ଶିକ୍ଷା ସୌଧ ନିର୍ମାଣ ହୋଇସାରିଛି । ଡାକ୍ତରଖାନା ନିର୍ମାଣ ହୋଇନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ । କଲେଜର ଡିନ୍ ନିଯୁକ୍ତ ହେବା ପରେ କିଭଳି ଆସନ୍ତା ଶିକ୍ଷାବର୍ଷଠାରୁ ଛାତ୍ର ଗ୍ରହଣ କରାଯିବ ସେ ସଂପର୍କରେ ମଧ୍ୟ ଜିଲ୍ଲାପାଳ ଆଲୋଚନା କରିଥିଲେ । ମେଡିକାଲ କଲେଜକୁ ଯିବା ପାଇଁ ନାଗାପାଟଣା ଛକଠାରୁ ରାସ୍ତାର ଓସାରିକରଣ ଓ ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ବାଲିଗୁଆଳି ଗ୍ରାମ୍ୟ ରାସ୍ତା, ସମଗରା ସ୍କୁଲ ପାଖରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ସଂପର୍କରେ ଅନୁଧ୍ୟାନ କରିଥିଲେ । ଶ୍ରୀକ୍ଷେତ୍ର ବିଶ୍ୱ ଐତିହ୍ୟ ନଗରୀର ମର୍ଯ୍ୟଦା ପାଇବା ପାଇଁ ଏହି ମେଡିକାଲ କଲେଜର ଆବଶ୍ୟକତା ରହିଛି । ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି । ସେମାନଙ୍କର ଆଶୁ ଆରୋଗ୍ୟ ଚିକିତ୍ସା, ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ଏହି କଲେଜ ସମର୍ଥ ହେବ । କଲେଜର ଭିତିଭୂମି ସଂପର୍କରେ ସ୍କେଚ ମ୍ୟାପ୍ ଜିଲ୍ଲାପାଳ ତନ ତନ କରି ନିରୀକ୍ଷଣ କରିଥିଲେ । ମେଡିକାଲ କଲେଜର ଚତୁଃପାର୍ଶ୍ୱରେ ସବୁଜ ବନାନୀ ସୃଷ୍ଟି କରଯିବା ସହ ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଓ ସୁସ୍ଥ ପରିବେଶ ସୃଷ୍ଟି କରାଯିବା ପାଇଁ ପ୍ରସ୍ତାବ ରହିଛି । ଏହାସହ ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ୩୫୦ଶଯ୍ୟା ବୃଦ୍ଧି କରାଯିବା ସହ ଏହାର ଉନ୍ନତିକରଣ କରାଯିବ । ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଚତୁଃପାର୍ଶ୍ୱ ପାଚେରୀ ନିର୍ମାଣ ସହ ରୋଗୀଙ୍କ ପାଇଁ ସୁରକ୍ଷିତ ରଖାଯିବ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ସିଡିଏମଓ, ଏଡିଏମଓ, ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗଞ୍ଜାମ ଜିଲ୍ଲାରୁ ପୁଣି ଧରାପଡିଲେ ୫ ନକଲି ଶିକ୍ଷକ

ଗଞ୍ଜାମ,୧୦।୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରୁ ପୁଣି ଧରାପଡିଛନ୍ତି ୫ ନକଲି ଶିକ୍ଷକ । ଜିଲ୍ଲାର ବେଗୁନିଆପଡା ବ୍ଲକ୍ ଅଂଚଳରେ କାର୍ଯ୍ୟରତ ୫ ଜଣ ଶିକ୍ଷକ ଜାଲ୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ଚାକିରୀ କରୁଥିବା ଜଣାପଡିଛି । ସେମାନଙ୍କ ଦରମା ବନ୍ଦ କରାଯାଇ କୋଦଳା ଥାନାରେ ଏତଲା ଦିଆଯାଇଛି । ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କାରଣରୁ ସେମାନଙ୍କ ନାମ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ବେଗୁନିଆ ପଡା ବିଇଓ କମଳାକାନ୍ତ ସାହୁ । ଡ଼ିଇଓ କାର୍ଯ୍ୟାଳୟ ପକ୍ଷରୁ ବେଗୁନିଆ ପଡା ବ୍ଲକରେ କାର୍ଯ୍ୟରତ ୩୬ ଜଣ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ବିଭିନ୍ନ ବିଦ୍ୟାଳୟକୁ ଯାଂଚ୍ ପାଇଁ ପଠାଯାଇଥିଲା । ଏହାପରେ ଘୋଡ଼ାପଡା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ନିଜର ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଚାକିରୀରୁ ଇସ୍ତଫା ଦେଇଥିଲେ । ଅନ୍ୟପକ୍ଷରେ ଗତ କିଛି ଦିନ ତଳେ ଯାଂଚ୍ ରିପୋର୍ଟ ଆସିଛି । ସେଥିରେ ୫ ଜଣ ଜାଲ୍ ଶିକ୍ଷକ ଧରାପଡିଛନ୍ତି ।

# ଅପରକୋଲାବ କେନାଲ ଭୁଷୁଡିଲା: ଚାଷୀ ଆତଙ୍କିତ

ଜୟପୁର,୧୦।୧ (ନି.ପ୍ର): ଜୟପୁର ନିକଟସ୍ଥ ଅପରକୋଲାବ କେନାଲ ବିଳମ୍ବିତ ରାତ୍ରରେ ଭୁଷୁଡିପଡିଛି। ଫଳରେ ଘାଇ ସୃଷ୍ଟି ହୋଇ ଜମିରେ ପାଣି ଓ ମାଟି ମାଡିଯାଇଛି । ଚାଷୀମାନେ ଆତଙ୍କିତ ହୋଇ ପଡିଥିବା ବେଳେ ମରାମତି କାମ ବିଭାଗ ଆରମ୍ଭ କରିଛି। ଏପରି ଘଟଣା ବାରମ୍ବାର ଘଟୁଥିଲେ ବି ପ୍ରଶାସନ ନିରବ ରହିଥିବା ଜଣାଯାଇଛି । ଅପର କୋଲାବ ପ୍ରଜେକ୍ଟର ଧନପୁର ଶାଖା କେନାଲ ଭୁଶୁଡିଲା । ଜୟପୁର ସହରର ଗାନ୍ଧୀ ଛକ ଠାରୁ ପାରାବେଢା ଓ ଏକଟାଗୁଡା ମଝିରେ ବୋହିଯାଇଥିବା ବେଳେ ପ୍ରାୟ ୨୦ ଫୁଟ ଓସାର ମାଡି ଧସି ଯାଇ ଘାଇ ସୃଷ୍ଟି ହୋଇଛି । ବିଳମ୍ବିତ ରାତ୍ରରେ ଚାଷ ଜମି ଓ ଗାଁ ଆଡକୁ ଜୋରରେ ପାଣି ମାଡିବାରୁ ଖଳାରେ ଶୋଇଥିବା ଓ ଗ୍ରାମରେ ରହୁଥିବା ଲୋକ ଆତଙ୍କିତ ହୋଇ ବାହାରକୁ ଅସିଥିଲେ । ରାତ୍ରରେ ଖବର ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ପହଂଚି କୋଲାବ କେନାଲ କ୍ତୃପକ୍ଷକୁ ବାରମ୍ବାର ଫୋନ କଲେବି କେହି ୨ ଘଂଟା ଯାଏ ଉଠାଇ ନଥିଲେ । ଏନେଇ ବିଧାୟକ ବିରକ୍ତି ପ୍ରକାଶ କରିଥିଲେ । ୨ ଘଂଟା ପରେ ଅଧିକାରି ମାନ ଘଟଣା ସ୍ଥଳରେ ପହଂଚି ଥିଲେ । ବିଧାୟକ ବାହିନିପତି ଲୋକଙ୍କ କ୍ଷତି ପୁରଣ ଓ ଅବହେଳା ପାଇଁ ବିବାଗୀୟ କାଯ୍ୟନୁଷ୍ଠାନ ନେବାକୁ ସେ ଦାବୀ କରିଥିଲେ । ଅନ୍ୟ ପଟେ ଧନ ଜୀବନ ରୁ କ୍ଷୟ କ୍ଷତିରୁ ବଂଚିବା ପାଇଁ ସ୍ଥାନୀୟ ଲୋକେ ଉଦ୍ୟମ ଆରମ୍ଭ କରିଥିବା ବେଳେ ବିଭାଗୟୀ କର୍ମଚାରି ପହିଥିଲେ । ଗ୍ରାମବାସୀ ଙ୍କ ସହାୟତା ରେ ୨ଟି ଗେଟ ବନ୍ଦ କରିବା ପରେ ବିପଦ ଟଳିଥିଲା । କେନାଲ ହୁଡାଭାଙ୍ଗା ଦ୍ୱାରା ଚାଷି ଙ୍କ ଚିନ୍ତା ଏବେ ଦିଇଗୁଣ ହୋଇଛି। ଏହି କେନାଲର ଅଡିବନ୍ଧି ଭୁଷୁଡି ଶହ ଶହ ହେକ୍ଟର ଚାଷ ଜମି ଜଳ ମଗ୍ନ ହୋଇ ମାଟି ଚର ହୋଇଛି । ଯାହାକୁ ନେଇ ଏବେ ଚିନ୍ତାରେ ଜୟପୁର ବ୍ଲକର ଏକଟାଗୁଡା ପଂଚାୟତର ସହ ସହ ଚାଷି । ବିଭାଗୀୟ ଅଧିକାରିଙ୍କ ଖାମ ଖିଆଲି ନିତି ଯୋଗୁଁ ୩୦ରୁ ୪୦ ବର୍ଷର ଦୁବଳ କେନାଲଟି ଭାଙ୍ଗି ପଡିଛି । ଫଳରେ ଉବୟ ପଟେ ୫ ଏକରରୁ ଅଧିକା ଜମିରେ ଚାଷି ରବି ଫଶଲ ନେଇ ଧାନ ରୁଆ କରିଥିବା ବେଳେ ଉକ୍ତ ଜମିରେ ପାଣି ମାଡିଯାଇ ୫୦ ଫୁଟ ଓସାର ବିଶିଷ୍ଟ ଘାଇ ସୃଷ୍ଟି ହୋଇଛି । ଜମି କୁ ପାଣି ମାଡିବା ପାଇଁ ବର୍ଷ ବର୍ଷ ଧରି ଜଳ କର ଚାଷି ବାନ୍ଧୁ ଥିବା ବେଳେ ପ୍ରତ୍ୟେକ ବର୍ଷ ଏପରି କେନାଲ ଭୁଷୁଡି ଥିବା ବେଳେ ବିଭାଗ କିଛି ପଦକ୍ଷପେ ନେଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ବିଭାଗର ସଠିକ ଭାବେ କେନାଲ ର ମରାମତି ଅଭାବରୁ ଦୁବଳ ହୋଇପଡିଛି କେନାଲ । ଯାହା ଫଳରେ ଏଭଳି କେନାଲର ଆଡିବନ୍ଧ ଭୁଷୁଡୁଛି ଓ ଚାଷ ବି ନଷ୍ଟ ହେଉଛି । ଏ ସବୁ ବିଷୟରେ ବିଭାଗ କର୍ତୃପକ୍ଷ ୨ ଦିନ ଭିତରେ ମରାମତି କାଯ୍ୟ ସମ୍ପୁର୍ଣ୍ଣ କରିବା ନେଇ ସଫେଇ ଦେଇଛନ୍ତି । ରବି ଫସଲ ପାଇଁ ରୁଆ ଆରମ୍ଭ ହୋଇଥିବା ବେଳେ ବିଭାଗ ପାଣି ବନ୍ଦ କରିଥିବାରୁ ବ ମାନ ୪ଟି ଗେଟ ବନ୍ଦ କରାଯାଇଛି । ଫଳରେ ଏହି କେନାଲ ଦେଇ ଯାଉଥିବା ଧନପୁର, କାଳିଆ ଗାଁ, ଖୁଢୁପି, ଅନ୍ତା, ବାଲିଆ ଭଳି ଗ୍ରାମ କୁ ଜଳ ଯୋଗାଣ ବନ୍ଦ ରହିଛି । କେନାଲ ବିପଦ ରେ ଥିବା ବେଳେ କଂକ୍ରିଟ କେନାଲ କରିବା ପାଇଁ ବିଭାଗ ପ୍ରସ୍ତବ ଦେଇଥିଲେ ସରକାର ଶୁଣୁ ନଥିବା ବିଭାଗ ଅସନ୍ତୋଷ ଓ ଆତଙ୍କିତ ଲୋକ ପ୍ରଶ୍ନର ଉ ର ଦେଉଥିବା ବେଳେ ବିଭାଗ ତୁରନ୍ତ ପଦ କ୍ଷେପ ନେବାକୁ ଦାବି ହୋଇଛି । କ୍ଷୟ କ୍ଷତି ହୋଇଥିବା ଚାଷି କୁ ତୁରନ୍ତ କ୍ଷତି ପୁରଣ ଦେବାକୁ ଦେବା ହୋଇଛି ।ଏହି ଘଟଣାକୁ ଗୁରୁତର ସହ ନେଇ ଜିଲାପାଳ ମଧୁ ସୁଦନ ମିଶ୍ର, ଉପ ଜିଲାପାଳ ହେମକାନ୍ତ ସାୟ ଯାଇ ପରିଦର୍ଶନ କରିଥିବା ବେଳେ ଏପରି ଘଟଣା କପରି ଘଟିଲା ସେ ନେଇ ବିଭାଗୀୟ ଅଧିକାରି ଙ୍କ ସହ ଆଲୋଚନା କରିଥିଲେ । କନିଷ୍ଟ ଯନ୍ତ୍ରୀ ପ୍ରସ୍ନନ କୁମାର ପଣ୍ଡା ପ୍ରମୁଖ ପହି ମଟି ପକାଇ ମରାମତି କାଯ୍ୟ ଆରମ୍ଭ କରିଛନ୍ତି । ମାଟି କେନାଲ ହୋଇଥିବା ରୁ ଏପରି ଘଟଣା ଘଟିଥିବା ବିଭାଗ ସୁଚନା ଦେଇଛି ।

# ଜିଏସଟି ଏନଫୋରସମେଂଟ ସ୍କ୍ୱାର୍ଡ଼ ଚଢାଉ

ଜୟପୁର,୧୦।୧ (ନି.ପ୍ର): ଜୟପୁର ଜିଏସଟି ଏନଫୋରସମେ ସ୍କାଡ ଚଢାଉ କରିଛି । ଏକ ଟ୍ରକ ଯୋଗ ଲୁହା ରଡ ଚାଲାଣ ହେଉଥିବା ବେଳେ ଏହି ସ୍କାର୍ଡ୍ ଚଢାଉ କରିଥିଲା । ଆନ୍ଧ୍ର ପ୍ରଦେଶର ମଦୁରଓାର୍ଡ ଠାରୁ ଛତିଶଗଡର ଭିଲାଇ ଯାଉଥିଲା । ଟ୍ରକ ରେ ୨୪ ହଜାର ୯୨୦ କେଜି ରଡ ଯାଉଥିବା ବେଳେ ଯାହାର ଆନୁମାନିକ ମୁଲ୍ୟ ୭ ଲକ୍ଷ୭୯ ହଜାର ୨୩୧ ଟଙ୍କା ହେବ । ଏସଆଇ ଇଂଟରପ୍ରାଇଜେସର ରଡ ବୋଲି କାଗଜ ପତ୍ର ଯାଂଚ କରିବାରୁ ଜଣାପଡିଲା । ଜିଏସଟି ବିଭାଗ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ସହ ଆଲୋଚନା କରିଥିଲା । ଉଭୟଙ୍କ ମିଳିତି ଯାଂଚ ରେ ନକଲି କାଗଜପତ୍ର ବୋଲି ଜାଣିବାକୁ ପାଇଥିଲା । ଏମିତି ଏସଆଇର ଇଂଟରପ୍ରାଇଜେସ ବୋଲି କିଛି ଜିଏସଟିରେ ପଞ୍ଜିକୃତ ନଥିବା ବିଭାଗ ଜାଣିବାକୁ ପାଇଥିଲା । ପରେ ଟ୍ରକ ଡ୍ରାଇଭରକୁ ପଚରା ଉଚରା କରିବାରୁ ସେ ଜଣେ ବ୍ୟକ୍ତି ମାଧ୍ୟରେ ଏହି ଜିନିଷ ଚାଲଣ କରୁଥିଲେ । ଉକ୍ତ ବ୍ୟକ୍ତି ଜଣକ ହେଲେ ଭୁବନେଶ୍ୱରର ସ୍ମୃତି ରଞ୍ଜନ ସାହୁ । ଉକ୍ତ ବ୍ୟକ୍ତି ଜଣକୁ ଆନ୍ଧ୍ର ପ୍ରଦେଶର ମଦୁରଓାର୍ଡରୁ ଲୋଡ କରି ଛତିଶଗଡର ଭିଲାଇ ଅନଲୋଡ କରିବାକୁ କହିଥିଲେ । ଏପରି ଭାବରେ ୨ଟି ଟ୍ରକ ସେଲିଗୁଡାର ରାୟପୁର ଲୁହା ରଡ ଚାଲାଣ ହେଉଥିବା ବେଳେ ସ୍କାର୍ଡ ଚଢାଉ କରିଥିଲା । ୩ଟି ଟ୍ରକ ଉପରେ ଚଢାଉ କରି ୧୫ ଲକ୍ଷ ୬୫ ହଜାର ୫୪୫ ଟଙ୍କା ଜୋରିମାନା ଆଦାୟ କରିଛି । ଏପି ୩୫-ଏକ୍ସ ୯୫୦୫ ୫ ଲକ୍ଷ ୨୯ ହଜାର ୮୭୭ ଟଙ୍କା ଆଦାୟ କରିଥିବା ବେଳେ ଓଡି ୧୦ ଜେ ୨୩୩୯ ,୫ ଲକ୍ଷ ୩୬ ହଜାର ୫୧ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଓଡି ୧୦ଡି ୯୩୩୨ ୪ ଲକ୍ଷ ୯୯ ହଜାର ୬୧୭ ଟଙ୍କା ଆଦାୟ କରାଯାଇଛି ।

# ଘରକୁ ପଶିଲା ସ୍କର୍ପିଓ : ସ୍ତ୍ରୀ ମୃତ, ସ୍ୱାମୀ ଓ ପୁଅ ଗୁରୁତର

ନୂଆପଡା,୧୦।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ଠାରୁ ୧ କିଲୋମିଟର ଦୂର ଖଡିଆଳ-ବୋଡେନ ରାସ୍ତାର ଗଡ୍ରାମୁଣ୍ଡା ଗ୍ରାମରେ ଆଜି ଏକ ସ୍କର୍ପିଓ ଗାର୍ଡି ଏକ ଘର ଭିତରକୁ ପଶିଯିବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଏହି ଗୁରୁତର ଆହତ ୨ ଜଣଙ୍କୁ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତୀ କରାଯାଇଛି । ସୂଚନାମତେ ଆଜି ଅପରାହ୍ନ ସମୟରେ ଏକ ଦୃତ ଗତିରେ ଯାଉଥିବା ସ୍କର୍ପିଓ ଗାଡି ଭାରସାମ୍ୟ ହରାଇ ଗଡ୍ରାମୁଣ୍ଡା ଗ୍ରାମର ଏକ ଘରକୁ ପଶି ଯାଇଥିଲା । ଯାହାଫଳରେ ଘର ଭିତରେ ଥିବା ନମିତା ହଂସ(୩୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ତାଙ୍କ ସ୍ୱାମୀ ନରେଶ ହଂସ(୪୬) ଏବଂ ପୁଅ ଦ ହଂସ(୮) ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଗୁରୁତର ଆହତ ବାପପୁଅଙ୍କୁ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତୀ କରାଯାଇଛି । ହେଲେ ନରେଶ ହଂସଙ୍କର ଗୋଡ ଛିଣ୍ଡି ଯାଇଥିବାରୁ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ସ୍କର୍ପିଓ ଗାଡିର ଡ୍ରାଇଭରଙ୍କୁ ନିସ୍ତୁକ ପିଟିବା ସହ ସ୍କର୍ପିଓ ଗାଡିକୁ ଭଙ୍ଗାରୁଜା କରିଥିଲେ । ଖଡିଆଳ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ବେଳେ ଉତ୍ୟକ୍ତ ଲୋକେ ପୋଲିସକୁ ମଧ୍ୟ ଅଟକ ରଖିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରୀ ରହିଥିବା ଜଣାପଡିଛି । ଘଟଣାସ୍ଥଳରେ ଖଡିଆଳ ଏସଡିପିଓ ସନ୍ତକ ଜେନା, ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି ।

# କଣାସ ଅଂଚଳରେ ହାତୀ ଉପଦ୍ରବ: ସଞ୍ଜ ନଇଁଲେ ଫସଲ ଖାଇବାକୁ ଜନବସତି ମୁହାଁ ହାତୀପଲ

କଣାସ,୧୦।୧ (ନି.ପ୍ର): ଚନ୍ଦକା ଜଙ୍ଗଲର ଅବକ୍ଷୟ ଯୋଗୁଁ ପ୍ରତିବର୍ଷ ଚନ୍ଦକାରେ ରହୁଥିବା ହାତୀମାନେ ପାଚିଲା ଧାନଫସଲ ଖାଇବା ପାଇଁ ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରବେଶ କରି ବ୍ୟାପକ ଫସଲ କ୍ଷତି କରିବା ସହିତ କେତେକ ବ୍ୟକ୍ତିଙ୍କୁ ଦଳିମାରିଥିବା ନଜିର ରହିଛି । ୧୫ରୁ ଉର୍ଦ୍ଧ ହାତୀ କଣାସ ବ୍ଲକର ଗଡଖାରଦ ଓ ଦେଇପୁର ଗ୍ରାମ ପଚାଂୟତର କେତେକ ଗ୍ରାମରେ ଦଳିଚକଟି ଫସଲ ନଷ୍ଟ କରିବା ସହ ଫସଲ ଖାଉଥିବା ଅଭିଯୋଗ ହେଉଛି । ଫଳରେ ସଂନ୍ଧ୍ୟା ହେଲେ ଲୋକେ ଘରୁ ବାହାରକୁ ବାହାରିବାକୁ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଗତ ୪ ତାରିଖ ରାତିରେ ୧୫ରୁ ଉର୍ଦ୍ଧ୍ୱ ହାତୀ ଖୋର୍ଦ୍ଧା ଜିଲ୍ଲା ଚିତ୍ରକୁଟ ପାହାଡରୁ କଣାସ ବ୍ଲକର ଗଡଖାରଦ ଗ୍ରାମପଚାଂୟତର ବୀରତୋଇ, ମୁଗପଦର, ବାଦୁରାବର, ମାଳିସାହି ଗ୍ରାମରେ ପଶି ବ୍ୟାପକ ଫସଲ କ୍ଷୟକ୍ଷତି କରିଥିଲେ । ଲୋକମାନେ ଭୟଭିତ ହୋଇ ଡେଲାଙ୍ଗ, କଣାସ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ଡେଲାଙ୍ଗ-କଣାସ ବନ ବିଭାଗ କର୍ମଚାରୀମାନେ ପହଂଚିବାର ବିଳମ୍ବ ହେବାଯୋଗୁଁ ଡାଙ୍ଗି ବନାଂଚଳ ଅଧିକାରୀମାନଙ୍କୁ ହାତୀ ପଲ ବିଷୟରେ ଜଣାଇଥିଲେ । ଡାଙ୍ଗି ବନାଂଚଳର ଅଧିକାରୀ ଓ କର୍ମଚାରୀ ବାଦୁରାବର, ମାଳିସାହି, ବାଜପଦର ଗ୍ରାମରୁ ହାତୀ ପଲଙ୍କୁ ବଣକୁ ଫେରାଇନେବା ପାଇଁ ଚେଷ୍ଟା କରିବାରୁ ହାତୀପଲ ବାଟବଣା ହୋଇ ଚିଲିକା ଉପକୂଳକୁ ଚାଲିଯାଇଥିଲେ । ବନାଂଚଳ ଅଧିକାରୀମାନେ ବହୁ ଚେଷ୍ଟା କରି ହାତୀମାନଙ୍କୁ ଚିତ୍ରକୂଟ ପାହାଡକୁ ଫେରାଇ ନେଇଥିବା ଟାଙ୍ଗି ବନାଂଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା, ଟାଙ୍ଗି ବନପ୍ରାଣି ଅଧିକାରୀ ଚୂଡାରାଣୀ ମୁରମୁ, ଚିଲିକା ବନପାଳ ରାଧାକାନ୍ତ ହୋତା, ଭୂଷଣ୍ଡପୁର ବନପାଳ ସିନ୍ଧୁଚରଣ ସିଂହ ବହୁ ଉଦ୍ୟମ କରି ହାତୀମାନଙ୍କୁ ଫେରାଇ ନେଇଥିବା ପ୍ରକାଶ କରିଛନ୍ତି । ହାତୀ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଗ୍ରାମବାସୀମାନେ କ୍ଷତିପୁରଣ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି । ପ୍ରତ୍ୟକ ବର୍ଷ କଣାସ ଅଂଚଳକୁ ହାତୀ ପଲ ଆସି ବ୍ୟାପକ କ୍ଷୟକ୍ଷତି କରୁଥିଲେ ମଧ ବନବିଭାଗର ଅଧିକାରୀମାନେ କୌଣସି ସ୍ଥାୟୀ ପ୍ରତିକାର କରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ଦେଖାଦେଇଛି ।

# ସର୍ତ୍ତାନାଳ ସେତୁ ଶିଳାନ୍ୟାସ

ଭଦ୍ରକ,୧୦।୧ (ନି.ପ୍ର): ଭଣ୍ଡାରିପୋଖରୀ-ମଣିନାଥପୁର ପୁର୍ତରାସ୍ତାର ସର୍ତାନାଳ ସେତୁର ଶିଳାନ୍ୟାସ ଆଜି କରାଯାଇଛି। ଭଦ୍ରକ ପୂର୍ତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ସେତୁର ଶିଳାନ୍ୟାସ ସାଂସଦ ମଞ୍ଜୁଲତା ମଣ୍ଡଳ କରିଥିଲେ। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ମାଳଦା ସରପଂଚ ରିତାଞ୍ଜଳୀ ସାମଲ, ରହଣିଆ ସରପଂଚ ଅଲିଭା ନାୟକ, ସମିତି ସଭ୍ୟ ମୋହନ ରାୟ, ପୂର୍ବତନ ସମିତି ସଭ୍ୟ ବ୍ରହ୍ମାନନ୍ଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ପାଇଁ ଏହି ସେତୁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରିଥିଲେ। ସର୍ତାନାଳ ସେତୁ ସମେତ ଏହି ରାସ୍ତାରେ ମୋଟ ଆଠଗୋଟି ସେତୁ ନିର୍ମାଣ ସହ ୧୬ ନଂ ଜାତୀୟ ରାଜପଥର ତୁଳସୀପୁର ଠାରୁ ସରସଦା ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ପା କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ସଭାରେ ସୂଚନା ଦେଇଥିଲେ। ଆଗାମୀ ୯ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଦେଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୨୦୧୪ ମସିହାରେ ଦୁଇକୋଟି ପଚାଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତୁଳସୀପୁର ଠାରୁ ସରସଦା ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ରାସ୍ତା ଅଧାପନ୍ତରିଆ ଭାବେ ନିର୍ମାଣ କରାଯାଇଥିଲା। ଫଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ୨୦୧୭ ମସିହାରେ ବିଭାଗ ପକ୍ଷରୁ ସରସଦା ଠାରୁ ମଣିନାଥପୁର ପର୍ଯ୍ୟନ୍ତ ୧୧ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ୧୩,୬୦,୧୯,୭୩୧ଟଙ୍କା ବ୍ୟୟଅଟକଳରେ ହାତକୁ ନିଆଯାଇଥିଲା।

## ଶୀକାରୀ ଗୁଳିରେ ଶୀକାର ହେଲେ କାଠୁରିଆ ଘଟଣା

# ଗୁଳିକାଣ୍ଡ ସ୍ଥଳରୁ ୩ ଟି ସାଇକେଲରୁ ୩ ସିଫ୍ଟ କାଠ ଜବତ କଲା କାଳିଆପାଣି ପୋଲିସ

ଭୁବନ,୧୦।୧ (ନି.ପ୍ର):ଭୁବନ ଥାନା ଅନ୍ତର୍ଗତ କୁନିନ୍ଦା ପଂଚାୟତର ଜଣେ ବ୍ୟକ୍ତି ଜଙ୍ଗଲକୁ କାଠ ପାଇଁ ଯାଇଥିବା ବେଳେ ଶୀକାରୀ ଗୁଳିର ଶୀକାର ହୋଇଥିବା ଘଟଣାର ପର୍ଦ୍ଦାଫାସ କରିଛି ଯାଜପୁର ଜିଲ୍ଲା କାଳିଆପାଣି ପୋଲିସ । ଗୁଳିକାଣ୍ଡସ୍ଥଳରୁ କାଳିଆପାଣି ପୋଲିସ ୩ ଟି ସାଇକେଲରେ ବନ୍ଧା ହୋଇଥିବା ୩ ସିଫ୍ଟ କାଠ ଜବତ କରି କାଠ ଆଣିବାକୁ ଯାଇଥିବା ବେଳେ ଏହି ଗୁଳିକାଣ୍ଡ ହୋଇଛି ବୋଲି କହିଛି । ଖବରରୁ ପ୍ରକାଶ ଯେ, ଭୁବନ ବ୍ଲକ କୁନିନ୍ଦା ଗ୍ରାମର ଭାଗବତ ବେହେରା ଙ୍କ ପୁଅ ଗୋବିନ୍ଦ ବେହେରା ତାଙ୍କର ୨ ଜଣ ସାଥୀଙ୍କ ସହିତ ଗତ ଗୁରୁବାର ରାତି ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ ନଳିପାହାଡ ଉପରେ ଥିବା ହୁଡିସାହି (ପାଟଣା) ଦଳକ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଗୁଳିକାଣ୍ଡର ଶୀକାର ହୋଇ ମୃତ୍ୟୁବରଣ କରିଥିଲେ । ଏ ସଂପର୍କରେ କାଳିଆପାଣି ଥାନାରେ କେଶ ନଂ-୦୩ / ୨୦୨୧ ରେ ଏକ ମାମଲା ରୁଜୁ ହୋଇଥିଲା । କେତେକ ଗଣମାଧ୍ୟମରେ ମଇଁଷି ଖୋଜିବାକୁ ଯାଇଥିବା ବେଳେ କେତେକ ଦୁର୍ବୃତ ଗୁଳିକାଣ୍ଡ କରି ୩୦ ହଜାର ଟଙ୍କା ଲୁଟି ନେଇଥିବା ସଂପର୍କରେ ଯେଉଁ ଖବର ପ୍ରକାଶ ପାଇଥିଲା ତାହା ମିଥ୍ୟା ବୋଲି ଜଣାପଡିଛି । ଗୁଳିକାଣ୍ଡ କରିଥିବା ମୁଖ୍ୟ ଅଭିଯୁକ୍ତ ଖୁବଶୀଘ୍ର ଧରାପଡିବ ବୋଲି କାଳିଆପାଣି ଥାନାର ତଦନ୍ତକାରୀ ଅଫିସର ବିଭୂତି ଭୂଷଣ ମହାପାତ୍ର ଓ କାଳିଆପାଣି ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର, ୧୦/୧ (ନିପ୍ର) : ଜଣେ ଶିକ୍ଷାବିତ୍, ସମାଜସେବୀ , ଗାନ୍ଧିବାଦୀ ମଣିଷ ତଥା ଗୁରୁକୁଳ ଶିକ୍ଷାନୁଷ୍ଠାନର ଆଦର୍ଶ ଶିକ୍ଷକଭାବେ ପରିଚିତ ମାନଗୋବିନ୍ଦ ପରିଡା (୯୩)ଙ୍କର ନିଜ ବାସଗୃହରେ ପରଲୋକ ହୋଇ ଯାଇଛି । ସେ ୧୯୬୫ ମସିହାରେ ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ଗୁରକୂଳ ଆଶ୍ରମରେ ଆଦର୍ଶ ମୌଳିକ ଶିକ୍ଷକ ଭାବେ ଯୋଗ ଦେଇ ଶିକ୍ଷାଦାନ କରିଥିଲେ । ପରିବର୍ତ୍ତୀ ସମୟରେ ଶାନ୍ତିଆ, ଡଗରାଠାରେ ତାଙ୍କ କର୍ମଭୂମୀ ଥିବା ବେଳେ ସେ ଜଣେ ଛାତ୍ରବତ୍ସଳ ଶିକ୍ଷକରୂପେ ପରିଚିତ ଥିଲେ । ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁରୁକୂଳ ଆଶ୍ରମରେ ସୂତାକାଟିବା, ଗାନ୍ଧିଙ୍କ ରାମଧୂନ ଗାନ କରିବା, ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବାରେ ତାଙ୍କର ଭୂମୀକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଉତ୍ସବରେ ପିଲାମାନଙ୍କୁ ନେଇ ଡ୍ରାମା ପରିବେଶଣ କରି ସମାଜରେ ସଚେତନତାର ବାର୍ତ୍ତ ବାଣ୍ଟୁଥିବାରୁ ଅଭିଭାବକ ମହଲରେ ସେ ଆଦରଣୀୟ ହୋଇଥିଲେ ।

# ମୋ ସ୍କୁଲ ଅଭିଯାନ : ସମସ୍ୟା ବଳୟରେ ନାରାୟଣ ଚନ୍ଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ



ଭଦ୍ରକ,୧୦।୦୧ (ନି.ପ୍ର): ପୁରୁଣାବଜାର ସ୍ଥିତ ୧୯୦୮ ମସିହାରେ ତିଆରି ହୋଇଥିବା ନାରାୟଣ ଚନ୍ଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ମୋ ସ୍କୁଲ ଅଭିଯାନ' ସ୍କୁଲ ସଭାପତି ହାଜୀ କାଶିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଅନୁସୟା ପତି, ଏସ୍.ଏମ୍. ଫାରୁକ୍, ଶେଖ୍ ଏନାମ୍ ମହମ୍ମଦ, ଆଇନଜୀବୀ ଜୁଲ୍‌ଫୁକାର ଅଲ୍ଲୀ ଏବଂ ସଂଚାଳକ ଭାବେ କବି ଓ ଶିକ୍ଷକ ମୁସ୍ତାକ ଗୌହର ଯୋଗଦାନ କରି ବକ୍ତବ୍ୟ ରଖିଥିଲେ ଏବଂ ଏହି ସଭାରେ ମଧ୍ୟ ପୁରାତନ ଛାତ୍ରମାନେ ଯୋଗଦାନ କରି ସ୍କୁଲର ସମସ୍ୟା ବଳୟକୁ ଆଲୋଚନା କରି ବକ୍ତବ୍ୟ ଦର୍ଶାଇଥିଲେ ଯେ ପୁରାତନ ସ୍କୁଲକୁ ଆଜି ୧୧୩ ବର୍ଷ ବିତି ଯାଇଥିଲେ ମଧ୍ୟ ପୁରାତନ ଢାଞ୍ଚାରେ ସ୍କୁଲ ରହିଛି । ସ୍କୁଲର ସର୍ବମୋଟ ୧୨୭୨ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଶିକ୍ଷୟତ୍ରୀ ମାତ୍ର ୧୮ଜଣ ରହିଛନ୍ତି । କିନ୍ତୁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅଭାବ ରହିଛି । ପ୍ରଧାନ ଶିକ୍ଷୟତ୍ରୀଙ୍କ କୌଣସି କଥାକୁ କେତେକ ଶିକ୍ଷକ ଶିକ୍ଷୟତ୍ରୀ ମାନୁ ନାହାନ୍ତି କିମ୍ବା ଠିକ୍ ସମୟରେ ସ୍କୁଲକୁ ଆସୁ ନାହାନ୍ତି । ଶିକ୍ଷକ ଶିକ୍ଷୟତ୍ରୀ ସ୍କୁଲର ନିର୍ଦ୍ଧାରିତ ସମୟ ପୂର୍ବରୁ ଚାଲି ଯାଉଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ଉପରେ ବାଧା ସୃଷ୍ଟି ହେଉଛି । ଛାତ୍ରଛାତ୍ରୀଙ୍କ ଶୌଚାଳୟ ବ୍ୟବହାର କରିବା ପାଇଁ ମାତ୍ର ୪ ଗୋଟି ଶୌଚ/ପରିସ୍ରାଗାର ରହିଛି । ଯେହେତୁ ଛାତ୍ରଛାତ୍ରୀ ଅନେକ ଅସୁବିଧାର ସାମ୍ନା କରୁଛନ୍ତି । ଏହିଭଳି ଅନେକ ସମସ୍ୟାକୁ ସାମ୍ନାରେ ରଖି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସ୍କୁଲର ପୁରାତନ ଛାତ୍ର ଭାବେ ଓଡ଼ିଶାର ପୂର୍ବତନ ଉପବାଚସ୍ପତି ସ୍ୱର୍ଗତ ମହମ୍ମଦ ହନିଫ ବାବୁ, ପୂର୍ବତନ ଦୁଇ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ସ୍ୱର୍ଗତ ନିଳମଣି ରାଉତରାୟ, ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକ, ବରିଷ୍ଠ ଆଇନଜୀବୀ ଗୋଲକ ଚନ୍ଦ୍ର ରାଏ, ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲ । ଏହିଭଳି ଅନେକ ପୁରାତନ ଛାତ୍ରଛାତ୍ରୀ ଦେଶବିଦେଶରେ ରହି ଚାକିରି କରି ସୁନାମ ଅର୍ଜନ କରିଲେ, କିନ୍ତୁ ସ୍କୁଲର ସମସ୍ୟା ଉପରେ ସମସ୍ୟା ପଡ଼ି ରହିଛି, ଉକ୍ତ ସମସ୍ୟା ସରକାରଙ୍କ ନଜର ପଡୁନାହିଁ । ଉକ୍ତ ସଭାରେ ସ୍କୁଲର ଶିକ୍ଷକ କିଶୋର ଧଳ, ମହମ୍ମଦ କମାଲୁଦ୍ଦିନ ଆଲାମ, ସୈୟଦ ସଫିର ଅହେମ୍ମଦ ପ୍ରମୁଖ ଯୋଗଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ....

ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ବିଭାଗ ଯୁଗ୍ମ ସଚିବ ଡ. ଜେ.ବାଲାଜୀ, ସାଗର ମେହେରା, ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତିରଂଜନ ପ୍ରଧାନ, ବାହାବଳପୁର ଜିଲ୍ଲା ପରିଷଦ ସଦସ୍ୟା ସୁମତି ନାୟକ, ସ୍ଥାନୀୟ ସରପଞ୍ଚ ରଶ୍ମିତା ମଣ୍ଡଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରକଳ୍ପର ବିଭିନ୍ନ ଉପାଦେୟ ଦିଗ ଉପରେ ଆଲୋକପାତ କରିବା ସହିତ କେଜ କଲଚର ପ୍ରକଳ୍ପ ଦ୍ୱାରା ମତ୍ସ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗଦେଇ ଜିଲ୍ଲାର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏହି ପ୍ରକଳ୍ପ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶାପ୍ରକଟ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ସମେତ ଅତିଥିମାନେ ମତ୍ସ୍ୟ ଚାଷ ସମ୍ପର୍କରେ ପ୍ରସ୍ତୁତ ବିଭିନ୍ନ ପ୍ରଚାରପତ୍ରର ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ବିଶାଖାପାଟଣା ସ୍ଥିତ ଆଇସିଏଆର-ସିଏମଏଫଆରଆଇ ମୁଖ୍ୟ ଡ. ଶୁଭୋଦୀପ ଘୋଷ ମେରାଇନ କେଜ କଲଚର ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଆଇସିଏଆର-ସିଏମଏଫଆରଆଇ ପୁରୀ ଶାଖାର ଡ. ସୁବଳ କୁମାର ରାଉଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୁ ସେତୁ ଭୁଶୁଡ଼ିବା....

ଠିକା ଶ୍ରମିକ କାମ ସାରି ଯିବା ପରେ ଅପରାହ୍ନରେ ବାହାର ଶ୍ରମିକ ଆସି ସ୍ଲାପ୍‌କୁ ସଜାଡୁଥିଲେ । ତେବେ ଲେବଲ କରିବା ସମୟରେ ଏହି ଅଘଟଣ ଘଟିଥିଲା । ଆଜି ପଡ଼ିଥିବା ସମସ୍ତ ସ୍ଲାପ୍ ଭାଙ୍ଗି ସେମାନଙ୍କ ଉପରେ ପଡ଼ିଯାଇଥିଲା । ଉପରେ ଯେଉଁ ଶ୍ରମିକମାନେ କାମ କରୁଥିଲେ, ସେମାନେ ସ୍ଲାବ ? ସହ ତଳକୁ ଖସିପଡ଼ିଥିଲେ । ଏହି ଅଘଟଣ ପରେ ଉମରକୋଟ ଥାନାଧିକାରୀ ପହଞ୍ଚିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସହ ସବୁ ମନ୍ତ୍ରୀ....

ଦିଲ୍ଲୀ ଫରିଦବାଦରେ ଥିବା ଜମି ବିକ୍ରି ଲାଗି ନବୀନ ଅଗ୍ରୀମ ଆଣିଛନ୍ତି ୧ କୋଟି ୨୫ ଲକ୍ଷ । ଫରିଦାବାଦରେ ଥିବା ଜମି ଓ କୋଠାର ମୂଲ୍ୟ ୧୦ କୋଟି ୭୫ ଲକ୍ଷ ୫୧ ହଜାର ୭୧ ଟଙ୍କା । ଭୁବନେଶ୍ୱର ନବୀନ ନିବାସରେ ନବୀନଙ୍କର ଦୁଇ-ତୃତୀୟାଂଶ ଭାଗ ରହିଛି । ଏହାର ମୂଲ୍ୟ ୯ କୋଟି ୫୨ ଲକ୍ଷ ୪୬ ହଜାର ୧୯୦ ଟଙ୍କା । ଦିଲ୍ଲୀର ଏପିଜେ ଅବଦୁଲ କଲାମ ରୋଡରେ ଥିବା ସମ୍ପତିରେ ନବୀନଙ୍କ ୫୦ ପ୍ରତିଶତ ଭାଗ ରହିଛି । ଏହାର ମୂଲ୍ୟ ପ୍ରାୟ ୪୩ କୋଟି, ୩୬ ଲକ୍ଷ, ୧୮ ହଜାର ଟଙ୍କା ହେବ ବୋଲି କୁହାଯାଇଛି ।

## ୨ ବର୍ଷରେ ୮୦ଟି ଗାଡ଼ି କିଣିଛନ୍ତି ....

୨୦୧୮ରୁ ୨୦୨୦ ମଧ୍ୟରେ ସେ ଏହି ସବୁ ଗାଡ଼ି କିଣିଛନ୍ତି । ଏହା ମଧ୍ୟରେ ରହିଛି ଗୋଟିଏ ସୌଖୀନ ମର୍ସିଡିସ୍ ବେଞ୍ଜ୍ କାର୍ । ଏହି ମର୍ସିଡିସ୍ ବେଞ୍ଜ କାର୍‌ର ମୂଲ୍ୟ ୧ କୋଟି ୯୬ ଲକ୍ଷ ଟଙ୍କା । ଅନ୍ୟ ଗାଡ଼ିମାନଙ୍କ ଭିତରେ ରହିଛି ଅନେକ ଟ୍ରକ ଓ ବାଣିଜ୍ୟିକ ଗାଡ଼ି । ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଂପତ୍ତିର ମୂଲ୍ୟ ୧୦ କୋଟି ୩୫ ଲକ୍ଷ ୨୯ ହଜାର ୯୧୧ ଟଙ୍କା । ସେହିପରି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂପତ୍ତିର ମୂଲ୍ୟ ୮ କୋଟି ୩୪ ଲକ୍ଷ ୪୮ ହଜାର ୯୯୪ ଟଙ୍କା । ଆଉ କେଉଁ ମନ୍ତ୍ରୀଙ୍କର କେତେ ସଂପତ୍ତି ଅଛି ଜାଣନ୍ତୁ । ତୁଷାରକାନ୍ତି ବେହେରା– ୩୨ ଲକ୍ଷ ୩୩ ହଜାର ୪୭୧ ଟଙ୍କା, ସୁଶାନ୍ତ ସିଂହ- ୪ କୋଟି ୯୩ ଲକ୍ଷ ୯୪ ହଜାର ୬୪୪ ଟଙ୍କା, ସୁଦାମ ମାର୍ଣ୍ଡି– ୨ କୋଟି ୬୧ ଲକ୍ଷ ୧୮ ହଜାର ୨୬ ଟଙ୍କା, ବିକ୍ରମ ଆରୁଖ- ୪ କୋଟି ୭୮ ଲକ୍ଷ ୪୭ ହଜାର ୪୭୧ଟଙ୍କା, ଦିବ୍ୟଶଙ୍କର ମିଶ୍ର– ୭ କୋଟି ୩୧ ଲକ୍ଷ ୭୬ ହଜାର ୪୦୮ ଟଙ୍କା, ନିରଞ୍ଜନ ପୂଜାରୀ- ୪ କୋଟି ୩୪ ଲକ୍ଷ ୬୫ ହଜାର ୩୦୮ଟଙ୍କା, ସମୀର ଦାଶ– ୨ କୋଟି ୨୩ ଲକ୍ଷ ୭୫, ୭୬୧ ଟଙ୍କା, ପ୍ରଫୁଲ୍ଲ ମଲ୍ଲିକ- ୩୯ ଲକ୍ଷ ୨୮, ୮୩୧ ଟଙ୍କା ।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ....

ଏହାସହ ଅନୁଗୁଳ ତଥା ତାଳଚେରବାସୀଙ୍କ ସମ୍ପନ୍ନ ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଅନୁଗୁଳ ତଥା ତାଳଚେରରେ ଯୁବକଙ୍କ ରୋଜଗାର ଓ ସ୍ୱରୋଜଗାରକୁ ବଢ଼ାଇବା ପାଇଁ ଉଦ୍ୟମ କରାଯିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲା ଓଡ଼ିଶା ଅର୍ଥନୀତିର ପେଣ୍ଟସ୍ଥଳି ହେବ ବୋଲି ସେ କହିଛନ୍ତି । ଅନୁଗୁଳରେ ବିଜେପିର ହାତମୁଠାକୁ ଅଧିକ ଟାଣ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବାର୍ତ୍ତାକୁ ଘରେ ଘରେ ପହଁଚାଇବା ସମେତ କାର୍ଯ୍ୟକର୍ତ୍ତାମାନେ ସାମାଜିକ ଓ ଲୋକଙ୍କ ସମସ୍ୟାକୁ ଉଠାଇବା ଦରକାର ।

## ମାଟିତଳେ ତେଲ ସନ୍ଧାନ....

ଗାଁର ଅଧିକାଂଶ ଲୋକେ କ୍ଷତିପୂରଣ ଦାବି କରି ସର୍ଭେ କରୁଥିବା କମ୍ପାନୀର ଗାଡି ଓ ଲୋକଙ୍କୁ ଅଟକ ରଖିବା ବେଳେ ପୁଲିସ କିଛି ଗାଡି ଓ ଲୋକଙ୍କୁ ଉଦ୍ଧାର କରିଛି । ଗ୍ରାମବାସୀ ଏବେ ବି ଗୋଟିଏ ବୋଲେରୋକୁ ଅଟକ ରଖିଛନ୍ତି । ଘଟଣା ସ୍ଥଳରେ କୋଣାର୍କ ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି । ଜନବସତି ଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ଏକାଧିକ ବ୍ଲାଷ୍ଟିଙ୍ଗ କରିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଘରୋଇ କମ୍ପାନୀର ପଦାଧିକାରୀମାନେ ଘଟଣା ସ୍ଥଳରୁ ଛୁ ମାରିଥିବା ବେଳେ କମ୍ପାନୀରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀ କ୍ଷୟକ୍ଷତି ଆକଳନ ପାଇଁ ଆସିଥିବା ବେଳେ ଗାଁ ଲୋକେ ତାଙ୍କୁ ଅଟକ ରଖିଛନ୍ତି ।

## ଗୋଟିଏ ଦିନରେ ୨୬୦....

ଆଜି ଚିହ୍ନଟ ହୋଇଥିବା ୨୬୦ ଜଣଙ୍କ ମଧ୍ୟରୁ ୧୫୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୧ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨ ଜଣ, ବରଗଡ଼ରୁ ୧୯ ଜଣ, ଭଦ୍ରକରୁ ୬, ବଲାଙ୍ଗୀରରୁ ୯ ଜଣ ରହିଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରୁ ୧୮ ଜଣ ଓ ଗଂଜାମ ଜିଲ୍ଲାର ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କନ୍ଧମାଳ ଜିଲ୍ଲାରୁ ୩, ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ କେନ୍ଦ୍ରାପଡ଼ାରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧୦, ଖୋର୍ଦ୍ଧାରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ତଥା ମାଲକାନଗିରିର ୧-୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଶ୍ରୀଅରବିନ୍ଦଙ୍କ ଦେହାଂଶର ୧୯ତମ ପ୍ରତିଷ୍ଠା ଓ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୦/୧ (ନିପ୍ର) : ଯୋଗୀ ଶ୍ରୀଅରବିନ୍ଦଙ୍କ ଦେହାଂଶ (ଶ୍ରୀତନୁ) ସ୍ମାରକର ୧୯ତମ ପ୍ରତିଷ୍ଠା ଦିବସ ଓ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ ଆଜି ରବିବାର ପାଳିତ ହୋଇ ଯାଇଛି । ସ୍ଥାନୀୟ ଯୋଗ ମନ୍ଦିରର ପରିସରରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ଶ୍ରୀଅରବିନ୍ଦ ଯୋଗ ମନ୍ଦିର ଟ୍ରଷ୍ଟ ସଭାପତି ଡ. ଲଳିତ ରଂଜନ ସେନାପତି ପୌରହିତ୍ୟ କରିଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗ, ଆଧ୍ୟାତ୍ମିକତା ତଥା ଦେହାଂଶର ମହତ୍ୱ ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଶ୍ରୀଅରବିନ୍ଦ ଦର୍ଶନର ରାଜ୍ୟ ସଂଗଠକ ତଥା ସାଧକ ଅନାଦି ଚରଣ ସ୍ୱାଇଁ ଶ୍ରୀଅରବିନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକ, ଚିନ୍ତା ଚେତନା ସଂପର୍କରେ ବହୁ ଉଦାହରଣ ଦେଇ ବାହ୍ୟଜଗତର ମୂଲ୍ୟବାନ ସୁନା-ହୀରା ଠାରୁ ଅର୍ନ୍ତଚେତନାର ପରମାତ୍ମା ଅଧିକ ଶକ୍ତିଶାଳୀ ଓ ଚେତନାଯୁକ୍ତ ବୋଲି କହିଥିଲେ । ଅସମ୍ମାନୀତ ଅତିଥିଭାବେ ମାତୃପ୍ରେମୀ ତଥା ସ୍ୱାଧିନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସେନାପତି ଓ କେଶବ ଚନ୍ଦ୍ର କର ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପନ ଫଳରେ ଜଳେଶ୍ୱର ମାଟି ଧନ୍ୟ ଓ ପୂତ-ପବିତ୍ର ହୋଇଥିବାର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ପ୍ରଧାନ, ଅରୋଲୀନା ସେନାପତି, ବକ୍ତବ୍ୟ ରଖିଥିବା ବେଳେ ଭାରତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଗାନ୍ଧୀ ସେବାଶ୍ରମ ସମ୍ମୁଖ ଏହି ଯୋଗ ମନ୍ଦିରର ଆଜିର ଉତ୍ସବକୁ ସିତାଂଶୁ ସେନାପତି, ସରୋଜ ସେନାପତି ଡ. ପ୍ରଫୁଲ୍ଲ କୁମାର ଦେ, ସୁଧିର କର, ରାଜୀବ କର, ଗଂଗାନାରାୟଣ ପ୍ରଧାନ, ରଶ୍ମିତା ଗିରି, ଜ୍ୟୋତିଶ ଚନ୍ଦ୍ର କର, ଅଶୋକ କୁମାର ଜେନା, ରାଜକୁମାର ମଣ୍ଡଳ, ମାନିକ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସାମ୍ବାଦିକ ହରିଶ ସ'ଙ୍କ ଶୋକସଭା



ଖଇରା,୧୦।୦୧(ନିପ୍ର) ସିମୁଳିଆରେ କାର୍ଯ୍ୟରତ ସାମ୍ବାଦିକ ହରିଶ ଚନ୍ଦ୍ର ସ(୬୫)ଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ଏକ ଶୋକସଭା ଖଇରା ସାମ୍ବାଦିକଙ୍କ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ପଦ୍ମଲୋଚନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା,ଦୟାନିଧି ମହାପାତ୍ର, ଆଲୋକମୟ ପଣ୍ଡା, ଧନଞ୍ଜୟ ପଣ୍ଡା, ବଳରାମ ପଣ୍ଡା ସମେତ ବହୁ ଖବରଦାତା ଯୋଗ ଦେଇ ସ୍ୱର୍ଗତ ସଙ୍କର ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲୋ କରୋନାରେ ସଂକ୍ରମିତ ଥିବା ସଙ୍କୁ ସରକାର ସହାୟତା ଦେବାକୁ ଦାବୀ କରାଯାଇଛି ।

# ରାଜ୍ୟ ଉଠା ଜଳସେଚନ ବିଭାଗର ଅଧ୍ୟକ୍ଷ ଅମରେଶ ପତ୍ରୀଙ୍କୁ ନୀଳଗିରି ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ



ନୀଳଗିରି,୧୦।୦୧ (ନି.ପ୍ର): ରାଜ୍ୟ ଉଠା ଜଳସେଚନ ବିଭାଗର ଅଧ୍ୟକ୍ଷ ତଥା ଉଦଳା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅମରେଶ ପତ୍ରୀଙ୍କୁ ନୀଳଗିରି ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଉଦଳା ଗ୍ରସ୍ତ ରେ ଯାଉଥିବା ବେଳେ ନୀଳଗିରି ବିଜେଡି କାର୍ଯ୍ୟାଳୟ ପରିସରରେ ନୀଳଗିରିର ବିଜେଡି ଦଳର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଯୁବ ନେତା ସଂଜୟ କୁମାର ଭୋଳ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବହୁ ଯୁବ ନେତୃମଣ୍ଡଳୀ, ଛାତ୍ରନେତା, କୋଡିନେଟର ମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ ।

# ଚୋରାବାଲି ଚାଲାଣ : ୮୦ହଜାର ଟଙ୍କା ଜୋରିମାନା ଆଦାୟ



ଜଳେଶ୍ୱର, ୧୦/୧ (ନିପ୍ର) : ଜଳେଶ୍ୱର ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଚୋରା ମାଟି ଓ ବାଲି ବିନା ରୟାଲିଟିରେ ଚାଲାଣ ହୋଇ ଆସୁଛି । ଏ ସଂପର୍କରେ ଖବର ଜଣାଯିବାପରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରମ ହେମ୍ବ୍ରମ, ନାମ୍ପୋ ଆର୍‌ଆଇ, ଜଳେଶ୍ୱର ଆର୍‌ଆଇ ମାନସ ବେହେରା, ଓଲମରା ଆର୍‌ଆଇ ସହିତ ଏନ୍‌ଫୋର୍ସମେଣ୍ଟ ଟିମ୍‌ଙ୍କ ସହଯୋଗରେ ଚଢାଉ କରାଯାଇଥିଲା । ରାଇବଣିଆ ଥାନାର ମକରମପୁର ଓ ୬୦ନଂ ଜାତୀୟ ରାଜପଥରୁ ଡମ୍ପର ନଂ ଓଡି୦୧ଏଏ ୪୨୬୮, ଓଡି୦୧ଏସି୨୪୬୮, ଓଡି୦୧ଏମ୍୨୩୨୩, ଓଡି୦୧ସି୬୭୭୮ ସହିତ ଦୁଇଟି ନମ୍ବର ବିହିନ ଟ୍ରାକ୍ଟରକୁ ଜବତ୍ କରାଯାଇଛି । ସେମାନଙ୍କଠାରୁ ମୋଟ ୮୦ହଜାର ଜୋରିମାନା ହୋଇଥିବା ଜଣାଯାଇଛି ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ

ଭୁବନେଶ୍ୱର,୧୦।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ କରିଥିବା ବେଳେ ୭୯୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୯୨,୭୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ମନ୍ଦାରୀ ଉଚ୍ଚ ବିଦ୍ୟାଳୟର ୧୯୯୧ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ



ବାସୁଦେବପୁର,୧୦।୦୧ (ନି.ପ୍ର): ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ମନ୍ଦାରୀ ଉଚ୍ଚ ବିଦ୍ୟାଳୟର ୧୯୯୧ ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀଙ୍କ ଐତିହାସିକ ବନ୍ଧୁମିଳନ ଉତ୍ସବ, ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବ ଆୟୋଜନ କରାଯାଇଥିଲା ଓ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ଏହି ଉତ୍ସବରେ ପୁରାତନ ଛାତ୍ର ସଂସଦର ଆବାହକ ତଥା ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ବିଶିଷ୍ଟ ସାହିତ୍ୟିକ ତଥା କବି ଓ ଅନୁବାଦକ ଅଭିମନ୍ୟୁ ବେହେରା । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ତଥା କବି ଓ ପ୍ରାବନ୍ଧିକ ସୁଧାଂଶୁ ଶେଖର ମିଶ୍ର । ବର୍ତ୍ତମାନ ସମାଜରେ ଅନେକ ଲୋକମାନଙ୍କ ପାଖରେ ଅର୍ଥ ରହିଛି କିନ୍ତୁ ଭଲ ମଣିଷର ଅଭାବ ଦେଖାଯାଇଛି । ଆମର ଛାତ୍ରଛାତ୍ରୀ ମାନେ ବଡମଣିଷ ହେବା ଅପେକ୍ଷା ଭଲମଣିଷ ହେବା ଆବଶ୍ୟକ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ହିଁ ଅଧିକ ଗୁରତ୍ୱପୂର୍ଣ୍ଣ । ଜାତିର ଜନକ ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ନେତାଜୀ ସୁଭାଷଚନ୍ଦ୍ରବୋଷ, ଉତ୍କଳମଣୀ ଗୋପବନ୍ଧୁ, ଶିକ୍ଷାବିତ୍ ପ୍ରଫେସର ଶତୃଘ୍ନନାଥ, ଶିକ୍ଷାବିତ୍ ଓ କବି ବଙ୍କିମଚନ୍ଦ୍ର ମହାରଣା ପ୍ରମୁଖଙ୍କ ଆଦର୍ଶରେ ଆମେମାନେ ଅନୁପ୍ରାଣୀତ ହୋଇ ବାଟ ଚାଲିଲେ ସମାଜରେ ଉତ୍ତମ ପ୍ରଭାବ ପଡିବ ବୋଲି ଅତିଥି ବନ୍ଧୁ ଓ ସମ୍ବର୍ଦ୍ଧିତ ଗୁରୁଜୀ ବନ୍ଧୁ ମତ ପ୍ରକାଶ କରିଥିଲେ । ଶିକ୍ଷାନୁଷ୍ଠାନରେ ଗୁରୁଜୀ ଗୁରୁମା ଓ ନିଜର ପିତାମାତା ଗୁରୁଜନମାନଙ୍କୁ ସର୍ବଦା ପ୍ରଣାମ କରିବା ଉଚିତ୍ । ୧୯୮୧ ରୁ ୧୯୯୧ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଏହି ସଭାରେ ଯୋଗଦେଇଥିଲେ । ୧୫ ଜଣ ଅବସରପ୍ରାପ୍ତ ଓ ଦୁଇଜଣ କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଅଭିମନ୍ୟୁ ବେହେରା ଓ କବି ସୁଧାଂଶୁ ଶେଖର ମିଶ୍ରଙ୍କୁ ଏହିଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ପୁରାତନ ଛାତ୍ର ଆଦର୍ଶ ଶିକ୍ଷକ ପ୍ରଶାନ୍ତ କୁମାର ବାରିକ ଏହି ଉତ୍ସବରେ ସୁନ୍ଦର ଭାଷା ଓ ଶବ୍ଦ ମାଧ୍ୟମରେ ମଞ୍ଚ ସଂଯୋଜନା କରିଥିଲେ । ଫିନିକ୍ସ ଉଚ୍ଚ ବିଦ୍ୟାଳୟର ସଂପାଦକ ଅଧାପକ ଚନ୍ଦ୍ର ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଦାଶରଥି ପାଢୀଙ୍କ ପ୍ରଥମ ବାର୍ଷିକରେ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତି ସମାରୋହ ସ୍ମରଣ ସଭା



ଧାମନଗର,୧୦।୦୧ (ନି.ପ୍ର): ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ, ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଦାଶରଥି ପାଢୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ । ସ୍ୱର୍ଗତ ପାଢୀଙ୍କ ଅସୁରାଳି ସ୍ଥିତ ବାସଭବନ ପରିସରରେ ସ୍ମୃତି କମିଟିର ସଭାପତି ନାରାୟଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଥିଲା । ସ୍ମୃତି କମିଟିର ସମ୍ପାଦକ ବୈକୁଣ୍ଠନାଥ ସାହୁ ସଭା ସଂଚାଳନ କରିଥିବା ସହ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିଲେ । ସ୍ୱର୍ଗତ ପାଢୀଙ୍କ ସାନଭାଇ ବରିଷ୍ଠ ସମିତିସଭ୍ୟ ହରେକୃଷ୍ଣ ପାଢୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପ୍ରଧାନଶିକ୍ଷକ ହେମେନ୍ଦ୍ରନାଥ ମହାନ୍ତି ଅତିଥିପରିଚୟ ପ୍ରଦାନ କରିଥିଲେ । କଳାକାର କାଳନ୍ଦୀ ମଲ୍ଲିକ ବେଦପାଠ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପାଢୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ସ୍ୱର୍ଗତ ଅମର ଆତ୍ମାର ସମ୍ମାନାର୍ଥେ ୨ମିନିଟ୍ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ସ୍ମୃତି ସମାରୋହରେ ଭଦ୍ରକ ଲୋକସଭା ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ମଙ୍ଗରାଜ ମଲ୍ଲିକ, ପୂର୍ବତନ ବିଧାୟକ ବିଜୟ ନାୟକ, ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ଜିଲ୍ଲାପରିଷଦ ସଭ୍ୟା ଉମାମଣୀ ସାହୁ, ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସରପଞ୍ଚ ରାଜେନ୍ଦ୍ର ସାହୁ, ସୁକାନ୍ତି ମିଶ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ମଳୟ ଜେନା, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଜିଲ୍ଲା ବିଜୁ ସ୍ମୃତିକମିଟି ସଭାପତି ଅମିତାବାଳା ଆଗ୍ରର୍ଯ୍ୟ, ଧାମନଗର ବ୍ଲକ ବିଜେଡ଼ି ସଭାପତି ଉମେଶଚନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ସୁରତୀ ନାୟକ, ନଗର ସଭାପତି ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢୀଙ୍କ ଗୁଣାବଳି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ବ୍ଲକସଭାପତି ଭାରତବିଜୟ ଦଳାଇ, ପୂର୍ବତନ ସମିତିସଭ୍ୟ ବିଦ୍ୟାଧର ରାଉତ, ସମାଜସେବୀ ହେମେନ୍ଦ୍ର ସାହୁ, ସହଦେବ ସାହୁ, ଅଧାପକ ବିଜୟ ଦାସ, ସେବାନିବୃତ ପ୍ରଧାନ ଶିକ୍ଷକ ଜଗନ୍ନାଥ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଶରତଚନ୍ଦ୍ର ମହାନ୍ତି, ବିଜେଡ଼ି ନେତା ଏମ୍‌ଡ଼ି ହବିବୁର ରହେମାନ୍, ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ପଣ୍ଡା, ଭାନୁପ୍ରକାଶ ପଲାଇ, କାନ୍ତସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢୀଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ବରେଣ୍ୟ ଅତିଥି ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁ ସେଠୀଙ୍କ ଦ୍ୱାରା ଦିବଙ୍ଗତ ନେତା ସ୍ୱର୍ଗତ ଦାଶରଥି ପାଢୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା । ଶେଷରେ ସ୍ୱର୍ଗତ ପାଢୀଙ୍କ ପୁତ୍ର ସୁଧାଂଶୁଶେଖର ପାଢୀ କୃତଜ୍ଞତା ଜ୍ଞାପନ କରିଥିଲେ । ସ୍ମୃତି କମିଟିର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଯୁକ୍ତ ୩ ସ୍ୱଟ୍ ନାମଲେଖା ମହାବିଦ୍ୟାଳୟ ସ୍ତରରେ କରିବାକୁ ଦାବି

ବାରିପଦା,୧୦।୦୧ (ନି.ପ୍ର): ମୟୂରଭଞ୍ଜ ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ବହୁଳ ଜିଲ୍ଲା । ମହାମାରୀ କରୋନା କଟକଣା ଯୋଗୁଁ ସମସ୍ତ ଛାତ୍ରଛାତ୍ରୀମାନେ ନିଜନିଜ ଗ୍ରାମରେ ରହୁଛନ୍ତି । ଦ୍ୱିତୀୟ ଥର +୩ ନାମଲେଖା ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଯେଉଁ ସୁଯୋଗ ଦେଲେ ତାହା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଜାଣି ପାରିଲେ ନାହିଁ । ତେଣୁ ଦ୍ୱିତୀୟ ଥର ନାମଲେଖା ପରେ ମହାବିଦ୍ୟାଳୟ ସ୍ତରୀୟ ସ୍ୱଟ ଆଡମିସନ ସୁଯୋଗ ଦେବାର ଆବଶ୍ୟକତା ଅଛି । ତେଣୁ ରାଜ୍ୟ ସରକାର ୧୫ ଦିନ ପାଇଁ ମହାବିଦ୍ୟାଳୟ ସ୍ତରୀୟ ଅଫ୍ ଲାଇନ ସ୍ୱଟ ଆଡମିସନର ସୁଯୋଗ ଦିଅନ୍ତୁ ଯେଉଁଥିରେ ମହାବିଦ୍ୟାଳୟମାନେ ଖାଲିଥିବାସ୍ଥାନରେ ଛାତ୍ରଛାତ୍ରୀମାନଙ୍କ ଚୟନ କରି ଇ-ସ୍ପେସ୍‌ରେ ତଥ୍ୟ ଅପଲୋଡ କରିବେ ଏବଂ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ପଇସା ଦାଖଲ କରି ଆଡମିସନ ନେବେ, ତାହା ହେଲେ ପାଠ ପଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାର ସୁଯୋଗ ପାଇପାରିବେ ଏବଂ ମହାବିଦ୍ୟାଳୟମାନଙ୍କର ଖାଲି ସିଟ୍ ପୂରଣ ହୋଇ ପାରିବ ବୋଲି ରାଜ୍ୟ ସରକାରଙ୍କର ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ମତ ପ୍ରକାଶ କରିଛନ୍ତି । ଦ୍ୱିତୀୟ ଥର ଆଡମିସନ ନିମନ୍ତେ କୌଣସି ବିଜ୍ଞାପନ ଖବର କାଗଜରେ ପ୍ରକାଶିତ ହୋଇ ନ ଥିଲା ଏବଂ ପ୍ରଥମ ଥର ସ୍ୱଟ ଆଡମିସନର ବ୍ୟବସ୍ଥା ଠିକ୍ ନ ଥିବାରୁ କିଛି ଛାତ୍ରଛାତ୍ରୀ ଏକାଧିକ ମହାବିଦ୍ୟାଳୟରେ ଚୟନ ହୋଇପାରିଥିବା ବେଳେ କିଛି ଛାତ୍ରଛାତ୍ରୀ ନିର୍ଦ୍ଦିଷ୍ଟ ସମ୍ମାନରେ ନିର୍ଦ୍ଦିଷ୍ଟ ମହାବିଦ୍ୟାଳୟରେ ଆବେଦନ ମଧ୍ୟ କରି ପାରି ନ ଥିଲେ । ରାଜ୍ୟ ସରକାର ମହାବିଦ୍ୟାଳୟ ସ୍ତରୀୟ ଅଫ୍ ଲାଇନ ସ୍ୱଟ ଆଡମିସନ ପାଇଁ ସୁଯୋଗ ଦେଉଥିବା ବେଳେ ଅଧିକ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ମାନଙ୍କରେ ଆଡମିସନ ନେଉଥିଲେ । କିନ୍ତୁ ରାଜ୍ୟ ସରକାର ସେଣ୍ଟ୍ରାଲାଇଜଡ କରିବା ଫଳରେ ମହାବିଦ୍ୟାଳୟ ମାନଙ୍କରେ ସିଟ୍ ଫାଙ୍କା ରହୁଛି । ସେହିପରି ପି.ଜି. ଆଡମିସନରେ ମଧ୍ୟ ସମାନ ବ୍ୟବସ୍ଥା ଦେଖିବାକୁ ମିଳୁଛି । ବିଶ୍ୱବିଦ୍ୟାଳୟରେ ମଧ୍ୟ ସିଟ୍ ଖାଲି ପଡ଼ିଛି । ତେଣୁ ରାଜ୍ୟ ସରକାର +୩ ଏବଂ ପି.ଜି. ଅଫ୍ ଲାଇନ ସ୍ୱଟ ଆଡମିସନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କରାଇବାକୁ ପୂର୍ବତନ ରାଜ୍ୟସଭା ସାଂସଦ ଓ ପୂର୍ବତନ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦାବୀ କରିଛନ୍ତି ।

# କୁଲଡିହା ହାତୀଙ୍କ ଦୌରାତ୍ମ୍ୟ : ଭାଙ୍ଗିଲେ ଘର, ଜଣେ ଗୁରୁତର, ଜଣେ ଆହତ



ନୀଳଗିରି,୧୦।୦୧ (ନି.ପ୍ର): ଅଧିକାଂଶ ସମୟରେ କୁଲଡିହା ହାତୀଙ୍କ ଉତ୍ପାତ ଯୋଗୁଁ ବନାଂଚଳବାସୀମାନେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଶନିବାର ବିଳମ୍ବିତ ରାତିରେ କୁଲଡିହା ହାତୀ ଗାଁକୁ ପଶି ଏକ ଘରକୁ ସଂପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ଜଣକୁ ଗୁରୁତର ଓ ଜଣକୁ ଆହତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ବାଉଁଶବଣିଆ ପଂଚାୟତର ଜୁଣିଆ ଗ୍ରାମର ନାଗେନ୍ଦ୍ର ଦଳେଇ ନିଜ ଅଗଣାରେ ଧାନ ରଖିଥିବା ବେଳେ ରାତି ପ୍ରାୟ ୧ଟା ସମୟରେ କୁଲଡିହା ହାତୀ ପ୍ରବେଶ କରି ଧାନ ଖାଇବା ସହ ନଡ୍ଡାରେ ଶୋଇଥିବା ବେଳେ ନାଗେନ୍ଦ୍ର ଦଳେଇ (୬୦) ର ଘରକୁ ସଂପୂର୍ଣ୍ଣ ଭାଙ୍ଗି ପକାଇବାରୁ କାନ୍ଥ ପଡ଼ି ନାଗେନ୍ଦ୍ର ଗୁରୁତର ହୋଇଥିବା ବେଳେ ସ୍ତ୍ରୀ କଟି ଆହତ ହୋଇଛନ୍ତି । ପରିବାର ଲୋକେ ସଂଗେ ସଂଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଚିକିତ୍ସିତ କରିଥିବା ଜଣାପଡ଼ିଛି । ଖବର ପାଇ କୁଲଡିହା ରେଞ୍ଜର ବିଜୟ ମହାପାତ୍ର ମେଡିକାଲରେ ପହଂଚିଥିଲେ । ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଅଂଚଳବାସୀ ଦାବୀ କରିଛନ୍ତି ।

## ନେତାଜୀ ଜୟନ୍ତୀ କେନ୍ଦ୍ରୀୟ କମିଟିରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୦୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ୮୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଏହି କମିଟି ବର୍ଷବ୍ୟାପୀ ଆୟୋଜିତ ହେବାକୁ ଥିବା ଉତ୍ସବର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ ।

# ନିର୍ଭୟା ଯୋଜନାରେ ଭଦ୍ରକ ପୁଲିସକୁ ୧୪ ଗାଡି




ଭଦ୍ରକ,୧୦।୦୧ (ନି.ପ୍ର): ମହିଳାମାନଙ୍କୁ ସୁରକ୍ଷା ଯୋଗାଇଦେବା ଉପରେ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ଏଥିଲାଗି ସରକାର ବହୁ ଯୋଜନା ପ୍ରଣୟନ କରୁଛନ୍ତି । ଏହି ଯୋଜନାମାନଙ୍କ ମଧ୍ୟରେ ନିର୍ଭୟା ଯୋଜନା ଅନ୍ୟତମ । ରାସ୍ତାରେ ଯାତାୟାତ କରୁଥିବା କୌଣସି ମହିଳା, ଯୁବତୀ ଯଦି ନିଜକୁ ଅସୁରକ୍ଷିତ ମଣନ୍ତି, ତେବେ ସହାୟତା ପାଇଁ ପୁଲିସକୁ ଫୋନ କଲେ ତୁରନ୍ତ ଜଣେ ମହିଳା ପୁଲିସ ପହଞ୍ଚିବେ । ପୁଲିସ ତୁରନ୍ତ ପୀଡ଼ିତା ବା ଅସହାୟାଙ୍କ ପାଖରେ ସ୍କୁଟି (ମହିଳା ଚଲାଇବା ପାଇଁ ଉଦ୍ଦିଷ୍ଟ) ଧରି ପହଞ୍ଚିବେ ଏବଂ ତାଙ୍କୁ ସହାୟତା ଯୋଗାଇବେ । ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ୫୦୦ଟି ପ୍ଲେଜର ସ୍କୁଟି ବିଭିନ୍ନ ଜିଲ୍ଲାକୁ ଯୋଗାଣ କରାଯାଇଛି । ଭଦ୍ରକକୁ ଆସିଥିବା ୧୪ଗୋଟି ଗାଡିକୁ ସଂଜିବ ହିରୋର ମ୍ୟାନେଜିଂ ପାର୍ଟନର ପ୍ରୀତିରଂଜନ ଜେନା ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଭଦ୍ରକ ଏସପି ସି.ଏସ. ମୀନାଙ୍କୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଏସ୍‌ପି ମୀନା ସୂଚନା ଦେଇ କହିଥିଲେ କି ବର୍ତ୍ତମାନ ପ୍ରତି ଥାନାକୁ ଏହି ଗାଡି ଯୋଗାଇ ଦିଆଯିବ ଏବଂ ଜଣେ ମହିଳା ପୁଲିସ ତାଲିମ ପ୍ରାପ୍ତ ହୋଇ ମହିଳାଙ୍କୁ ସହାୟତା ଯୋଗାଇବାକୁ ପ୍ରସ୍ତୁତ ରହିବେ । ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀଯୁକ୍ତ ଜେନା କହିଥିଲେ କି ହିରୋ ମୋଟୋକର୍ପ ଦେଶର ସର୍ବ ବୃହତ ମୋଟରସାଇକେଲ ନିର୍ମାତା କମ୍ପାନୀ । ରାଜ୍ୟ ସରକାର ଏହି କମ୍ପାନୀର ଗାଡି ଉପରେ ଭରସା ପ୍ରକଟ କରି ମହିଳାମାନଙ୍କ ସୁରକ୍ଷା କାର୍ଯ୍ୟରେ ପ୍ଲେଜର ଗାଡିକୁ ନିୟୋଜିତ କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ରାଜ୍ୟର ନବୀନ ସରକାର ମହିଳମାନଙ୍କ ପାଇଁ କରିଥିବା ଏହି ଯୋଜନା ମାଆ ଭଉଣୀଙ୍କୁ ସାହସ ଯୋଗାଇବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜିବ ହିରୋର ଲିଗାଲ ଆଡଭାଇଜର ଅତିଶ କୁମାର ବେହେରା ଉପସ୍ଥିତ ଥିଲେ ।

# କଂଗ୍ରେସର ବଂଧୁମିଳନ ଓ ମିଶ୍ରଣ ପର୍ବ

ଜଳେଶ୍ୱର, ୧୦/୧ (ନିପ୍ର) : ଆଜି ରବିବାର ପୂର୍ବାହ୍ନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବଂଧୁମିଳନ ଓ ମିଶ୍ରଣ ପର୍ବ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଚମାରଗାଁ ପଂଚାୟତର ଚମାରଗାଁଠାରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ବିଧାୟକ ଦଳ ନେତା ତଥା ବାଲେଶ୍ୱର ପ୍ରଭାରୀ ତାରାବହିନୀ ପତି ଯୋଗ ଦେଇ ସାଂପ୍ରତିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହିତ ଏବେ ଚାଲୁଥିବା ସମସ୍ତ ଯୋଜନା କଂଗ୍ରେସ ଶାସନ ସମୟରେ ଆରମ୍ଭ ହୋଇଥିବା କହିଥିଲେ । ବିଜେଡି, ବିଜେପି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ କହି ଉଭୟ ଦଳକୁ ଆକ୍ଷେପ କରି ଗର୍ଜିଥିଲେ । କଂଗ୍ରେସ କର୍ମୀମାନଙ୍କୁ ଏକତ୍ରୀତ ହୋଇ ତୃଣମୂଳ ସ୍ତରକୁ ମଜବୁତ୍ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଜିଲା କଂଗ୍ରେସ ସଭାପତି ସଂଜିବ ଗିରି ସଭାପତିତ୍ୱ କରି ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ବାଲେଶ୍ୱର ସାଂସଦ ଭାବେ ପ୍ରତିଦ୍ୱନ୍ଦିତ କରୁଥିବା ନବଜ୍ୟୋତି ପଟ୍ଟନାୟକ, ବସ୍ତା ର ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ, ଯୁବକଂଗ୍ରେସର ସୁଧାଂସୁ ଜେନା, ଭୋଗରାଇର କଂଗ୍ରେସ ନେତା ତଥା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ସହିତ ଟାଉନ୍ ସଭାପତି ରିଆଜ ଖାଁ, ପୂର୍ଣ୍ଣ ମହାନ୍ତି, ନରୋତ୍ତମ ପ୍ରଧାନ, ଅଜିତ୍ ଜେନା, ମଧୁ ସୂଦନ ଗାନ୍ଧି ପ୍ରମୁଖ 'ହକ୍ ପାଇଁ ଲଡେଇ' ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ମିଶ୍ରଣ ପର୍ବରେ ନଛିମପୁର ପଂଚାୟତର ପୂର୍ବତନ ସରପଂଚ ସୁଦାମ ପାତ୍ର ଏବଂ ଆକାଶ ଜେନା, ସୁଜିତ୍ ଜେନା, ଅଭିରାମ ସେଠୀ, ଏସ୍‌କେ କମିରୁଦ୍ଦିନ, ରମାକାନ୍ତ ଜେନା, ଗୌରାଙ୍ଗ ମହାପାତ୍ର, ଶୁଶାନ୍ତ ସେଠୀଙ୍କ ସହିତ ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇର ବହୁ ଅନ୍ୟଦଳର କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି ।

# ରାସ୍ତା କଡରେ ପଡିଛି କ୍ଷତ ବିକ୍ଷତ ଅଚିହ୍ନା ଯୁବକଙ୍କର ମୃତ ଦେହ



ଖଇରା,୧୦/୧(ନିପ୍ର) କୁପାରୀ ରାଣିତାଲ ରାସ୍ତାର ତେନ୍ତୁଳିଆ ପଦା ନିକଟରେ ଯୁବକଙ୍କର କ୍ଷତ ବିକ୍ଷତ ମୃତ ଦେହ ରାସ୍ତା କଡରେ ପଡିରହିଛି । ରାସ୍ତା କଡରେ ମୃତ ଦେହ ପଡିବା ଦେଖି ସ୍ଥାନୀୟ ଲୋକେ ସିମୁଳିଆ ଥାନାକୁ ଖବର ଦେଇଥିଲେ । ମୃତ ଯୁବକର ଗୋଡ,ଜଙ୍ଘ ,ମୁଣ୍ଡ ଓ ମୁହଁ ମାଡ ହୋଇଥିବାର ଦେଖିବାକୁ ମିଳିଛି । କ୍ଷତ ବିକ୍ଷତ ଯୁବକଙ୍କର ମୃତ ଦେହ ପରିଚୟ ମିଳିପାରିନଥିବାବେଳେ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମଧ୍ୟାନ ପରେ ମୃତ ଦେହ ପଡିଥିବାର ଅନୁମାନ କରାଯାଉଥିଲେବେଳେ ଯୁବକଙ୍କର ମୃତ ଦେହ କ୍ଷତ ବିକ୍ଷତ ଅବସ୍ଥାରେ ପଡିବା ତାଙ୍କୁ କେହି ମାରିଦେଇ ରାସ୍ତାକଡରେ ଫିଙ୍ଗି ଦେଇଥିବାର ଅନୁମାନ କରାଯାଉଛି ।

# ୧୦ମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ରବିବାରରେ ଶିକ୍ଷାଦାନ : ଛୁଟିଦିନରେ ବି ଶ୍ରେଣୀ କାର୍ଯ୍ୟ

ଜଳେଶ୍ୱର, ୧୦/୧ (ନିପ୍ର) : ଜାନୁଆରୀ ୮ ତାରିଖରୁ ଅପ୍ରେଲ ୨୬ ତାରିଖ ଯାଏ ୧୦୦ ଦିନର ଶ୍ରେଣୀ କାର୍ଯ୍ୟପାଇଁ ସରକାର ସିଦ୍ଧାନ୍ତ ନେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଜୁନିଅର କଲେଜ ଅଧ୍ୟକ୍ଷମାନଙ୍କୁ ଜଣାଇଛନ୍ତି । ଏହି ସମୟସୀମା ମଧ୍ୟରେ ରବିବାରକୁ ଧରି ୯୮ଦିନ ଥିବା ବେଳେ ୧୧ଦିନ ଜାତୀୟ ଛୁଟିଦିନ ରହିଛି । ଜଳେଶ୍ୱର ବ୍ଲକର ୬୭ ଉଚ୍ଚ ବିଦ୍ୟାଳୟର ୩୨୩୪ଜଣ ଛାତ୍ରଛାତ୍ରୀ ଓ ୭ଟି ଜୁନିୟର କଲେଜର ୨୪୫୧ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବାକୁ ଥିବା ବେଳେ ଆଜି ରବିବାର ମଧ୍ୟ ଶ୍ରେଣୀ କାର୍ଯ୍ୟ ହୋଇଛି । ଶ୍ରେଣୀକାର୍ଯ୍ୟ ସଂପର୍କରେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ବାଲେଶ୍ୱର ଜିଲାରେ କାର୍ଯ୍ୟକରୁଥିବା ଖଗେନ୍ଦ୍ର ପାଢୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ଶିକ୍ଷାଦାନ ଲାଗି ୯୮ଦିନ ଥିବାରୁ ଜାତୀୟ ଛୁଟି ଦିନରୁ ୨ଦିନ ଶ୍ରେଣୀ କାର୍ଯ୍ୟ ତୁଲାଇବାଲାଗି ସ୍ଥିର କରାଯାଇଥିବାର ଓଷ୍ଟାର ବାଲେଶ୍ୱର ଜିଲା ସଂପାଦକ ମନୋରଂଜନ ଦାସ ଜଣାଇଛନ୍ତି ।

# ସଦର ହସପିଟାଲରେ ନୂତନ ଭେଣ୍ଟିଲେଟର ଉଦ୍‌ଘାଟିତ



ବାଲେଶ୍ୱର,୧୦।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭେଣ୍ଟିଲେଟର ବ୍ୟବସ୍ଥା ରବିବାର ଦିନ ଉଦ୍‌ଘାଟିତ ହୋଇଥିଲା । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିବା ସହ ରୋଗୀଙ୍କ ଜୀବନ ରକ୍ଷାରେ ଏହା ବେଶ୍ ସହାୟକ ହେବ ବୋଲି କହିଥିଲେ । ରୋଗୀଙ୍କ ଅବେଶ୍ୟକ ଅନୁସାରେ ବାଲେଶ୍ୱର ଡାକ୍ତରଖାନାରେ ପୂର୍ବରୁ ଥିବା ଭେଣ୍ଟିଲେଟର ପର୍ଯ୍ୟାପ୍ତ ନଥିବା ବେଳେ ସାଂସଦ ଅନୁଦାନ ପାଣ୍ଠିରୁ ୨୦ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିବା ସେ ସୂଚନା ଦେଇଥିଲେ । ଏଥି ସହିତ ଭେଣ୍ଟିଲେଟର ଥିବା ଆମ୍ବୁଲାନ୍ସ ପାଇଁ ବି ସେ ବ୍ୟବସ୍ଥା କରିଥିବା ବେଳେ ଆଗାମୀ ଦିନରେ ତାହା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯିବ । ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ୍ ଜଗଦେବଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ତେବେ ଦିନକୁ ଦିନ ଡାକ୍ତରଖାନାରେ ହେଉଥିବା ଚୋରୀକୁ ନେଇ ରୋଗୀ ପରିବାରଙ୍କଠାରୁ ଅଭିଯୋଗ ପାଇ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିଥିଲେ । ସିକ୍ୟୁରିଟି ଦାୟିତ୍ୱ ନେଇଥିବା ଠିକାଦାରଙ୍କୁ କାର୍ଯ୍ୟରୁ ଅନ୍ତର ସହ ନୂତନ ଠିକାଦାର ନିଯୁକ୍ତ ପାଇଁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରୋଗୀ ପରିବାରଙ୍କର ଚୋରୀ ହୋଇଥିବା ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟର ଅର୍ଥ ଠିକାଦାରଙ୍କ ପ୍ରାପ୍ୟରୁ କାଟ କରିବାକୁ ସେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ସେହିଭଳି ଡାକ୍ତରଖାନାରେ ଅଚଳଥିବା ସିସିକ୍ୟାମେରାକୁ କାର୍ଯ୍ୟକ୍ଷମ କରିବା ସହିତ ନୂତନ କ୍ୟାମେରା ଲଗାଇବାକୁ ସେ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ ।

# ଛଉ ନୃତ୍ୟର ପ୍ରଚାର ପ୍ରସାର ସକାଶେ ପ୍ରୋଜେକ୍ଟ ଛାଉଣୀର ଛଉ ତାଲିମ କର୍ମଶାଳା



ବାରିପଦା,୧୦।୦୧ (ନି.ପ୍ର): ମଣିଷ ଯେତେ ଆଧୁନିକ ସମାଜକୁ କୋଲେଇ ନଉଚି, ସେତେ ପୁରାତନ କଳା ସଂସ୍କୃତି ଠାରୁ ଦୂରେଇ ଯାଉଛି । ପୁରାତନ କଳା ସଂସ୍କୃତିକୁ ଜାବୁଡ଼ି ଧରି ଆଜିବି ମୟୁରଭଞ୍ଜ ଛଉ ନୃତ୍ୟ ସାରା ବିଶ୍ୱରେ ମୟୁରଭ ମାଟିକୁ ଏକ ସତନ୍ତ୍ର ପରିଚୟ ଦେଇଛି । ଏବେ ବି ସେ ବୀର ଦର୍ପର ମହୁରୀ ସ୍ୱର ବାଜିଲେ ଛଉ ନୃତ୍ୟାଙ୍ଗନାଙ୍କ ପାଦ ନାଚି ଉଠେ । କିନ୍ତୁ ଆଜିର ଯୁବ ପିଢିଙ୍କ ଠାରୁ ମୟୁରଭଞ୍ଜ ଏହି ପାରମ୍ପରିକ ନୃତ୍ୟ ଦୁରେଇ ଗଲାଣି । ଜିଲ୍ଲାର ପରିଚୟ ତଥା ପାରମ୍ପରିକ ଛଉନୃତ୍ୟ ପ୍ରତି ଯୁବ ଗୋଷ୍ଟିଙ୍କୁ ଆକୃଷ୍ଟ ବଢାଇବା ପାଇଁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ମୟୁରଭଞ୍ଜ ଜିଲ୍ଲା ପାରମ୍ପରିକ ନୃତ୍ୟ ଛଉର ୬ଦିନିଆ ତାଲିମ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ଠାରେ ପ୍ରୋଜେକ୍ଟ ଛାଉଣୀ' ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ମୟୂରଭ ଛଉନୃତ୍ୟର ସଂରକ୍ଷଣ ସାଙ୍ଗକୁ ଏହାର ଅଧିକ ପ୍ରଚାର ପ୍ରସାର ସକାଶେ ଜିଲ୍ଲାପ୍ରଶାସନ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଛି । ଉକ୍ତ ତାଲିମ କର୍ମଶାଳାରେ ଗ୍ରାମାଞ୍ଚଳର ଛଉନୃତ୍ୟ ଶିଳ୍ପୀଙ୍କ ସମେତ ବାରିପଦାସ୍ଥିତ ଉତ୍ତରସାହି ଓ ଦକ୍ଷିଣସାହି ଛଉନୃତ୍ୟ ପ୍ରତିଷ୍ଠାନର ବହୁ କଳାକାର ସାମିଲ ହୋଇଥିଲେ । ଏହା ସାଙ୍ଗକୁ ଅନେକ ଯୁବକଙ୍କୁ ପ୍ରଥମକରି ଛଉ ନୃତ୍ୟ ଶିକ୍ଷା ମଧ୍ୟ ପ୍ରଦାନ କରାଯାଇଥିଲା । ଜିଲ୍ଲାର ଲୋପ ପାଇବାକୁ ବସିଥିବା ଏହି ପାରମ୍ପାରିକ ନୃତ୍ୟର ବିକାଶ କରିବାକୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏହି ଉଦ୍ୟମ ଆରମ୍ଭ କରାଯାଇଛି । ଏହା ସହିତ ବର୍ତ୍ତମାନ ନୃତ୍ୟକାରଙ୍କ ନୃତ୍ୟ ସଂଶୋଧନ ପାଇଁ ଉକ୍ତ କର୍ମଶାଳାରେ କରାଯାଇଥିଲା । ଏଥିରେ ବାରିପଦା ଦକ୍ଷିଣସାହି ଛଉନୃତ୍ୟର ପାଗୁଲୁ ଜେନା, ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ରାମଚନ୍ଦ୍ର ଦାସ ଏବଂ ବାମନଘାଟି ଛଉନୃତ୍ୟ ପ୍ରତିଷ୍ଠାନର ତ୍ରିଲୋଚନ ମହାନ୍ତ ପ୍ରମୁଖ ପ୍ରଶିକ୍ଷକ ମାନେ କର୍ମଶାଳାରେ ଯୋଗଦେଇଥିବା ନୃତ୍ୟଶିଳ୍ପୀମାନଙ୍କୁ ଅଭ୍ୟାସ ଏବଂ ତାଲିମ ପ୍ରଦାନ କରିଥିଲେ । ଏଥିରେ ଦିଲ୍ଲୀରେ ଅବସ୍ଥାନ କରୁଥିବା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନରେ ଭୂଷିତ ଛଉନୃତ୍ୟ ଗୁରୁ ଜନ୍ମେଜୟ ସାଏବାବୁ ନୃତ୍ୟ ଶୈଳୀ ବାବଦରେ ମଧ ତାଲିମ ଦେଇଥିଲେ । ମୟୂରଭଞ୍ଜ ଛଉରେ ବ୍ୟବହୃତ ହୋଇଥିବା ଶାସ୍ତ୍ରୀୟ ଅଙ୍ଗଭଙ୍ଗୀ ଏବଂ ଅଭିନୟ ବାବଦରେ ତାଲିମ ନେବା ପାଇଁ ବିଦେଶୀ ନୃତ୍ୟ ଶିଳ୍ପୀ ମଧ ଯୋଗ ଦେଇଥିଲେ । ଏଥିରେ ଛଉନୃତ୍ୟର ମୌଳିକ କୌଶଳ ସମୂହର ତାଲିମ ପ୍ରଦାନ କରାଯାଇଥିଲା ।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ପ୍ରତିଭା ସମ୍ମାନ



ଭଦ୍ରକ,୧୦।୦୧ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ବାର୍ଷିକ ପ୍ରତିଷ୍ଠା ସ୍ମାରକୀ ଉତ୍ସବରେ ଜଗନ୍ନାଥ ସଂସ୍କୃତି ଭାବଧାରାରେ ସଂଶ୍ଳିଷ୍ଟ ଆଧାତ୍ମିକ ପ୍ରବଣ ଓ ସର୍ବୋପରି ମାନବୀୟ ଚିନ୍ତାଚେତନାର ପ୍ରତୀକ ସ୍ୱରୂପ ଭଦ୍ରକ ଅଞ୍ଚଳର କେତେକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି । ଏହି ଅବସରରେ ପଦ୍ମଲୋଚନ ମହାପାତ୍ରଙ୍କୁ 'ବଡଦାଣ୍ଡ ସେବକ', ଶ୍ରୀଧର ସାହୁଙ୍କୁ 'ଅଙ୍ଗ ସେବକ', ଅନାଦି ଚରଣ ସାହୁଙ୍କୁ 'ଆଜୀବନ ସେବକ', ବିଜୟ କୁମାର ବେହେରାଙ୍କୁ 'ବଡଦାଣ୍ଡ ସେବକ' ଉପାଧିରେ ସମ୍ମାନିତ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ମହିମାକୁ ଲୋକଲୋଚନକୁ ଆଣିବାରେ ସହଯୋଗ କରିଆସିଥିବା ଭଦ୍ରକର କିଛି ଗଣମାଧ୍ୟମର ପ୍ରତିନିଧିଙ୍କୁ ପ୍ରଶଂସାପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି । ପ୍ରତିଭା ପୂଜା ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର । ଏହାକୁ ଆଧାର କରି ପ୍ରଚାର ସମିତି ପକ୍ଷରୁ ପ୍ରତିଭା ସମ୍ମାନ ପ୍ରତିବର୍ଷ କରାଯାଇ ଆସୁଅଛି । ଚଳିତ ବର୍ଷର ଏହି ଉତ୍ସବରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମା, ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ବଳରାମ ମହାନ୍ତି, ମଦନ ମୋହନ ମହାନ୍ତି, ପଦ୍ମଲୋଚନ ମହାପାତ୍ର, ପ୍ରଫୁଲ୍ଲ ପରିଡା, କାହ୍ନୁଚରଣ ଦାଶ, ସନାତନ ସାହୁ, ସଦାନନ୍ଦ ପାଣିଗ୍ରାହୀ, ବିକାଶ ଚନ୍ଦ୍ର ଶତପଥୀ, କମଳାକାନ୍ତ ମଲ୍ଲିକ, ନିଶାକର ସାହୁ, ନାରାୟଣ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ଦାଶ, ବିଜୟ କୁମାର ବାରିକ ପ୍ରମୁଖ ବହୁ ସେବକ ସେବିକା ଯୋଗ ଦେଇଥିଲେ ।

# ଓଡ଼ିଶା ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ

## ଗଙ୍ଗାଧର ରାଉତ ହେଲେ ସଭାପତି



ବାଲେଶ୍ୱର,୧୦।୦୧ (ନି.ପ୍ର): ଓଡ଼ିଶା ସାମ୍ବାଦିକ ଉନିଅନ୍ ବାଲେଶ୍ୱର ଜିଲ୍ଲା ଶାଖାର ଦ୍ୱିବାର୍ଶିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ଆଜି ହୋଟେଲ ମେରି ଡି ଆନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ କଟକଣା ମଧ୍ୟରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ରେ ବ୍ୟାଘାତ ସୃଷ୍ଟି ହେବା ସମ୍ପକରେଏଥିରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ କିଭଳି ଭାବରେ ଅଧିକ ମାତ୍ରାରେ କରାଯାଇପାରିବ, ନୂତନ ଭାବେ ସଭ୍ୟ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱ ଆରୋପ କରଯାଇଥିଲା । ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେ ଭଳି ଦୁର୍ବ୍ୟବହାର ଓ ଆକ୍ରମଣ କର ।ଯାଇଛି ତାହାର ନିନ୍ଦା କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା । ଏଥି ସହିତ ଗଣମାଧ୍ୟମ ପ୍ରତିନିଧିମାନେ ନିଜର ପଦ ମର୍ଯ୍ୟାଦା ଓ ଗାରିମା କୁ ଦୃଷ୍ଟିରେ ରଖି ଶୋଭନୀୟ ଆଚରଣ ପ୍ରଦର୍ଶନ ଏବଂ ଲୋକଙ୍କ ପାଖରେ ପ୍ରକୃତ ତଥ୍ୟ ଉପସ୍ଥାପନ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବିମା କଲ୍ୟାଣ ଯୋଜନା ୫ ଲକ୍ଷ ଟଂକା କୁ ବୃଦ୍ଧି କରିବା ପାଇଁ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ବେଳେ ଏହାକୁ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ୱାଗତ କରଯାଇଥିଲା । ଆଗକୁ ସାମ୍ବାଦିକ ମାନଂକୁ ବିଭିନ୍ନ ବିଷୟ ସଂପର୍କରେ ସଚେତନ ଓ ଅବଗତ କରାଇବା ପାଇଁ ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଆୟୋଜନ କରାଯିବବୋଲି ନବ ନିର୍ବାଚିତ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ପ୍ରତିଶ୍ରୁତି ଦେଇଥିଲେ । ସଂଘର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇ ସଭାପତି ଭାବେ ଗଙ୍ଗାଧର ରାଉତ, କାର୍ଯ୍ୟକାରୀ ସଭାପତି ରତି କାନ୍ତ ପାତ୍ର, ସଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଯୁଗ୍ମ ସମ୍ପାଦକ ଉତ୍କଳ ବନ୍ଧୁ ପଣ୍ଡା, ସଂଗଠନ ସଂପାଦକ, ମାନସ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ସୁରେଶ ଦାସ, ସଭ୍ୟ ଗ୍ରହଣ ଆବାହକ ଉବାଚକ ମହାନ୍ତି, ଜାତୀୟ କାର୍ଯ୍ୟକାରୀ ସଦସ୍ୟ ରାମନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ପଣ୍ଡା, ଏ୍ୱଂ ବାଲେଶ୍ୱର ସଦର ପାଇଁ ଉପସଭାପତି ଭାବେ ମନୋଜ କୁମାର ରାଉଳ, ପୌରାଞ୍ଚଳ ପାଇଁ ହାଇଦର ଖାଁ, ଖଇରା ପାଇଁ ଦୟାନିଧି ମହାପାତ୍ର, ସୋରୋ ପାଇଁ ନନ୍ଦ କିଶୋର ସାହୁ, ଔପଦା ପାଇଁ ନୀଳାମ୍ବର ପଣ୍ଡା, ରେମୁଣା ପାଇଁ ରବୀନ୍ଦ୍ର କୁମାର ମହାକୁଡ଼, ବାହାନଗା ପାଇଁ ଅରୁପ କୁମାର ଦାସ, ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବେ ଶିବ ଦାସ କୁଣ୍ଡୁ, ଶିଶିର କୁମାର ଦାସ ଙ୍କୁ ରଖା ଯାଇଛି । ସଭା ଆରମ୍ଭରେ ବାଲେଶ୍ୱର ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ସଲୋମନ୍ ସାହୁ, ତାରିଣୀ ପାଢ଼ୀ ଓ ଆଜି ଳକ୍ଷ୍ମଙ୍କସୟ ରେ ମୃତ୍ୟୁ ବରଣ କରିଥିବା ହରିଶ ଚନ୍ଦ୍ର ସ ଙ୍କ ପାଇଁ ଏକ ମିନିଟ ଶୋକ ପ୍ରକାଶ କରଯାଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo